୬ ପାକିସ୍ତାନକୁ ନିଜ ମାଟିରେ ହରାଇ ଇତିହାସ ରଚିଲା ବାଂଲାଦେଶ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
TM
ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages,₹ 2.00
● ବର୍ଷ–୩୧ ● ସଂଖ୍ୟା–୨୦୯ ● ୨୬ ଅଗଷ୍ଟ ୨୦୨୪, ସୋମବାର ● ଭୁବନେଶ୍ୱର ● Vol -31 ● Issue-209 ● 26th August 2024, Monday ● Bhubaneswar
Licensed to post without pre-payment of postage No- BN-60/22-24

# ମହିଳା ବିରୋଧୀ ହିଂସାରେ ସାମିଲ ବ୍ୟକ୍ତିଙ୍କୁ ଆଦୌ ଛଡାଯିବ ନାହିଁ

**ମୁମ୍ବାଇ, ୨୫।୮**

ଦେଶରେ ମହିଳା ବିରୋଧୀ ହିଂସା ବଢୁଥିବା ବେଳେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅପରାଧୀମାନଙ୍କୁ କଡ଼ା ବାର୍ତ୍ତା ଦେଇଛନ୍ତି। ଯେଉଁମାନେ ମହିଳା ବିରୋଧୀ ଅପରାଧରେ ସାମିଲ ଅଛନ୍ତି, ସେମାନଙ୍କୁ ଆଦୌ ଛଡା ଯିବ ନାହିଁ ବୋଲି ଶ୍ରୀ ମୋଦି ପ୍ରତିଶ୍ରୁତି ଦେଇଛନ୍ତି।



ମହାରାଷ୍ଟ୍ରର ଜଲଗାଓଁରେ ଆୟୋଜିତ ଲକ୍ଷପତି ଦିଦି କାର୍ଯ୍ୟକ୍ରମରେ ମୋଦି କୋଲକାତା, ବଦଲାପୁର ଓ ଆସାମରେ ଘଟିଥିବା ମହିଳା ବିରୋଧୀ ହିଂସା ପ୍ରସଙ୍ଗ ଉଠାଇଛନ୍ତି । ମହିଳା ବିରୋଧୀ ଅପରାଧକୁ ସେ ଅକ୍ଷମଣୀୟ ପାପ ଭାବେ ଅବିହିତ କରିଛନ୍ତି।

ସେ କହିଛନ୍ତି, ମହିଳାମାନଙ୍କ ସୁରକ୍ଷା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ମୁଁ ପୁଣିଥରେ ସବୁ ରାଜ୍ୟର ସରକାରମାନଙ୍କୁ କହିବାକୁ ଚାହେଁ ଯେ ମହିଳା ବିରୋଧୀ ଅପରାଧ ଅକ୍ଷମଣୀୟ ଅପରାଧ। ଯିଏ ବି ହେଉଥାଉ ନା କାହିଁକି, ଅପରାଧୀଙ୍କୁ ଆଦୌ ଛଡ଼ା ଯିବା କଥା ନୁହେଁ । ମହିଳାମାନଙ୍କ ସୁରକ୍ଷା ଓ ସମ୍ମାନ ଅକ୍ଷୁଣ୍ଣ ରଖିବାର ଦାୟିତ୍ୱ ସମାଜ ଓ ସରକାରଙ୍କର। ଆମେ ମହିଳାଙ୍କ ବିରୋଧରେ ହିଂସା ଘଟାଉଥିବା ଅପରାଧୀଙ୍କ ପାଇଁ ଆଇନକୁ ସଶକ୍ତ କରିବା ସହ ନୂଆ କଠୋର ଆଇନ ପ୍ରଣୟନ କରିଛୁ।

ଆଇନ କ୍ଷେତ୍ରରେ ସରକାର ନେଇଥିବା ପଦକ୍ଷେପଗୁଡ଼ିକ ସମ୍ପର୍କରେ ମଧ୍ୟ ଶ୍ରୀ ମୋଦି ଆଲୋକପାତ କରିଛନ୍ତି । ପ୍ରଚଳିତ ଆଇନରେ ସଂଶୋଧନ ଓ ପୀଡ଼ିତଙ୍କୁ ନ୍ୟାୟ ପ୍ରଦାନ ପାଇଁ ବ୍ୟବସ୍ଥାକୁ ଅଧିକ ସୁଗମ କରାଯାଇଥିବା ଶ୍ରୀ ମୋଦି କହିଛନ୍ତି।

ସେ କହିଛନ୍ତି, ପୂର୍ବରୁ ଅଭିଯୋଗ ହେଉଥିଲା ଯେ ଏଫଆଇଆର ପଞ୍ଜୀକରଣ ହେଉନାହିଁ । ଆମେ ଭାରତୀୟ ନ୍ୟାୟ ସଂହିତା ଆଣିଛୁ ଓ ଅନେକ ସଂଶୋଧନ କରିଛୁ। ଯଦି କୌଣସି ମହିଳା ଅଭିଯୋଗ କରିବାକୁ ଥାନାକୁ ଯିବାକୁ ଚାହୁଁ ନାହାନ୍ତି, ତାହେଲେ ସେ ଇ- ଏଫଆଇଆର କରିପାରିବେ। ଇ-ଏଫଆଇଆରକୁ କେହି ବି ବଦଳାଇ ପାରିବେ ନାହିଁ।

ବାହାଘର ପରେ ମହିଳାଙ୍କ ବିରୋଧରେ ଘଟୁଥିବା ହିଂସା ସମ୍ପର୍କରେ ମଧ୍ୟ ଶ୍ରୀ ମୋଦି ମତ ରଖିଛନ୍ତି। ଏପରି ଘଟଣା ପାଇଁ ଭାରତୀୟ ନ୍ୟାୟ ସଂହିତାରେ ସ୍ୱତନ୍ତ୍ର ଭାବେ ସଂଶୋଧନ କରାଯାଇଛି। ମହିଳା ବିରୋଧୀ ଅପରାଧର ମୁକାବିଲା କରିବା ପାଇଁ ରାଜ୍ୟ ସରକାରମାନଙ୍କ ସହ କେନ୍ଦ୍ର ସରକାର ଦୃଢ ଭାବେ ଛିଡା ହୋଇଥିବା ସେ କହିଛନ୍ତି।

# ପୁଣି ଜିଲ୍ଲା ଗସ୍ତରେ ଯିବେ ସବୁ ସଚିବ
## ପାରଦର୍ଶିତା ପାଇଁ ଆସିବ ନୂଆ ଟେକ୍ନୋଲୋଜି

**ଭୁବନେଶ୍ୱର, ୨୫।୮**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ବିଭାଗୀୟ ସଚିବମାନଙ୍କୁ ଜିଲ୍ଲା ଗସ୍ତରେ ଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଜେଡି ସରକାରରେ ସର୍ବେସର୍ବା ଭିକେ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ଯୋଗୁ ବିଭାଗୀୟ ସଚିବମାନଙ୍କ ଜିଲ୍ଲା ଗସ୍ତ ଉପରେ ଅଘୋଷିତ କଟକଣା ଲାଗିଥିଲା । ସେହିପରି ସରକାରୀ କାର୍ଯ୍ୟକ୍ରମର ପରିଚାଳନା ଓ ବ୍ୟବସ୍ଥାରେ ପାରଦର୍ଶିତା ଆଣିବା ପାଇଁ ନୂଆ ଟେକ୍ନୋଲୋଜି ଲାଗୁ କରିବାକୁ ସଚିବମାନଙ୍କୁ ପରାମର୍ଶ ଦିଆଯାଇଛି ।




ସୂଚନା ଅନୁସାରେ, ବିଭାଗୀୟ ସଚିବମାନଙ୍କୁ ସର୍ବନିମ୍ନ ୨ଦିନ ଜିଲ୍ଲା ଗସ୍ତରେ ଯିବା ପାଇଁ ମୁଖ୍ୟ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇସାରିଛନ୍ତି । ସଚିବମାନେ ଜିଲ୍ଲାଗସ୍ତରେ ଯାଇ ସରକାରଙ୍କ ପ୍ରମୁଖ ଯୋଜନା ଓ କାର୍ଯ୍ୟକ୍ରମଗୁଡ଼ିକର କାର୍ଯ୍ୟାନ୍ୱୟନର ତଦାରଖ କରିବା ସହ ସାଧାରଣ ଲୋକଙ୍କୁ ବିଭିନ୍ନ ସରକାରୀ ସେବା ପ୍ରଭାବୀ ଢଙ୍ଗରେ ମିଳୁଛି କି ନାହିଁ ତାହା ଦେଖିବେ । ସରକାରୀ ଯୋଜନା ଓ କାର୍ଯ୍ୟକ୍ରମକୁ କିଭଳି ଅଧିକ ସଫଳତାର ସହ କାର୍ଯ୍ୟକାରୀ କରିହେବ ସେନେଇ ମଧ୍ୟ ମତାମତ ଦେବାକୁ ସଚିବମାନଙ୍କୁ କୁହାଯାଇଛି। ଏହାସହିତ ବିଭିନ୍ନ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମର ତଥ୍ୟ ଆଦିକୁ ଭଲ ଭାବେ ଅନୁଧ୍ୟାନ କରିବାକୁ ସଚିବମାନଙ୍କୁ ପରାମର୍ଶ ଦିଆଯାଇଛି, ଯାହାକି ସେମାନଙ୍କୁ ଉପଯୁକ୍ତ ନିଷ୍ପତ୍ତି ନେବାରେ ସହାୟକ ହୋଇପାରିବ। ଏବେ ସଚିବମାନେ ପୂର୍ବଭଳି ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନର ତଦାରଖ କରିପାରିବେ। (ପୃଷ୍ଠା ୭ରେ)

## ହେଜବୁଲ୍ଲାର ୧୦୦୦ରୁ ଅଧିକ ରକେଟ୍ ଲଞ୍ଚର ଧ୍ୱଂସ କଲା ଇସ୍ରାଏଲ



**ଜେରୁଜେଲମ, ୨୫।୮**

ମଧ୍ୟପ୍ରାଚ୍ୟରେ ଆରମ୍ଭ ହୋଇଯାଇଛି ଯୁଦ୍ଧ। ଇସ୍ରାଏଲ ଏବଂ ଇରାନ ସମର୍ଥିତ ଆତଙ୍କବାଦୀ ସଂଗଠନ ହେଜବୁଲ୍ଲା ମଧ୍ୟରେ ରବିବାର ଭୋରୁ ଲଢ଼େଇ ଆରମ୍ଭ ହୋଇଯାଇଛି । ଲେବାନନରୁ ହେଜବୁଲ୍ଲା ପକ୍ଷରୁ ଇସ୍ରାଏଲ ଉପରେ ସକାଳୁ ୩୦୦ରୁ ଅଧିକ ରକେଟ୍ ମାଡ଼ କରାଯାଇଛି । ଏହାର କଡ଼ା ଜବାବ ଦେଇଛି ଇସ୍ରାଏଲ। ହେଜବୁଲ୍ଲାର ରକେଟ୍ ମାଡ଼କୁ ପ୍ରତିହତ କରିବା ଲାଗି ଇସ୍ରାଏଲ ବାୟୁସେନା ପକ୍ଷରୁ ଏୟାରଷ୍ଟ୍ରାଇକ କରାଯାଇଛି । ୧୦୦ରୁ ଅଧିକ ଯୁଦ୍ଧ ବିମାନ ଆକାଶମାର୍ଗରୁ ହେଜବୁଲ୍ଲା ରକେଟ୍ ଲଞ୍ଚରଗୁଡ଼ିକୁ ଧ୍ୱଂସ କରିଦେଇଛନ୍ତି।

ଭୋର ସମୟରେ ହେଜବୁଲ୍ଲା ପକ୍ଷରୁ ଲେବାନନରୁ ପ୍ରଥମେ ଇସ୍ରାଏଲ ଉପରେ ରକେଟ ମାଡ଼ କରାଯାଇଥିଲା। ଏହା ପରେ ଇସ୍ରାଏଲ ଦକ୍ଷିଣ ଲେବାନନ ଉପରେ ଏୟାରଷ୍ଟ୍ରାଇକ କରିଥିଲା। ଏହି ଅଞ୍ଚଳରୁ ଆତଙ୍କବାଦ କାର୍ଯ୍ୟକଳାପ ବିସ୍ତାର କରୁଥିବା ହେଜବୁଲ୍ଲାର ୧ ହଜାରରୁ ଅଧିକ ରକେଟ୍ ଲଞ୍ଚରକୁ ଇସ୍ରାଏଲି ଯୁଦ୍ଧ ବିମାନ ଧ୍ୱଂସ କରିଦେଇଥିଲେ ବୋଲି ଇସ୍ରାଏଲ ପ୍ରତିରକ୍ଷା (ପୃଷ୍ଠା ୭ରେ)

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚାପ

**ଭୁବନେଶ୍ୱର, ୨୫।୮**
**ନ୍ୟୁଜ୍ ବ୍ୟୁରୋ**

ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ରବିବାର ଦକ୍ଷିଣ ବାଂଲାଦେଶ ଏବଂ ସଂଲଗ୍ନ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ଏନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତି କରିବ। ଏହା ଧିରେ ଧିରେ ଘନୀଭୂତ ହୋଇ ଆଗାମୀ ୨ ଦିନ ମଧ୍ୟରେ ଉତ୍ତର ଓଡ଼ିଶା ଓ ଝାଡ଼ଖଣ୍ଡ ଆଡକୁ ମୁହାଁଇବ। ଏହାର ପ୍ରଭାବରେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ବର୍ଷାର ସମ୍ଭାବନା ରହିଛି। ଏନେଇ ସୋମବାର ସୁଦ୍ଧା ୪ ଜିଲ୍ଲାକୁ ଅରେଞ୍ଜ ଏବଂ ୧୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି । ଏପରିକି ୪ ଜିଲ୍ଲାରେ ୭ରୁ ୨୦ ସେମି ପର୍ଯ୍ୟନ୍ତ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି।



ପାଣିପାଗ ବିଜ୍ଞାନୀଙ୍କ ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ଦୁଇ ସପ୍ତାହରେ ରାଜ୍ୟରେ ବର୍ଷାର ପରିମାଣ ସ୍ୱାଭାବିକଠାରୁ ଅଧିକ ରହିବ । ରାଜ୍ୟର ଉପକୂଳ, ପଶ୍ଚିମ ଓ ଉତ୍ତର ଭାଗରେ ଅଧିକ ବର୍ଷାର ସମ୍ଭାବନା ରହିଛି। ତେବେ ଚଳିତ ମୌସୁମୀ ଋତୁରେ ଗତ ଜୁନ ୧ ତାରିଖରୁ ଆଜି ସୁଦ୍ଧା ରାଜ୍ୟରେ ସ୍ୱାଭାବିକ ବର୍ଷାଠାରୁ କମ୍ ହୋଇଛି । ଏହି ସମୟ ମଧ୍ୟରେ ୮୪୫ ଦଶମିକ ୮ ମିଲିମିଟର ସ୍ୱାଭାବିକ ବର୍ଷା ହେବାକୁ ଥିବାବେଳେ ରାଜ୍ୟରେ ୭୬୪ ମିଲିମିଟର ବର୍ଷା ହୋଇଛି।

# ୧୭ରେ ଓଡ଼ିଶା ଆସିବେ ମୋଦି: ତାଙ୍କ ହାତରେ ହେବ 'ସୁଭଦ୍ରା' ଶୁଭାରମ୍ଭ

**ଭୁବନେଶ୍ୱର, ୨୫।୮**
**ନ୍ୟୁଜ୍ ବ୍ୟୁରୋ**

ସେପ୍ଟେମ୍ବର ୧୭ରେ ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ପ୍ରଧାନ ମନ୍ତ୍ରୀ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବାକୁ ଓଡ଼ିଶା ଆସିବା କାର୍ଯ୍ୟକ୍ରମ ରହିଛି । ଏ ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପୁରୀରୁ ସୂଚନା ଦେଇଛନ୍ତି । ଶ୍ରୀ ମୋଦି ତାଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭ରେ ଓଡ଼ିଶା ଆସିବେ । ସେହି ଦିନ ପ୍ରଧାନମନ୍ତ୍ରୀ ଓଡ଼ିଶାରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବେ।



ସୁଭଦ୍ରା ଯୋଜନାରେ ମହିଳାମାନଙ୍କୁ ୫୦ ହଜାର ଟଙ୍କା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇ ରାଜ୍ୟରେ କ୍ଷମତାକୁ ଆସିଥିବା ଭାଜପା ସରକାର ଏହି ଯୋଜନାର ଏସଓପି ଆଣିଛନ୍ତି। ଏହି ଯୋଜନା ଅଧୀନରେ ୨୧ରୁ ୬୦ ବର୍ଷର ମହିଳାଙ୍କୁ ଆର୍ଥିକ ସହାୟତା ମିଳିବ। ପ୍ରତିବର୍ଷ ରାକ୍ଷୀ ପୂର୍ଣ୍ଣିମା ଓ ମହିଳା ଦିବସରେ ଏହି ଟଙ୍କା ପ୍ରଦାନ କରାଯିବ। ଆସନ୍ତା ୫ ବର୍ଷ ପର୍ଯ୍ୟନ୍ତ ଏହି ସହାୟତା ରାଶି ମିଳିବ । ଏହି ଯୋଜନାରେ ରାଜ୍ୟର ୧ କୋଟିରୁ ଅଧିକ ମହିଳା ଉପକୃତ ହେବେ।

ସରକାର ପ୍ରକାଶ କରିଥିବା ବିସ୍ତୃତ ଏସଓପିରେ ସୁଭଦ୍ରା ଯୋଜନା ପାଇଁ କିଭଳି ଆବେଦନ କରିବେ ସେନେଇ ସୂଚନା ଦେଇଛନ୍ତି। ରାଜ୍ୟର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ର, ବ୍ଲକ କାର୍ଯ୍ୟାଳୟରେ ଯୋଗ୍ୟ ହିତାଧିକାରୀମାନେ ଆବେଦନ କରିପାରିବେ। ଏଥିସହିତ ମୋ ସେବା କେନ୍ଦ୍ର, ଜନ ସେବା କେନ୍ଦ୍ରରେ ମଧ୍ୟ ଆବେଦନ କରିହେବ। ଏସବୁ ଜାଗାରେ ମାଗଣାରେ ଫର୍ମ ମିଳିବ, ଯେଉଁଥିରେ ଲୋକେ ଆବେଦନ କରିବେ। ସେହିପରି ଯୋଜନା ସମ୍ପର୍କିତ ସୂଚନା ପାଇଁ ଏକ କଲ ସେଣ୍ଟର ମଧ୍ୟ କାର୍ଯ୍ୟକ୍ଷମ ହେବ।

ତେବେ ଏହି ଯୋଜନାର ଲାଭ କେଉଁମାନେ ପାଇବେ ଏବଂ କେଉଁମାନେ ବାଦ ପଡ଼ିବେ ସେନେଇ ମଧ୍ୟ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି । ଆର୍ଥିକ ସ୍ୱଚ୍ଛଳ ବର୍ଗର ମହିଳା ଏହି ଯୋଜନାରୁ ବଞ୍ଚିତ ହେବେ। (ପୃଷ୍ଠା ୭ରେ)

# ବଢୁଛି ହୀରାକୁଦ ଡ୍ୟାମ୍‌ର ଜଳସ୍ତର
## ଖୋଲିଲା ଆଉ ୬ଟି ଗେଟ୍

**ହୀରାକୁଦ, ୨୫।୮**
**ନ୍ୟୁଜ୍ ବ୍ୟୁରୋ**

ଉପରମୁଣ୍ଡରେ ବର୍ଷା ହେବା ଯୋଗୁ ବୃଦ୍ଧି ପାଉଛି ହୀରାକୁଦ ଡ୍ୟାମ୍‌ର ଜଳସ୍ତର। ରବିବାର ଆଉ ୬ଟି ଗେଟ୍ ଖୋଲିଛି ।୨୦ଟି ଗେଟ୍ ଦେଇ ଡ୍ୟାମ୍‌ରୁ ୩ଲକ୍ଷ ଘନ ଫୁଟ ବନ୍ୟାଜଳ ନିଷ୍କାସିତ ହେଉଛି।



ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ୬୨୧.୯୭ ଘନଫୁଟ ଥିବା ବେଳେ ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୩ ଲକ୍ଷ ୫୯ କ୍ୟୁସେକ ଜଳ ପ୍ରବେଶ କରୁଛି । ପ୍ରତି ସେକେଣ୍ଡରେ ଜଳଭଣ୍ଡାରରୁ ୨ ଲକ୍ଷ ୫୯ କ୍ୟୁସେକ ଜଳ ନିଷ୍କାସିତ ହେଉଛି।

ହୀରାକୁଦ ଡ୍ୟାମ୍‌ରେ ଗେଟ୍ ଖୋଲାଯିବା ପୂର୍ବରୁ ତଳିଆ ଅଞ୍ଚଳର ଲୋକଙ୍କୁ ସତର୍କ ରହିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅବଗତ କରାଯାଇଥିଲା। ତେବେ ଗେଟ୍ ଖୋଲାଯିବା ଯୋଗୁ ତଳିଆ ଅଞ୍ଚଳରେ ବନ୍ୟା ହେବାର କୌଣସି ଆଶଙ୍କା ନାହିଁ।

ସୂଚନାଯୋଗ୍ୟ, ଆଗକୁ ଲଘୁଚାପ ହେବାର ସମ୍ଭାବନା ଥିବାରୁ ଉପମୁଣ୍ଡରେ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ଫଳରେ ହୀରାକୁଦ ଡ୍ୟାମ୍‌ର ଜଳସ୍ତର ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଯଦି ୨୦ରୁ ଅଧିକ ଗେଟ୍ ଖୋଲେ ତାହା ହେଲେ ତଳିଆ ଅଞ୍ଚଳରେ ବନ୍ୟା ହେବାର ଆଶଙ୍କା ରହିଛି।

# ରାଜନୀତିକୁ ଆସିବାକୁ ଆଗ୍ରହୀ ଥିବା ଯୁବପିଢିଙ୍କୁ ମୋଦିଙ୍କ ଗୁରୁମନ୍ତ୍ର

**ନୂଆଦିଲ୍ଲୀ, ୨୫।୮**

ଦେଶବାସୀଙ୍କୁ ମନର କଥା କହିଲେ ପ୍ରଧାନମନ୍ତ୍ରୀ । ରବିବାର ମନ କି ବାତର ୧୧୩ତମ ସଂସ୍କରଣରେ ଶ୍ରୀ ମୋଦି ରାଜନୀତିକୁ ଆସିବାକୁ ଇଚ୍ଛୁକ ଥିବା ଯୁବପିଢିଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। ବର୍ତ୍ତମାନର ଯୁବକ ରାଜନୀତିକୁ ଆସିବାକୁ ଆଗ୍ରହୀ ଅଛନ୍ତି ଏବଂ ସେମାନଙ୍କୁ କେବଳ ସଠିକ ମାର୍ଗଦର୍ଶନର ଆବଶ୍ୟକତା ରହିଥିବା କହିଛନ୍ତି ପ୍ରଧାନମନ୍ତ୍ରୀ।



ପ୍ରଧାନମନ୍ତ୍ରୀ କହିଛନ୍ତି, ଚଳିତ ବର୍ଷ ମୁଁ ଲାଲ୍‌କିଲ୍ଲାରୁ ରାଜନୈତିକ ପୃଷ୍ଠଭୂମି ନଥିବା ଏକ ଲକ୍ଷ ଯୁବକଙ୍କୁ ରାଜନୀତିକୁ ଆସିବାକୁ ଆହ୍ୱାନ ଦେଇଛି। ଏହାକୁ ନେଇ ମୋତେ ଜବରଦସ୍ତ ପ୍ରତିକ୍ରିୟା ବି ମିଳିଛି। ଏଥିରୁ ଜଣାପଡୁଛି ଆମ ଦେଶର ଅନେକ ଯୁବକ ରାଜନୀତିରେ ପ୍ରବେଶ କରିବାକୁ ଇଚ୍ଛୁକ ଅଛନ୍ତି। ସେମାନେ କେବଳ ଉପଯୁକ୍ତ ସୁଯୋଗ ଏବଂ ସଠିକ ମାର୍ଗଦର୍ଶନ ଖୋଜୁଛନ୍ତି'। ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ପରାମର୍ଶ ପଠାଇଥିବାରୁ ମୁଁ ସମସ୍ତଙ୍କୁ ଧନ୍ୟବାଦ ଦେଉଛି । ସ୍ୱାଧୀନତା ସଂଗ୍ରାମ ସମୟରେ ମଧ୍ୟ ସମାଜର ପ୍ରତ୍ୟେକ ବର୍ଗର ଅନେକ ଲୋକ ଆଗକୁ ଆସିଥିଲେ। ଯେଉଁମାନଙ୍କର କୌଣସି ରାଜନୈତିକ ପୃଷ୍ଠଭୂମି ନ ଥିଲା ଭାରତର ସ୍ୱାଧୀନତା ପାଇଁ ସେମାନେ ନିଜକୁ ବଳିଦାନ ଦେଇଥିଲେ। ଏକ ବିକଶିତ ଭାରତର ଲକ୍ଷ୍ୟ ହାସଲ କରିବାକୁ ଆଜି ଆମକୁ ପୁଣି ଥରେ ସମାନ ଉତ୍ସାହର ଆବଶ୍ୟକତା ରହିଛି । ମୁଁ ଆଶା କରୁଛି ଯେ, ବର୍ତ୍ତମାନ ଆମର ସାମୂହିକ ଉଦ୍ୟମ ସହିତ ରାଜନୈତିକ ପୃଷ୍ଠଭୂମି ନ ଥିବା ଭଳି ଯୁବକମାନେ ମଧ୍ୟ ରାଜନୀତିରେ ଆଗକୁ ବଢ଼ିପାରିବେ। ସେମାନଙ୍କ ଅଭିଜ୍ଞତା ଏବଂ ସେମାନଙ୍କର ଉତ୍ସାହ ଦେଶ ପାଇଁ ଉପଯୋଗୀ ହେବ ବୋଲି ଶ୍ରୀ ମୋଦି କହିଛନ୍ତି । ସେହିଭଳି ପରିବାରବାଦ ରାଜନୀତି କଥା କହି ଏହା ପ୍ରତିଭାକୁ ଦମନ କରିଥାଏ ବୋଲି କହିଛନ୍ତି ଶ୍ରୀ ମୋଦି।

ରବିବାର ମନ କି ବାତ୍‌ରେ ମୋଦି ଅନ୍ତରୀକ୍ଷ ବୈଜ୍ଞାନିକଙ୍କ କଥା ମଧ୍ୟ କହିଛନ୍ତି। ଚନ୍ଦ୍ରାୟାନ-୩ର ସଫଳତା ସମ୍ପର୍କରେ ସେ ବଖାଣିଛନ୍ତି। ଶ୍ରୀ ମୋଦି କହିଛନ୍ତି 'ଅନ୍ତରୀକ୍ଷ କ୍ଷେତ୍ରରେ ସଂସ୍କାର ଦ୍ୱାରା ଯୁବକଙ୍କୁ ଫାଇଦା ମିଳିଛି। ଏହାଦ୍ୱାରା ବିକଶିତ ଭାରତର ମୂଳଦୁଆ ମଜଭୂତ ହେଉଛି'। ସେହିପରି ହର ଘର ତ୍ରିରଙ୍ଗା ଅଭିଯାନ ଦେଶକୁ ଗୋଟିଏ ସୂତ୍ରରେ ବାନ୍ଧିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ମୋର ସମସ୍ତ ଯୁବବର୍ଗ ବନ୍ଧୁମାନଙ୍କୁ ନିଶ୍ଚିତ ଭାବରେ ଏହି ଅଭିଯାନରେ ଯୋଗଦେବାକୁ କହିବି।

## ୟୁକ୍ରେନରୁ ଫେରିବା ପରେ ମୋଦିଙ୍କୁ ନିମନ୍ତ୍ରଣ ପଠାଇଲା ପାକିସ୍ତାନ

**ଇସଲାମବାଦ, ୨୫।୮**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପାକିସ୍ତାନ ପଠାଇଛି ନିମନ୍ତ୍ରଣ। କାଉନସିଲ ଅଫ ହେଡ୍‌ସ ଅଫ ସରକାରୀ (ସିଏଚଜି) ବୈଠକରେ ଯୋଗ ଦେବାକୁ ପାକିସ୍ତାନ ନିମନ୍ତ୍ରଣ କରିଛି। ଅକ୍ଟୋବର ୧୫ ଏବଂ ୧୬ରେ ଇସଲାମାବାଦରେ ଏହି ବୈଠକ ଅନୁଷ୍ଠିତ ହେବ ଏବଂ ଏଥିରେ ଚାଇନା ଯୋଗଦେବାର ଆଶା ରହିଛି। ଏଥିରେ ଯୋଗଦେବାକୁ ସାଂଘାଇ ସହଯୋଗ ସଂଗଠନ (ଏସସିଓ)ର ନେତାମାନଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଛି।

ତେବେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଏପର୍ଯ୍ୟନ୍ତ ନିମନ୍ତ୍ରଣ ଗ୍ରହଣ କରିନାହାନ୍ତି। ଯଦି ସେ ଏହାକୁ ଗ୍ରହଣ କରନ୍ତି ତେବେ ସେ ଏଥିରେ ଭାଗ ନେବାକୁ ଯିବେ ବୋଲି ଆଶା କରାଯାଉ ନାହିଁ । ମୋଦି ଏହି ବୈଠକ ପାଇଁ ଜଣେ ଭାରତୀୟ ପ୍ରତିନିଧୀଙ୍କୁ ପଠାଇବେ ନା ଏହି ବୈଠକକୁ ବୟକଟ କରିବେ ସେ (ପୃଷ୍ଠା ୭ରେ)

## ଏକାଳ ସକାଳ



ଜଙ୍ଗଲ ଜମିକୁ ଭାବି ବାପ ଜମି
କରିଛନ୍ତି କାର୍ଯ୍ୟାଳୟ
ଏବେ ଯେବେ ଦୋଷ ଧରାପଡେ
ଲାଗେ କାହିଁ ପାଇଁ ଭୟ
ଗରମ ଲାଗେ ଅସତ୍ୟ
ଆଗପଛ ସବୁ ଅନ୍ଧାର ଦିଶଇ
ପୁରାପୁରି ନିଃସହାୟ।

# ଚନ୍ଦ୍ରରୁ ହିଲିୟମ ଆଣିବ ଚୀନ୍ ! ୧.୫ ଲକ୍ଷ କୋଟିରେ ପ୍ରସ୍ତୁତ କରୁଛି ମ୍ୟାଗ୍ନେଟିକ ସ୍ପେସ ଲଞ୍ଚର



**ନୂଆଦିଲ୍ଲୀ, ୨୫।୮**

କେବଳ ପୃଥିବୀରେ ନୁହେଁ, ବରଂ ମହାକାଶରେ ବି ଅନ୍ୟ ଦେଶ ସହ କଡ଼ା ପ୍ରତିଦ୍ୱନ୍ଦ୍ୱିତା କରୁଛି ଚୀନ । ଅନ୍ୟଗ୍ରହରୁ ମୂଲ୍ୟବାନ ଖଣିଜ ପଦାର୍ଥ ଆଣିବା ପାଇଁ ଜୋରସୋରରେ କାର୍ଯ୍ୟ ଜାରି ରଖିଛି । ଏହି କ୍ରମରେ ଚନ୍ଦ୍ରରୁ ପୃଥିବୀକୁ ହିଲିୟମ ଗ୍ୟାସ ଆଣିବା ଲାଗି ଚୀନ ବୈଜ୍ଞାନିକମାନେ ପ୍ରୟାସ ଜାରି ରଖିଛନ୍ତି। ଏଥିପାଇଁ ମ୍ୟାଗ୍ନେଟିକ ସ୍ପେସ ଲଞ୍ଚର (ଏମଏସଏଲ୍) ନିର୍ମାଣ ପାଇଁ ପ୍ରସ୍ତୁତି କରୁଛନ୍ତି । ଏହି ଲଞ୍ଚରର ଓଜନ ପ୍ରାୟ ୮୦ ମେଟ୍ରିକ ଟନ୍ ହେବ। ଏହା ନିର୍ମାଣ କରିବାକୁ ୧.୫ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହା ମାଧ୍ୟମରେ ଚନ୍ଦ୍ରପୃଷ୍ଠରେ ଥିବା ଆଇସୋଟୋପ ହିଲିୟମ-୩କୁ ବାହାର କରି ପୃଥିବୀକୁ ଅଣାଯିବ।

ସାଙ୍ଘାଇ ଇନଷ୍ଟିଚ୍ୟୁଟ ଅଫ ସାଟେଲାଇଟ ଇଞ୍ଜିନିୟରିଂର ଗବେଷକଙ୍କ ସୂଚନା ଅନୁଯାୟୀ ହିଲିୟମ-୩ ନ୍ୟୁକ୍ଲିୟର ଫ୍ୟୁଜନ ଦ୍ୱାରା ସ୍ୱଚ୍ଛ ଇନ୍ଧନ (ଶକ୍ତି) ମିଳିବ। କେବଳ ୨୦ ଟନ୍ ହିଲିୟମ-୩ ଚୀନ୍‌ର ବାର୍ଷିକ ଶକ୍ତି ଚାହିଦା ପୂରଣ ପାଇଁ ଯଥେଷ୍ଟ ହେବ । ମାତ୍ର ଏହି ଲଞ୍ଚରର ନିର୍ମାଣ କେବେଠୁ ହେବ ତାହାର କୌଣସି ସୂଚନା ଦିଆଯାଇ ନାହିଁ । ଚନ୍ଦ୍ରପୃଷ୍ଠରେ ୨୦ ବର୍ଷ ପର୍ଯ୍ୟନ୍ତ ତିଷ୍ଠିବା ଲକ୍ଷ୍ୟରେ ଏହାକୁ ପ୍ରସ୍ତୁତ କରାଯିବ । ଏହି ଏମ୍‌ଏସ୍‌ଏଲ ବିଦ୍ୟୁତ ଶକ୍ତି ଦ୍ୱାରା ଚାଲିବ। (ପୃଷ୍ଠା ୭ରେ)

# ଭାରତ ୨୦୨୭ରେ ଚନ୍ଦ୍ରଯାନ-୪ ଉତ୍କ୍ଷେପଣ କରିବ: ଇସ୍ରୋ

**ନୂଆଦିଲ୍ଲୀ, ୨୫।୮**

ଭାରତ ୨୦୨୭ରେ ଚନ୍ଦ୍ରଯାନ-୪ ଉତ୍କ୍ଷେପଣ କରିବ। ଜାତୀୟ ମହାକାଶ ଦିବସ ଅବସରରେ ଇସ୍ରୋ ମୁଖ୍ୟ ଏସ ସୋମନାଥ ଏହି ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଚନ୍ଦ୍ରଯାନ-୪ର ଡିଜାଇନ ଚୂଡ଼ାନ୍ତ ହୋଇସାରିଲାଣି । କେବଳ ସରକାରଙ୍କ ମଞ୍ଜୁରୀକୁ ଅପେକ୍ଷା କରାଯାଇଛି। ୨୦୨୭ରେ ପୃଥିବୀ ଏବଂ ଚନ୍ଦ୍ରର ସ୍ଥିତି ସମାନ ରହିବ । ଏକ ନିର୍ଦ୍ଦିଷ୍ଟ ସମୟରେ ଉଭୟଙ୍କ ମଧ୍ୟରେ ଦୂରତା ବହୁତ ହ୍ରାସ ପାଇବ। ଇସ୍ରୋ ଏହାର ଫାଇଦା ଉଠାଇବ। ଏହି ଅଭିଯାନରେ ଚନ୍ଦ୍ରପୃଷ୍ଠରୁ ୩-୫ କେଜି ମାଟି ଏବଂ ପଥର ନମୁନା ନେଇ ପୃଥିବୀକୁ ଫେରିବ। ଏହି ଯାନରେ ୫ଟି ଅଲଗା ଅଲଗା ମଡ୍ୟୁଲ ରହିବ । ଚନ୍ଦ୍ରରେ ପହଞ୍ଚିବା ପରେ ମୁଖ୍ୟ ଯାନରୁ ୨ଟି ମଡ୍ୟୁଲ ଅଲଗା ହୋଇ ପୃଷ୍ଠରେ ଅବତରଣ କରିବ। ଉଭୟେ ନମୁନା ସଂଗ୍ରହ କରିବେ। ପରେ ଆଉ ଏକ ମଡ୍ୟୁଲ ପଠାଯାଇ ତାହାକୁ (ପୃଷ୍ଠା ୭ରେ)








# ବାଂଲାଦେଶୀ ଅନୁପ୍ରବେଶ ରୋକିବାକୁ ସମ୍ବଲପୁରରେ ଖୋଲିଲା ରାଜ୍ୟର ପ୍ରଥମ କଣ୍ଟ୍ରୋଲ ରୁମ୍

**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**



ବାଂଲାଦେଶୀ ଅନୁପ୍ରବେଶ ରୋକିବାକୁ କଡ଼ା ପଦକ୍ଷେପ । ବାଂଲାଦେଶୀଙ୍କୁ ଜଗିବାକୁ ସମ୍ବଲପୁରରେ ଖୋଲିଲା ରାଜ୍ୟର ପ୍ରଥମ କଣ୍ଟ୍ରୋଲ ରୁମ୍ । ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ସହ ସହରର ପ୍ରତି ଛକରେ ଲାଗିଛି ସିସିଟିଭି କ୍ୟାମେରା। କୌଣସି ସନ୍ଦିଗ୍ଧ ବ୍ୟକ୍ତି ନଜରକୁ ଆସିଲେ ସହରବାସୀ ଖବର ଦେବା ପାଇଁ ସ୍ୱତନ୍ତ୍ର ମୋବାଇଲ ନମ୍ବର ଜାରି କରିଛି ପୋଲିସ୍ । ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଏହି ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ କାମ କରିବ । ସିପ୍ଟ ଅନୁସାରେ ୩ ଜଣ ଇନ୍ସପେକ୍ଟରଙ୍କୁ ନିୟୋଜିତ କରାଯାଇଛି । ଏହାସହ ସହରର ପ୍ରତି ଛକରେ ଲାଗିଛି ସିସିଟିଭି କ୍ୟାମେରା । କ୍ୟାମେରାରେ ସନ୍ଦିଗ୍ଧ ନଜରକୁ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବ ପୋଲିସ୍ । କଣ୍ଟ୍ରୋଲ ରୁମ୍‌କୁ ସୂଚନା ଆସିବା ମାତ୍ରେ ସେହି ଅଞ୍ଚଳର ଏସଡିପିଓଙ୍କୁ ତୁରନ୍ତ ସୂଚନା ଦିଆଯିବ । ସହରରେ କୌଣସି ସନ୍ଦିଗ୍ଧ ନଜରକୁ ଆସିଲେ ତୁରନ୍ତ ପୋଲିସକୁ ଖବର ଦେବାକୁ ଜନସାଧାରଣଙ୍କୁ ଅପିଲ୍ କରାଯାଇଛି । ଏଥିପାଇଁ ୮୭୬୩୫୭୪୨୯୨ ହ୍ୱାଟ୍ସଆପ ନମ୍ବର ଜାରି କରାଯାଇଛି। ସନ୍ଦିଗ୍ଧ ଧରାପଡିବା ପରେ ଅଭିଯୋଗ ହୋଇଥିବା ବ୍ୟକ୍ତି ପ୍ରକୃତରେ ବାଂଲାଦେଶୀ କି ନୁହେଁ, ତାହା ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ଜିଲ୍ଲା ପୋଲିସର ଏହି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି। ଏହାଦ୍ୱାରା ବାହାରୁ ଆସୁଥିବା ଲୋକେ ସତର୍କ ହେବା ସହ ବାଂଲାଦେଶୀ ଅନୁପ୍ରବେଶ ରୋକାଯାଇ ପାରିବ ବୋଲି କହିଛନ୍ତି ସ୍ଥାନୀୟ ଲୋକେ ।

# ହାଇକୋର୍ଟରେ ସ୍ଥଗିତ ରହିଲା ନର୍ଲା ବ୍ଲକ ଅଧ୍ୟକ୍ଷ ଉପନିର୍ବାଚନ

**ନର୍ଲା, ନ୍ୟୁଜ ବ୍ୟୁରୋ**

ସ୍ଥଗିତ ରହିଲା ନର୍ଲା ବ୍ଲକ ଅଧ୍ୟକ୍ଷ ଉପନିର୍ବାଚନ । ସମିତି ସଭ୍ୟ ପଦ ଖାଲି ପଡ଼ିଥିବାରୁ ଅଧ୍ୟକ୍ଷ ପଦ ଉପନିର୍ବାଚନ ନକରିବାକୁ ଆବେଦନର ବିଚାର କରି ହାଇକୋର୍ଟ ଏହି ରାୟ ଶୁଣାଇଛନ୍ତି । ନର୍ଲା ବ୍ଲକ ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତିଙ୍କ ଆବେଦନର ବିଚାର କରି କୋର୍ଟ ଏହି ରାୟ ଦେଇଛନ୍ତି । ସେପ୍ଟେମ୍ବର ୧୭ ତାରିଖ ଯାଏଁ ଉପନିର୍ବାଚନକୁ ସ୍ଥଗିତ



ରଖାଯାଇଛି । ବ୍ଲକ ଅଧ୍ୟକ୍ଷା ମନୋରମା ମହାନ୍ତି ବିଧାୟକ ଭାବେ ନିର୍ବାଚିତ ହୋଇ ପଦରୁ ଇସ୍ତଫା ଦେଇଥିଲେ । ସେ କରମେ ପଞ୍ଚାୟତରୁ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ । ତାଙ୍କ ଇସ୍ତଫା ପରେ ପଦ ଖାଲିପଡ଼ିଛି । ଏଣୁ ପ୍ରଥମେ ସମିତି ସଭ୍ୟ ଉପନିର୍ବାଚନ ହୋଇ ପରେ ଅଧ୍ୟକ୍ଷ ପଦ ପାଇଁ ଉପନିର୍ବାଚନ କରିବାକୁ ହାଇକୋର୍ଟରେ ଆବେଦନ ହୋଇଥିଲା ।

# ନିଧଡ଼କ ଗଛ କାଟୁଛନ୍ତି କାଠମାଫିଆ, ନିଘୋଡ଼ ନିଦରେ ବନ ବିଭାଗ

**ବ୍ୟାସନଗର, ନ୍ୟୁଜ ବ୍ୟୁରୋ**

ରାସ୍ତା କଡରେ ଗଦା ହୋଇଛି ଶହଶହ ସିପ୍ଟ କାଠ ଗଣ୍ଡି । କିଏ କାଟୁଛି, କୁଆଡେ ଯାଉଛି । କାହାକୁ ଜଣା ନାହିଁ । ପ୍ରତ୍ୟେକ ଦିନ ରାତିରେ ଶହଶହ ସିପ୍ଟ କାଠ ପଡୁଛି ଓ ରାତାରାତି ଉଭାନ ହେଇଯାଉଛି ।



ବେଆଇନ ଭାବରେ କାଠ ମାଫିଆ ମାନେ ନିକଟରେ ଥିବା ଜଙ୍ଗଲ କାଟି ସଫା କରିଦେଉଛନ୍ତି । ଆଉ ବନବିଭାଗ କାଠ ମାଫିଆମାନଙ୍କୁ ସୁରକ୍ଷା ଯୋଗାଉଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଲୋକେ । ବ୍ୟାସନଗର ତଥା କୋରେଇ ଅଞ୍ଚଳର ଅନେକ ଜଙ୍ଗଲ ଏବେ କାଠ ମାଫିଆଙ୍କ ପାଇଁ ଉଜୁଡିବାକୁ ବସିଲାଣି । କାହିଁକି ବେଆଇନ କାଠ କଟା ଉପରେ ରୋକ ଲଗାଇ ପାରୁନି ବନ ବିଭାଗ ତାହା ଏବେ ବଡ଼ ପ୍ରଶ୍ନ । ଏହା ଉପରେ ଉଚ୍ଚ ସ୍ତରୀୟ ତଦନ୍ତ କରି ମାଫିଆ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି ଲୋକେ । ପରିବେଶ ସୁରକ୍ଷା ପାଇଁ ସରକାର କୋଟିକୋଟି ଟଙ୍କା ଖର୍ଚ୍ଚକରି ଜଙ୍ଗଲ ସୃଷ୍ଟି କରୁଥିବାବେଳେ ଅନ୍ୟପଟେ କାଠ ମାଫିଆ ମାନେ ନିର୍ଭୟରେ ଜଙ୍ଗଲରୁ ଗଛ କାଟି ଲୁଟ କରୁଛନ୍ତି । ଜଙ୍ଗଲ ନଷ୍ଟ ପାଇଁ ଅନେକ ସମୟରେ ବନ୍ୟଜନ୍ତୁ ମାନେ ଜନବସତି ମୁହାଁ ହେଉଛନ୍ତି । ଭିକିପୁର ଠାରେ ଥିବା ଗଡ଼ଗଡି ଜଙ୍ଗଲରେ ବଡ଼ବଡ଼ ଗଛ କଟାଯାଇଛି । ବନବିଭାଗର କିଛି ଅସାଧୁ କର୍ମଚାରୀ ଓ କାଠ ମାଫିଆଙ୍କ ମଧୁଚନ୍ଦ୍ରିକାରେ ଜଙ୍ଗଲ ନଷ୍ଟ ହେଉଥିବା ଅଭିଯୋଗ ହେଉଛି । କଟା ଯାଉଥିବା ଜଙ୍ଗଲ ଉପରେ ବନ ବିଭାଗ କେବେ ଦୃଷ୍ଟି ଦେଉଛି ଓ କାଠ ମାଫିଆ ମାନଙ୍କ ବିରୁଦ୍ଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ତାକୁ ଦେଖିବାକୁ ଅପେକ୍ଷା ।

# ବେଆଇନ କଫ୍ ସିରପ ଚାଲାଣ ବେଳେ ମାଡ଼ିବସିଲା ପୋଲିସ : ୪ ଗିରଫ

**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**

ସମ୍ବଲପୁର ସିନ୍ଦୁରପଙ୍କ ନିକଟରେ ୨୪୦୦ ବୋତଲ କଫସିରପ ଜବତ। କୋଲକତାରୁ ସମ୍ବଲପୁରକୁ ବେଆଇନ ଭାବେ କଫ ସିରପ ଚାଲାଣ ହେଉଥିବା ବେଳେ ସମ୍ବଲପୁର ଅବକାରୀ ବିଭାଗ ଏହି କଫ ସିରପ ଜବତ କରିଛି। କୌଣସି ସୂତ୍ରରୁ ଖବର ପାଇ କୋଲକତାରୁ କଫ ସିରପ



ବୋଝେଇ ଏକ ଭ୍ୟାନକୁ ଟ୍ରାକ କରିଥିଲା ଅବକାରୀ ବିଭାଗ। ସିନ୍ଦୁରପଙ୍କ ନିକଟସ୍ଥ ଚୌଧୁରୀ ଛକ ନିକଟରେ ଅନଲୋଡ କରିବା ସମୟରେ ଅବକାରୀ ବିଭାଗ ଗାଡି ଚାଳକ ଓ ହେଲପରଙ୍କୁ ଗିରଫ କରିଥିଲା। ସେମାନଙ୍କ ମଧ୍ୟରୁ ଜଣଙ୍କ ଘର ପଞ୍ଜାବ ଓ ଅନ୍ୟ ଜଣଙ୍କ ଘର ମହାରାଷ୍ଟ୍ରରେ ବୋଲି ସୂଚନା ମିଳିଛି। ଏଥି ସହ ଜିନିଷ ମଗାଇଥିବା ମନୋଜ ପୃଷ୍ଟେଟ ଓ ତାହାର ସହଯୋଗୀଙ୍କୁ ବି ପରେ ଗିରଫ କରିଛି ଅବକାରୀ ବିଭାଗ।

# ଗହଣା ଦୋକାନରେ ଜିଏସଟି ଚଢ଼ଉ



**ମୟୂରଭଞ୍ଜ, ନ୍ୟୁଜ ବ୍ୟୁରୋ**

ଗହଣା ଦୋକାନରେ ବଡ ଧରଣର ଜିଏସଟି ଚଢାଉ । ଉଦଳା ବଜାରରେ ଥିବା କର୍ମକାର ଜୁଏଲାରୀ ସପରେ ହୋଇଛି ଏହି ଚଢାଉ । ଜିଏସଟି ଫାଙ୍କିଥିବା ଅଭିଯୋଗରେ ବିଭାଗର ୫ ଜଣିଆ ଟିମ ଦୋକାନରେ ଚଢ଼ାଉ କରିଛନ୍ତି ।

ଚଢ଼ାଉ ସମୟରେ ଜିଏସଟି ବିଭାଗ ଅଧିକାରୀଙ୍କ ସହିତ ପୋଲିସ ମଧ ଉପସ୍ଥିତ ଅଛି । ଦୋକାନରେ ମହଜୁଦ ଥିବା ସୁନା ଅଳଙ୍କାରର ଯାଞ୍ଚ କରିବା ସହ ସୁନା କିଣା, ବିକା ସମ୍ବନ୍ଧୀୟ ସମସ୍ତ କାଗଜପତ୍ର ଯାଞ୍ଚ କରୁଛି ଜିଏସଟି ବିଭାଗ । ସମୁଦାୟ କେତେ ଟଙ୍କାର ସୁନା ଅଳଙ୍କାର ରହିଛି ଓ ସେ ବାବଦରେ କେତେ ଟିକସ ଦିଆଯାଇଛି, ଏହାସହ ବିକ୍ରି ଗହଣାର ଜିଏସଟିର ହିସାବ କରୁଛନ୍ତି ଯାଞ୍ଚ ଟିମ୍ ।

# ଦେଶ ପାଳୁଛି ପ୍ରଥମ ଜାତୀୟ ମହାକାଶ ଦିବସ

**ହାଇଦ୍ରାବାଦ,**

ଆଜିର ଦିନରେ ମହାକାଶ ଗବେଷଣା କ୍ଷେତ୍ରରେ ଇତିହାସ ରଚିଥିଲା ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ । ପୁରା ବିଶ୍ୱ ଦେଖିଥିଲା ବିଜ୍ଞାନ କ୍ଷେତ୍ରରେ ଭାରତର ତାକତ। ଚନ୍ଦ୍ରର ଦକ୍ଷିଣ ମେରୁରେ ଅବତରଣ କରିଥିଲା ଭାରତର ମୁନ୍ ମିଶନ ଚନ୍ଦ୍ରଯାନ-୩ । ପ୍ରତିଟି ଭାରତୀୟଙ୍କ ଛାତି ଖୁସିରେ କୁଣ୍ଢେମୋଟ ହୋଇଉଠିଥିଲା । ଯାହା କୌଣସି ଦେଶ କରିବାରେ ସକ୍ଷମ ହୋଇନଥିଲା ତାହା କରି ଦେଖାଇଥିଲା ଭାରତ । ଦେଶରେ ବିଶ୍ୱର ଏକ ନମ୍ବର ଦେଶ ଭାବେ ବିଶ୍ୱବିଦିତ ହୋଇଥିଲା ଇଣ୍ଡିଆ। ଏହି ଦିନକୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଆଜି ଦେଶ ପାଳୁଛି ପ୍ରଥମ ଜାତୀୟ ମହାକାଶ ଦିବସ । ଏହି ଐତିହାସିକ ସଫଳତା ସହ ଭାରତ ମହାକାଶ ଗବେଷଣା କ୍ଷେତ୍ରରେ ଚନ୍ଦ୍ରରେ




ଅବତରଣ କରିବାରେ ବିଶ୍ୱର ୪ର୍ଥ ରାଷ୍ଟ୍ର ଭାବେ ସ୍ଥାନ ପାଇଥିଲା । ଚନ୍ଦ୍ରଯାନ-୩ ଚନ୍ଦ୍ରକୁ ଛୁଇଁବା ପରେ ସାରା ଦେଶରେ ଉତ୍ସବର ମାହୋଲ ଆରମ୍ଭ ହୋଇଥିଲା । ପ୍ରତିଟି ଭାରତୀୟ ଗର୍ବିତ ଅନୁଭବ କରୁଥିଲେ। ପ୍ରତିଟି ଦେଶ ଏହି ଉପଲବ୍ଧି ପାଇଁ ଭାରତକୁ ଶୁଭେଚ୍ଛା ଜଣାଇଥିଲେ । ଅଗଷ୍ଟ ୨୬ ତାରିଖରେ କମାଣ୍ଡ ନେଟୱାର୍କ ମିଶନ କଣ୍ଟ୍ରୋଲ କମ୍ପ୍ଲେକ୍ସରେ ପହଞ୍ଚିଥିଲେ ମୋଦି । ସେଠାରେ ଇସ୍ରୋ ବୈଜ୍ଞାନିକଙ୍କୁ ସମ୍ବୋଧନ ସମୟରେ ଜାତୀୟ ମହାକାଶ ଦିବସ ଭାବେ ପାଳନ କରିବାକୁ ଘୋଷଣା କରିଥିଲେ। ଇସ୍ରୋର ସଫଳତା ଗାଥାକୁ ମନେ ରଖିବା ପାଇଁ ପ୍ରତିବର୍ଷ ଅଗଷ୍ଟ ୨୩ରେ ଜାତୀୟ ମହାକାଶ ଦିବସ ପାଳନ କରାଯିବ ବୋଲି କହିଥିଲେ ମୋଦି। ପ୍ରଥମ ଥର ଦେଶ ଜାତୀୟ ମହାକାଶ ଦିବସ ପାଳନ କରୁଛି । ଆଜିର ଥିମ୍ ରହିଛି ''ଚନ୍ଦ୍ରକୁ ଛୁଇଁବା ସହିତ ଜୀବନ ଛୁଇଁବା: ଭାରତର ମହାକାଶ ଗାଥା' । ଏହା ସମାଜ ଏବଂ ପ୍ରଯୁକ୍ତିବିଦ୍ୟା ଉପରେ ମହାକାଶ ଅନୁସନ୍ଧାନର ଗୁରୁତ୍ୱକୁ ଦର୍ଶାଇଥାଏ। ସ୍ପେସ୍ ଆନାଲିଷ୍ଟ ଗିରିଶ ଲିଙ୍ଗନ୍ନା କହିଛନ୍ତି ଯେ, ''ଭାରତର ମହାକାଶ ବିଜ୍ଞାନ ସଫଳତାକୁ ପ୍ରଦର୍ଶନ କରିବା ଏବଂ ଯୁବକମାନଙ୍କୁ ପ୍ରେରଣା ଦେବା ପାଇଁ ଭାରତ ସରକାର ଏକ ମାସର କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ଚଳିତ ବର୍ଷର କାର୍ଯ୍ୟକ୍ରମ ଚନ୍ଦ୍ରକୁ ଛୁଇଁବା ସହିତ ଜୀବନ ଛୁଇଁବା ନାରା । ଭାରତର ମହାକାଶ ଗାଥାର ଆଦର୍ଶ ଆୟୋଜିତ ହେବ। ଆଜିର ଥିମ୍ ସଠିକ୍ ଭାବରେ ପ୍ରତିଫଳିତ କରେ ଯେ ଭାରତର ମହାକାଶ ଗବେଷଣା କେବଳ ଅସାଧାରଣ ବୈଜ୍ଞାନିକ ସଫଳତା ମଧ୍ୟରେ ସୀମିତ ନୁହେଁ । ସାଧାରଣ ଲୋକଙ୍କ ଦୈନନ୍ଦିନ ଜୀବନରେ ମଧ ସକରାତ୍ମକ ପରିବର୍ତ୍ତନ ଆଣିଥାଏ ।''

# ଯୁବକଙ୍କ ହାତକୁ ଦା'ରେ ହାଣିଦେଲେ

**କଟକ, ନ୍ୟୁଜ ବ୍ୟୁରୋ**

ଯୁବକଙ୍କ ହାତକୁ ଦୁର୍ବୃତ୍ତମାନେ ଦା'ରେ ହାଣି ଦେଇଥିବା ଅଭିଯୋଗ ହୋଇଛି। କଟକ ଜିଲ୍ଲା ପୋତାପୋଖରୀ ଅଞ୍ଚଳରେ ଏହି ଘଟଣା ଘଟିଛି। ଆହତ ଯୁବକ ଜଣଙ୍କ ହେଲେ ସୋମନାଥ ପୃଷ୍ଟି। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ରାତିରେ ଦୁର୍ବୃତ୍ତମାନେ ସୋମନାଥଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ତେବେ ଯୁବକଙ୍କୁ ଦୁର୍ବୃତ୍ତମାନେ କାହିଁକି ମରାଣନ୍ତକ ଆକ୍ରମଣ କଲେ ତାହା ଜଣାପଡ଼ିନାହିଁ। ଆକ୍ରମଣ ପଛରେ ପୂର୍ବ ଶତ୍ରୁତା ଅଛି ନା ଅନ୍ୟ କିଛି କାରଣ ରହିଛି ତାହା ଜଣାପଡ଼ି ନାହିଁ। ଚାଉଳିଆଗଞ୍ଜ ପୁଲିସ ଘଟଣାର ତଦନ୍ତ କରୁଛି।



# କେରଳ ଲଟେରୀ ନାଁ ନେଇ ବଡ଼ ଦୁର୍ନୀତି : ଗୁଗଲ୍ ଓ ମେଟାକୁ ନୋଟିସ

**ଥିରୁଅନନ୍ତପୁରମ,**

କେରଳ ଲଟେରୀ ନାଁ ନେଇ ଅନଲାଇନରେ ବଡ଼ ଦୁର୍ନୀତି । ଅନଲାଇନରେ ନକଲି ଲଟେରୀ ବିକ୍ରି କରିବା ଲାଗି କାମ କରୁଥିଲା ୬୦ଟି ଫେକ୍ ଲଟେରୀ ଆପ୍, ୨୫ଟି ଫେକ୍ ଫେସବୁକ ପ୍ରୋଫାଇଲ ଓ ୨୦ଟି ୱେବସାଇଟ୍। ଏହି ଦୁର୍ନୀତି ସାମ୍ନାକୁ ଆସିବା ପରେ କେରଳ ପୋଲିସ ପକ୍ଷରୁ ଲୋକପ୍ରିୟ ସର୍ଚ୍ଚ ଇଞ୍ଜିନ ଓ ମେଟାକୁ ନୋଟିସ ଜାରି କରାଯାଇଛି । ତୁରନ୍ତ ଏହି ଆପ୍ ଓ ବିଜ୍ଞାପନକୁ ହଟାଇବା ଲାଗି କୁହାଯାଇଛି । କେରଳ ଲଟେରୀ ନେଇ ମୋବାଇଲକୁ ମୋବାଇଲ ଘୁରି ବୁଲୁଥିବା ଫେକ୍ ବିଜ୍ଞାପନକୁ ମଧ ହଟାଇବା ଲାଗି ମେଟାକୁ ନୋଟିସ୍ ଜାରି କରିଛି କେରଳ ପୋଲିସ । ମେଟା ମାଲିକାନା ସୋସିଆଲ ମିଡିଆ ପ୍ଲାଟଫର୍ମ ଫେସବୁକ, ହ୍ୱାଟ୍ସଆପ ଓ ଇନଷ୍ଟାଗ୍ରାମରେ ଏହି ଫେକ୍ ବିଜ୍ଞାପନ ପ୍ରସାରିତ ହେଉଛି। ଏ ନେଇ କେରଳ ପୋଲିସ ମିଡିଆ ସେଣ୍ଟର ପକ୍ଷରୁ ଜାରି ହୋଇଥିବା ପ୍ରେସ ରିଲିଜରେ ସୂଚନା ଦିଆଯାଇଛି । ସାଇବର ପାଟ୍ରୋଲିଂରେ ଏହି ଲଟେରୀ ସ୍କାମ ସମ୍ପର୍କରେ ଜଣାପଡ଼ିବା ପରେ କେରଳ ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସାଇବର ପାଟ୍ରୋଲିଂରୁ ଜଣାପଡ଼ିଛି ଯେ ୬୦ଟି ଫେକ୍ ଲଟେରୀ ଆପ୍, ୨୫ଟି ଫେକ୍ ଫେସବୁକ ପ୍ରୋଫାଇଲ ଓ ୨୦ଟି ୱେବସାଇଟ୍ ଏହି ଅପରାଧିକ କାର୍ଯ୍ୟରେ ଲିପ୍ତ ରହିଥିଲେ । ଏହି ଦୁର୍ନୀତି ପଛରେ ଥିବା ଦୁର୍ବୃତ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି ।

# ବିଦ୍ୟାଳୟରେ ଜଣେ ଶିକ୍ଷକରେ ଚାଲିଛି ପାଠପଢା



**ଭବାନୀପାଟଣା, ନ୍ୟୁଜ ବ୍ୟୁରୋ**

କଳାହାଣ୍ଡି ଜିଲ୍ଲାରେ ଶିକ୍ଷା ବିଭାଗର ବିଚିତ୍ର ନୀତି ଦେଖିବାକୁ ମିଳୁଛି। ଯେଉଁଠି ଦରକାର ଅଛି ସେଠି ଶିକ୍ଷକ ନିଯୁକ୍ତି କରାଯାଉ ନ ଥିବାବେଳେ ଆବଶ୍ୟକ ନ ଥିବା ସ୍କୁଲରେ ଶିକ୍ଷକ ନିଯୁକ୍ତି କରାଯାଉଥିବା ଅଭିଯୋଗ ଆସିଛି। ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ଗତ ମାସ ସୁଦ୍ଧା ଜିଲାର ୬୦ ସ୍କୁଲ ଜଣେ ଶିକ୍ଷକରେ ଚାଲିଛି। ଜଣେ ଶିକ୍ଷକରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢା ଚାଲିଛି। ପୁଣି ସେହି ଶିକ୍ଷକଙ୍କ କୌଣସି ଅଫିସ କାମ ହେଉ ବା ଦେହ ଖରାପ ହେଲେ ସ୍କୁଲରେ ତାଲା ପଡୁଛି। ଜିଲାର ଅନ୍ତର୍ଲା ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଥିବାବେଳେ ଏଠାରେ ୫୬ ଜଣ ଛାତ୍ରୀଛାତ୍ର ପାଠ ପଢ଼ନ୍ତି। ଗତ ୩୧ ତାରିଖରେ ଜଣେ ଶିକ୍ଷୟିତ୍ରୀ ଅବସର ନେବା ପରେ ଏହି ସ୍କୁଲରେ ଜଣେ ଶିକ୍ଷକରେ ପାଠ ପଢା ଚାଲିଛି । ସେହିଭଳି କାନ୍ଦୁଲବନ୍ଧ ପ୍ରାଥମିକ ବିଦ୍ୟାଳୟରେ ମଧ ସମାନ ଅବସ୍ଥା। ଏହି ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଥିବା ବେଳେ ୧୬ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ସ୍ଥାୟୀ ଶିକ୍ଷକ ନ ଥିବାରୁ ଅନ୍ୟ ସ୍କୁଲରୁ ଡେପୁଟେଶନରେ ଆସି ପାଠ ପଢ଼ାଉଛନ୍ତି। ଗତ ୧ ତାରିଖରେ ଏଠାରେ ଥିବା ଜଣେ ଶିକ୍ଷକ ସିଆ ?ସିସି ଦାୟିତ୍ୱ ନେବାରୁ ଜଣେ ଶିକ୍ଷକରେ ଚାଲିଛି ପାଠପଢ଼ା। ଜୁନାଗଡ଼ ଶିକ୍ଷା ବିଭାଗ ଅଧୀନରେ ପ୍ରାୟ ୨୦୦ଟି ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଥିବା ବେଳେ ୬୧୫ ଜଣ ଶିକ୍ଷକ ଅଛନ୍ତି। ବର୍ତ୍ତମାନ ଆଉ ୧୧୩ ଶିକ୍ଷକ ଦରକାର ଥିବା ନେଇ ଜିଲା ଶିକ୍ଷା ବିଭାଗକୁ ଜଣାଯାଇଛି। କେବଳ ଜୁନାଗଡ଼ ନୁହେଁ ଜିଲାର ଭବାନୀପାଟଣା, କେସିଙ୍ଗା, କୋକସରା, ଜୟପାଟଣା, ଗୋଲାମୁଣ୍ଡା, ଏମ୍ ରାମପୁର, କର୍ଲାମୁଣ୍ଡା, ନର୍ଲା, ଲାଞ୍ଜିଗଡ଼ ଓ କଲମପୁର ଆଦି ବ୍ଲକର ଅନେକ ସ୍କୁଲ ଜଣେ ଶିକ୍ଷକରେ ଚାଲିଛି। ଏପରି କି ୭୦ରୁ ଶହେ ଭିତରେ ଛାତ୍ରୀଛାତ୍ର ରହିଥିବା ସ୍କୁଲରେ ମଧ ଜଣେ ଲେଖାଏ ଶିକ୍ଷକ ରହିଛନ୍ତି। ଫଳରେ ସେଠାରେ ଶିକ୍ଷାଦାନ କେମିତି ହେଉଥିବ ତାହା ସହଜେ ଅନୁମେୟ। ବିଭିନ୍ନ ସ୍କୁଲରେ ନିଯୁକ୍ତି ଥିବା ଶିକ୍ଷକ ଅବସର ନେଲା ପରେ ଏହି ସମସ୍ୟା ଦେଖାଦେଉଛି। ଏହା ଭିତରେ ନୂତନ ୮୧୧ ଜଣ ଶିକ୍ଷକ ନିଯୁକ୍ତି ହେବା ସହ ଯେଉଁ ସ୍କୁଲରେ ଜଣେ ଶିକ୍ଷକ ଅଛନ୍ତି ସେଠାରେ ନୂତନ ଶିକ୍ଷକଙ୍କୁ ନିଯୁକ୍ତ ଦିଆଯିବ ବୋଲି ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଘାରିଲା ମଙ୍କିପକ୍ସ ଭୟ : ଦେଶର ସବୁ ବିମାନ ବନ୍ଦରକୁ ଆଲର୍ଟ ଜାରି କଲେ କେନ୍ଦ୍ର ସରକାର

**ନୂଆଦିଲ୍ଲୀ,**

ପଡୋଶୀ ଦେଶ ବାଂଲାଦେଶ, ପାକିସ୍ତାନ ଏବଂ ଆଫ୍ରିକୀୟ ଦେଶରେ ମଙ୍କିପକ୍ସ ରୋଗ ଚିହ୍ନଟ ପରେ ଦେଶକୁ ଘାରିଲା ମଙ୍କିପକ୍ସ ଭୟ । ଆକ୍ରାନ୍ତ ଚିହ୍ନଟ ନହେବା ପୂର୍ବରୁ ତତ୍ପରତା ପ୍ରକାଶ କଲେ କେନ୍ଦ୍ର ସରକାର । ମଙ୍କିପକ୍ସ ପାଇଁ ଦେଶର ସବୁ ବନ୍ଦର, ବିମାନ ବନ୍ଦର ଓ ସୀମାକୁ ସତର୍କ ସୂଚନା ଜାରି କରାଯାଇଛି । ମଙ୍କିପକ୍ସ ମାମଲା ଉପରେ ନଜର ରଖିବାକୁ ସମସ୍ତ ରାଜ୍ୟର ସରକାରଙ୍କୁ କୁହାଯାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଦେଶରେ ମାଙ୍କିପକ୍ସ ମାମଲା ଚିହ୍ନଟ ହୋଇନାହିଁ। କିନ୍ତୁ ଏହା ପୂର୍ବରୁ ଦିଲ୍ଲୀର ତିନୋଟି ଡାକ୍ତରଖାନାରେ ଆଇସୋଲେସନ ୱାର୍ଡ କରିବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି। ଆରଏମଏଲ, ସଫଦରଜଙ୍ଗ ଏବଂ ଲେଡି




ହୋର୍ଡିଙ୍ଗ ମେଡିକାଲ କଲେଜ ଏଥିରେ ଅନ୍ତର୍ଭୁକ୍ତ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ମଙ୍କିପକ୍ସ ଭାଇରସ ନେଇ ଗତକାଲି କିଛି ଅଧିକାରୀ ଓ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସହ ବୈଠକ କରାଯାଇଥିଲେ। ପୂର୍ବରୁ ବ୍ୟାପିଥିବା ଭାଇରସ ଠାରୁ ମଙ୍କିପକ୍ସ ଖୁବଶୀଘ୍ର ବ୍ୟାପୁଛି। ଏହି ଭାଇରସରେ ସଂକ୍ରମିତ ହେଲେ ମୃତ୍ୟୁ ହେବାର ଆଶଙ୍କା ଅଧିକ ଥିବା ବିଶେଷଜ୍ଞମାନେ ମତ ରଖିଛନ୍ତି । କିନ୍ତୁ ଏହି ଭାଇରସ ଭାରତରେ ପ୍ରଭାବ ପକାଇବାର ସମ୍ଭାବନା ବହୁତ କମ୍ ରହିଛି । କୋରୋନା ସହିତ ମଙ୍କିପକ୍ସର କୌଣସି ସମ୍ବନ୍ଧ ନଥିବା ବିଶେଷଜ୍ଞ କହିଛନ୍ତି । ମଙ୍କିପକ୍ସ ସନ୍ଦିଗ୍ଧଙ୍କ ପରୀକ୍ଷା ପାଇଁ ଓଉଗଜ ର ୩୨ ଲ୍ୟାବରେ ବ୍ୟବସ୍ଥା କରାଯାଇଛି । ସମସ୍ତ ଡାକ୍ତରଖାନାରେ ମଧ ନୋଡାଲ ଅଧିକାରୀ ନିୟୋଜିତ କରାଯାଇଛି। ମଙ୍କିପକ୍ସର ଲକ୍ଷଣ ଚିକେନ୍ ପକ୍ସ ସହିତ ସମାନ । ଏଥିରେ ଆକ୍ରାନ୍ତ ହେଲେ ଶରୀରରେ ନାଲି ଦାଗ ହେବା ସହ ସେହି ସ୍ଥାନ ଫୁଲି ଯିବ । ଜ୍ୱରର ଲାଗି ରହିବା ସହ ଶରୀର ଦରଜ ରହିବ । ଆଫ୍ରିକାରେ ମଙ୍କିପକ୍ସ ମାଡି ଚାଲିଥିବା ବେଳେ ଏହାକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ରେ ଗ୍ଲୋବାଲ ହେଲ୍ଥ ଏମରଜେନ୍ସି ବା ବୈଶିକ ଜନସ୍ୱାସ୍ଥ୍ୟ ଜରୁରୀ ସ୍ଥିତି ଘୋଷଣା କରିଛି । ସାରା ବିଶ୍ୱକୁ ଏହି ଭାଇରସ ବ୍ୟାପି ପାରେ ବୋଲି ଚେତାଇ ଦେଇଛି ହୁ । ବର୍ତ୍ତମାନ ସୁଦ୍ଧା ଏହି ଭାଇରସ ୧୧୬ ଦେଶକୁ ପ୍ରଭାବିତ କରିସାରିଛି । ଚଳିତବର୍ଷ ଆଫ୍ରିକାରେ ୫୨୪ ଜଣଙ୍କ ମୃତ୍ୟୁ ହୋଇଛି । ଯାହା କି ଗତବର୍ଷ ଠାରୁ ଅଧିକ ।

# ଓଡ଼ିଶାରେ ଜିଓ ୧ ନମ୍ବର: ପଛରେ ପଡିଲା ବିଏସ୍‌ଏନ୍‌ଏଲ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଦେଶର ପ୍ରମୁଖ ଘରୋଇ ଟେଲିକମ୍ କମ୍ପାନୀ 'ରିଲାଏନ୍ସ ଜିଓ' ଓଡ଼ିଶାର ସର୍ବାଧିକ ପସନ୍ଦର ଡିଜିଟାଲ ସେବା ପ୍ରଦାନକାରୀ ଭାବେ ଉଭା ହୋଇଛି। ଏପରିକି ରାଜ୍ୟରେ ଜିଓ ତା'ର ୧ ନମ୍ବର ସ୍ଥାନକୁ ଆହୁରି ସୁଦୃଢ଼ କରିଛି। ଉଲ୍ଲେଖଯୋଗ୍ୟ, ଟେଲିକମ୍ ରେଗୁଲେଟୋରି ଅଥରିଟି ଅଫ୍ ଇଣ୍ଡିଆ(ଟ୍ରାଇ) ଦ୍ୱାରା ପ୍ରକାଶିତ ସର୍ବଶେଷ ଟେଲିକମ୍ ଗ୍ରାହକ ତଥ୍ୟ ଅନୁଯାୟୀ ରିଲାଏନ୍ସ ଜିଓ ୨୦୨୪ ଜୁନ୍ ଶେଷ ସୁଦ୍ଧା ଓଡ଼ିଶାରେ ସର୍ବାଧିକ ୨.୭୨ ଲକ୍ଷ ନୂତନ ମୋବାଇଲ ଗ୍ରାହକ ଯୋଡ଼ିଥିବାବେଳେ ଜିଓ ନେଟ୍‌ୱର୍କରେ ମୋଟ ମୋବାଇଲ




ଗ୍ରାହକଙ୍କ ସଂଖ୍ୟା ୧.୫୭ କୋଟି ଅତିକ୍ରମ କରିଛି। ସେହିଭଳି ଟ୍ରାଇ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ୨୦୨୪ ଜୁନ୍ ଶେଷ ସୁଦ୍ଧା ରାଜ୍ୟରେ ଟେଲିକମ୍ ଶିଳ୍ପର ମୋଟ ମୋବାଇଲ ଗ୍ରାହକ ସଂଖ୍ୟା ୨.୯୭ ଲକ୍ଷ ବୃଦ୍ଧି ସହ ଓଡ଼ିଶାର ମୋଟ ମୋବାଇଲ ଗ୍ରାହକଙ୍କ ସଂଖ୍ୟା ୩.୪୨ କୋଟିରେ ପହଞ୍ଚିଛି। ଏହି ସମୟ ମଧ୍ୟରେ ଉଭୟ ବିଏସ୍‌ଏନ୍‌ଏଲ୍ ଏବଂ ଭୋଡାଫୋନ-ଆଇଡିଆ ବହୁ ହଜାର ଗ୍ରାହକ ହରାଇଥିବା ଟ୍ରାଇ ତଥ୍ୟରୁ ଜଣାପଡିଛି।

ଟ୍ରାଇ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ୱାୟାରଲାଇନ୍ ସେଗ୍‌ମେଣ୍ଟରେ ମଧ ଜିଓ ଓଡ଼ିଶାରେ ତା'ର ୧ ନମ୍ବର ସ୍ଥାନକୁ ଆହୁରି ସୁଦୃଢ଼ କରିବା ସହ ୩ଲକ୍ଷ ୱାୟାରଲାଇନ୍ ଗ୍ରାହକର ମାଇଲଖୁଣ୍ଟ ଅତିକ୍ରମ କରିବାରେ ସକ୍ଷମ ହେବା ସହ ରାଜ୍ୟର ପ୍ରଥମ ତଥା ଏକମାତ୍ର ସେବା ପ୍ରଦାନକାରୀ ଭାବେ ଉଭା ହୋଇଛି। ଓଡ଼ିଶାରେ ଡିଜିଟାଲ୍ ଅନ୍ତର୍ଭୁକ୍ତୀକରଣକୁ ଆଗକୁ ବଢ଼ାଇ ରିଲାଏନ୍ସ ଜିଓ ତା'ର ଦ୍ରୁତଗତିରେ ସମ୍ପ୍ରସାରିତ ହେଉଥିବା ଜିଓ ଫାଇବର ଏବଂ ଜିଓ ଏୟାରଫାଇବର ସେବା ମାଧ୍ୟମରେ ହାଇ ସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ଏବଂ ବିଶ୍ୱସ୍ତରୀୟ ଗୃହ ମନୋରଞ୍ଜନ ବା ହୋମ୍ ଏଣ୍ଟରଟେନ୍‌ମେଣ୍ଟ ସହ ରାଜ୍ୟର ୩ ଲକ୍ଷରୁ ଅଧିକ ଘର ଓ ପରିସରକୁ ସଂଯୋଗ କରିଛି।

ଜାତୀୟ ସ୍ତରରେ ମଧ ଜିଓ ସର୍ବାଧିକ ୧୯ଲକ୍ଷରୁ ଅଧିକ ମୋବାଇଲ ଗ୍ରାହକ ଜୁନ୍ ମାସରେ ଯୋଡିବା ସହିତ ସର୍ବଭାରତୀୟ ସ୍ତରରେ ଜିଓ ନେଟ୍‌ୱର୍କରେ ମୋଟ ମୋବାଇଲ୍ ଗ୍ରାହକ ସଂଖ୍ୟା ଜୁନ୍ ଶେଷ ସୁଦ୍ଧା ୪୭.୬୫କୋଟିରୁ ଅଧିକ ରହିଛି।

# ଦକ୍ଷିଣ ଆଫ୍ରିକୀୟରୁ ମିଳିଲା ଦ୍ୱିତୀୟ ସର୍ବବୃହତ୍ ହୀରା

**ଗାବୋରୋନ,**

ଦକ୍ଷିଣ ଆଫ୍ରିକୀୟ ଦେଶ ବୋସ୍ୱାନାରୁ ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ହୀରା ମିଳିଛି, ଯାହା କି ୨,୪୯୨ କ୍ୟାରେଟ୍ ରହିଛି। ବୋସ୍ୱାନା ରାଜଧାନୀ ଗାବୋରୋନଠାରୁ ୫୦୦ କିମି ଉତ୍ତରରେ ଥିବା ଏକ ଖଣିରୁ ଏହି ହୀରା ଖୋଳାଯାଇଛି। ଉକ୍ତ ଖଣି କାନାଡା ଫାର୍ମ ଲୁକାରା ଡାଇମଣ୍ଡ ମାଲିକାନାରେ ରହିଛି। ୨୦୧୯ରେ ଉକ୍ତ ଖଣିରୁ ୧,୭୫୮ କ୍ୟାରେଟ୍‌ର ଏକ ଏକ ବୃହତ୍ ହୀରା ମିଳିଥିଲା। ବୋସ୍ୱାନା ସର୍ବବୃହତ୍ ହୀରା ଉତ୍ପାଦନକାରୀ ଦେଶ। ବିଶ୍ୱର ୨୦ ପ୍ରତିଶତ ହୀରା ସେଠାରୁ ମିଳିଥାଏ। ସୂଚନାଯୋଗ୍ୟ, ବିଶ୍ୱର ସର୍ବବୃହତ୍ ହୀରା ଦକ୍ଷିଣ ଆଫ୍ରିକାରୁ ୧୯୦୫ରେ ମିଳିଥିଲା। ୩,୧୦୬ କ୍ୟାରେଟ୍‌ର ଏହି କୁଲିନାନ ହୀରାକୁ ୯ ଖଣ୍ଡରେ କଟାଯାଇଥିବାବେଳେ ଏହା ବ୍ରିଟିଶ ରାଜପରିବାରର ଅଳଙ୍କାରରେ ରହିଛି।





## ବ୍ଲକ ଅଧ୍ୟକ୍ଷଙ୍କ ସହିତ ଜିଲ୍ଲାପାଳଙ୍କ ଗୁରୁତ୍ୱପୂର୍ଣ୍ଣ ଆଲୋଚନା

# ପ୍ରଶାସନକୁ ସକ୍ରିୟ କଲେ ଜନସାଧାରଣ ସୁଫଳ ପାଇ ପାରିବେ




**କେନ୍ଦ୍ରାପଡ଼ା, ନ୍ୟୁଜ ବ୍ୟୁରୋ**

ଜିଲ୍ଲାର ୯ଟି ବ୍ଲକର ଅଧ୍ୟକ୍ଷ ଓ ଅଧ୍ୟକ୍ଷା ମାନଙ୍କ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି । କେନ୍ଦ୍ରାପଡା ଜିଲ୍ଲାପାଳ ସ୍ମୃତି ରଂଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବ୍ଲକ ଅଧ୍ୟକ୍ଷ ସଂଘର ସଭାପତି ପ୍ରଦ୍ୟୁମ୍ନ ନାୟକ, ସଂପାଦକ ଅଭୟ କୁମାର ମହାରାଜ, ଉପଦେଷ୍ଟା ସରୋଜ କୁମାର ସାହୁ, ମାର୍ଶାଘାଇ ବ୍ଲକ ଅଧ୍ୟକ୍ଷ ମଧୁସ୍ମିତା ସାମଲ, ମହାକାଳପଡାର କଳ୍ପନା ରାଉତ, ଡେରାବିଶର ପ୍ରଭାତୀ ମଲିକ, କେନ୍ଦ୍ରାପଡାର ରଶ୍ମିତା ସେଠୀ, ରାଜନଗରର ପ୍ରତିମା ରାଉତ, ରାଜକନିକା ର ମିନତୀ ରାଉତ, ଆଳିର ମନୋରଂଜନ ସାମଲ ପ୍ରମୁଖ ନୂତନ ଜିଲ୍ଲାପାଳଙ୍କୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧନା ଜଣାଇଥିଲେ । ଏହା ସହ ବିଭିନ୍ନ ବ୍ଲକର ସମସ୍ୟା ବିଷୟରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବ୍ଲକ ମାନଙ୍କରେ ନିର୍ମାଣାଧୀନ ପ୍ରକଳ୍ପ ଗୁଡିକର ଅଗ୍ରଗତି ସଂପର୍କରେ ଆଲୋକପାତ କରିବା ସହ ଅଧାପନ୍ତରିଆ ହୋଇ ରହିଥିବା କାମ ଗୁଡିକୁ ତୁରନ୍ତ ସାରିବା ଓ ସରକାରଙ୍କ ଦ୍ୱାରା କରା ଯାଉଥିବା ନୂତନ ଯୋଜନା ବିଷୟରେ ଜନ ସାଧାରଣଙ୍କୁ ସଚେତନତା ସୃଷ୍ଟି କରିବା ସହ ପ୍ରକଳ୍ପ ଗୁଡିକୁ କାର୍ଯ୍ୟକ୍ଷମ କରିବା ଦିଗରେ ପ୍ରଶାସନର ସକ୍ରିୟତା ଉପରେ ଆଲୋଚନା କରିଥିଲେ । ବ୍ଲକ ଅଧ୍ୟକ୍ଷ ମାନଙ୍କୁ ଅଧିକ ଗୁରୁତ୍ୱ ଦେଇ ବ୍ଲକ ପ୍ରଶାସନ ଗୁଡିକୁ ସକ୍ରିୟ କରାଗଲେ ଜନ ସାଧାରଣ ଅଧିକ ସୁଫଳ ପାଇ ପାରିବେ ବୋଲି ଜିଲ୍ଲାପାଳଙ୍କ ସହଯୋଗ କାମନା କରିଥିଲେ । ତେବେ ଜିଲ୍ଲାପାଳ ଶ୍ରୀ ପ୍ରଧାନ ବ୍ଲକର ଉନ୍ନୟନ ମୂଳକ କାର୍ଯ୍ୟରେ ଜିଲ୍ଲା ପ୍ରଶାସନର ସହଯୋଗ ସବୁବେଳେ ରହିବ ବୋଲି ଏହି ପ୍ରତିନିଧି ମଣ୍ଡଳୀ କୁ ପ୍ରତିଶୃତି ଦେଇଥିଲେ ।

# ‘ପାପଡ଼ାହାଣ୍ଡି ଘଟଣା ସ୍ୱାଧୀନତା ସଂଗ୍ରାମ ଇତିହାସରେ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାକ୍ଷର’ : ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସ୍ୱାଧୀନତା ସଂଗ୍ରାମ ସମୟରେ ନବରଙ୍ଗପୁରର ପାପଡ଼ାହାଣ୍ଡିର ତୁରୀ ନଦୀଠାରେ ବ୍ରିଟିଶ ପୋଲିସଙ୍କ ବର୍ବରୋଚିତ ଗୁଳିକାଣ୍ଡ ଯୋଗୁଁ ପ୍ରାୟ ୧୯ ଜଣ ସ୍ୱାଧୀନତା ସଂଗ୍ରାମୀ ନଦୀକୁ ଡେଇଁ ପ୍ରାଣ ହରାଇଥିବାବେଳେ ଅନେକ ସଂଗ୍ରାମୀ କାରାଦଣ୍ଡ ଭୋଗୁଥିବା ସମୟରେ ମୃତ୍ୟୁବରଣ କରିଥିଲେ । ତେଣୁ ଏହାକୁ ରକ୍ତତୀର୍ଥ ପାପଡ଼ାହାଣ୍ଡି ବୋଲି କୁହାଯାଏ । ଏହି ସବୁ ବଳିଦାନର କାହାଣୀ ଆଜିର ସମୟରେ ଲୋକଲୋଚନରୁ ଦୂରେଇ ଯାଉଛି । ଏଇଭଳି ସବୁ ଇତିହାସର ମହାନ ଗାଥାକୁ ଆଜିର ଯୁବପିଢ଼ି ଜାଣିବା ଆବଶ୍ୟକ । ଏହା ସେମାନଙ୍କୁ ଆମ ପୂର୍ବପୁରୁଷଙ୍କ ସଂଘର୍ଷ, ତ୍ୟାଗ ଓ ଦୃଢମନୋଭାବ ବିଷୟରେ ଅବଗତ କରାଇ ମନରେ ଦେଶପ୍ରେମର ଭାବନା ଜାଗ୍ରତ କରିବ ବୋଲି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି । ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ଶବରୀ ସାଂସ୍କୃତିକ ସଂସଦର ମିଳିତ ଆନୁକୂଲ୍ୟରେ ଆଜି ସନ୍ଧ୍ୟାରେ ଜୟଦେବ ଭବନଠାରେ ରାଜ୍ୟସ୍ତରୀୟ ଆତ୍ମୋତ୍ସର୍ଗ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି ଯେ ପାପଡ଼ାହାଣ୍ଡି ଘଟଣା ସ୍ୱାଧୀନତା ସଂଗ୍ରାମ ଇତିହାସରେ ଓଡ଼ିଶାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାକ୍ଷର । ଭାରତଛାଡ଼ ଆନ୍ଦୋଳନର ସ୍ୱର ପାପଡ଼ାହାଣ୍ଡିରେ ତୀବ୍ର ଭାବେ ଗୁଞ୍ଜରିତ ହୋଇଥିଲା । ଏହି ସଂଗ୍ରାମୀମାନଙ୍କ ବଳିଦାନର ଭିତ୍ତିଭୂମି ଉପରେ ଆମ ଦେଶ ଭାରତବର୍ଷ ଠିଆ ହୋଇଛି ଏବଂ ଆମେ ସ୍ୱାଧୀନତାର ଆନନ୍ଦ ନେଉଛେ । ଲକ୍ଷ ଲକ୍ଷ ଭାରତୀୟଙ୍କ ତ୍ୟାଗ ଓ ବଳିଦାନର ଅବଦାନ ଆଜିର ସ୍ୱାଧୀନତାକୁ ଅକ୍ଷୁଣ୍ଣ ରଖିବା ନିମନ୍ତେ ପ୍ରତିଜ୍ଞାବଦ୍ଧ ହେବା ପାଇଁ ମନ୍ତ୍ରୀ ଶ୍ରୀ ଗଣ୍ଡ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଶ୍ରୀ ଅରବିନ୍ଦ ଢାଲି, ଚିତ୍ରକୋଣ୍ଡା ବିଧାୟକ ଶ୍ରୀ ମଙ୍ଗୁ ଖିଲ, ବିଷମକଟକ ବିଧାୟକ ଶ୍ରୀ ନୀଳମାଧବ ହିକା, ଝରିଗାଁ ବିଧାୟକ ଶ୍ରୀ ନରସିଂହ ଭତ୍ରା, ପଟାଙ୍ଗି ବିଧାୟକ ଶ୍ରୀ ରାମଚନ୍ଦ୍ର କାଡ଼ାମ ଯୋଗଦେଇଥିଲେ । ପାପଡ଼ାହାଣ୍ଡି ଘଟଣା ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି । ସ୍ୱାଧୀନତା ନିମନ୍ତେ ନବରଙ୍ଗପୁର ପରି ଏକ ଆଦିବାସୀବହୁଳ ଅଞ୍ଚଳର ଜନସାଧାରଣ ଯେପରି ତ୍ୟାଗ ସ୍ୱୀକାର କରିଥିଲେ ତାହା ଉତ୍ତରପିଢ଼ିଙ୍କୁ ସବୁବେଳେ ଅନୁପ୍ରାଣିତ କରୁଥିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ବିଶିଷ୍ଟ ବକ୍ତା ତଥା ଗାନ୍ଧିବାଦୀ ଚିନ୍ତକ ଓ ସ୍ତମ୍ଭକାର ଶ୍ରୀ ପ୍ରହଲ୍ଲାଦ ସିଂ ପାପଡ଼ାହାଣ୍ଡିର ତୁରୀ ନଦୀ ତଟରେ ସଂଘଟିତ ଏହି ବର୍ବରୋଚିତ ଗୁଳିକାଣ୍ଡ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ। କାରଣ ଦେଶୀୟ, ଜାତୀୟ ଓ ଜଙ୍ଗଲରୁ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା ବୋଲି ସେ ଉଲ୍ଲେଖ କରିଥିଲେ । ସାହିତ୍ୟିକ ଓ ‘ଶ୍ରୀ ସାହିତ୍ୟର’ ସଂପାଦକ ଶ୍ରୀ କୃଷ୍ଣ ନାୟକ ଏହା ଉପରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ବୋଲି ଉଲ୍ଲେଖ କରି ପାପାହାଣ୍ଡି ସଂଗ୍ରାମର ବିଭିନ୍ନ ଦିଗ ସଂପର୍କରେ ଆଲୋକପାତ କରିଥିଲେ।



# ଧାମନଗରରେ ଡେଙ୍ଗୁ ଆତଙ୍କ : ଗାଁ ରେ ପହଞ୍ଚିଲେ ଡାକ୍ତରୀଦଳ

**ଧାମନଗର, ନ୍ୟୁଜ ବ୍ୟୁରୋ**

ଧାମନଗର ବ୍ଲକ ରେ ଏବେ ଡେଙ୍ଗୁ ଆତଙ୍କ ଦେଖାଦେଇଛି। ବୟାଙ୍ଗଡିହ, ହସନାବାଦ, ଚୁଡ଼ାକୁଟି, କୋଠାର ପଂଚାୟତ ରେ ୬ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇ ସୁସ୍ଥ ହୋଇ ଥିବା ବେଳେ ଦୋବଲ ପଂଚାୟତ ରେ ଡ଼େଙ୍ଗୁ ରୋଗ ଏବେ ଆତଙ୍କ ଦେଖା ଦେଇଛି। କୋଳେଇପଦାରେ ଜଣେ ରୋଗୀ ଚିହ୍ନଟ ହୋଇଥିବା ବେଳେ ସେ ସୁସ୍ଥହୋଇ ଥିବା ବେଳେ, ଶୋଧ ଗ୍ରାମରେ ଧନେଶ୍ୱର ସାହୁ ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ପ୍ରଥମେ ଯାଜପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଅଧିକ ଗୁରୁତର ହେବାରୁ ତାଙ୍କୁ କଟକ ଡାକ୍ତର ଖାନାରେ ଚିକିତ୍ସା ହେଉଛନ୍ତି । ତେବେ ଏହି ଖବର ପାଇବା ପରେ ଧାମନଗରରୁ ଏକ ଡାକ୍ତର ଟିମ ସୋଧ ଗ୍ରାମରେ ପହଞ୍ଚି ଲୋକମାନଙ୍କୁ ସଚେତନ କରାଇବା ସହ ଅନାବନା ଗଛ ଓ ଅଳିଆ ସଫା କରିବାପାଇଁ ପରାମର୍ଶ ଦେଇଥିଲେ। ଜାତୀୟ ମଶା ରୋଗନିୟନ୍ତ୍ରଣ ବ୍ଲକ ନୋଡାଲ ସୁପରଭାଇଜର ସୁଶ୍ରୀ ସଂଗୀତା ଦେବତା, ସି ଏଚ ଓ ଅନୁ ସୟା ସାହୁ, ସ୍ୱାସ୍ଥ୍ୟକର୍ମୀ କିରନ ପ୍ରଭା ରାଉଳ ସମେତ ଆଶାକର୍ମୀ, ଅଙ୍ଗନବାଡିକର୍ମୀ ପ୍ରମୁଖ ଗାଁରେ ପହଞ୍ଚି ଲୋକଙ୍କୁ ସଚେତନ କରିଥିଲେ । ସୂଚନା ଥାଉକି ଉକ୍ତ ପଂଚାୟତରେ ବିଗତ ବର୍ଷମାନଙ୍କରେ ଡେଙ୍ଗୁ ଆତଙ୍କରେ ତିନିଜଣ ଲୋକଙ୍କ ମୃତ୍ୟୁ ହୋଇଥିବାରୁ ଏବେ ପୁଣି ଡେଙ୍ଗୁ ଦେଖା ଦେଇ ଥିବାରୁ ଅଞ୍ଚଳ ବାସୀ ଭୟଭୀତ ଅଛନ୍ତି । ତେବେ ଭୟଭୀତ ହେବାର କୌଣସି କାରଣ ନାହିଁ ସ୍ୱାସ୍ଥ୍ୟ ବିଭାଗ ନଜର ରଖିଛି ବୋଲି ସି ଏଚ ଓ ଅନୁସୟା କହିଛନ୍ତି ।



# ଦୋଷୀଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ କିନ୍ନର ସଂଘର ଦାବି

**କେନ୍ଦୁଝର,୨୪/୦୮**

କଲିକତାରେ ମହିଳା ଡାକ୍ତରଙ୍କ ସହ ଅତି ଅମାନବୀୟ ଘଟଣା ବିରୁଦ୍ଧରେ କେନ୍ଦୁଝର କିନ୍ନର ସଙ୍ଘର କ୍ୟାଣ୍ଡେଲ ଶୋଭାଯାତ୍ରା । କିଛିଦିନ ତଳେ କଲିକତା ଠାରେ ଘଟିଯାଇଥିବା ମହିଳା ଡାକ୍ତରଙ୍କ ପ୍ରତି ହୋଇଥିବା ପାଶବିକ ଅତ୍ୟାଚାର ଘଟଣାର ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ କେନ୍ଦୁଝର ଜିଲ୍ଲା କିନ୍ନର ସଙ୍ଘ ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି । ଶତାଧିକ କିନ୍ନର କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରୁ ହାତରେ କ୍ୟାଣ୍ଡେଲ ଧରି ଏକ ବିରାଟ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା ପରେ ଜିଲ୍ଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲ । ସେଠାରେ କିନ୍ନର ସଂଘ ପକ୍ଷରୁ କଲିକତାରେ ଦୁଷ୍କର୍ମ ପରେ ହତ୍ୟାରେ ପୀଡିତା ମୃତ ମହିଳା ଡାକ୍ତରଙ୍କର ଅମର ଆତ୍ମାର ସଦଗତି କାମନା କରି କ୍ୟାଣ୍ଡେଲ ଜାଳିବା ସହ ଦୋଷିଙ୍କ ବିରୁଦ୍ଧ ରେ କଡା କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ।

## କଲିକତାରେ ମହିଳା ଡାକ୍ତରଙ୍କ ସହ ଅମାନବୀୟ ଘଟଣା



## ପିପିଲିରେ ବାର୍ଡ-ଫ୍ଲୁ: ପୋତା ହେଲେ ୨୦ହଜାର କୁକୁଡା

# ଲୁଚା ଛପାରେ ଚାଲିଛି ଗୋଟା କୁକୁଡା ୫୦ ଟଙ୍କାରେ ବିକ୍ରି

**ପୁରୀ, ନ୍ୟୁଜ ବ୍ୟୁରୋ**

ପୁରୀ ଜିଲ୍ଲା ପିପିଲିରେ କୁକୁଡା ମଡକର ପ୍ରକୃତ କାରଣ ବାର୍ଡ-ଫ୍ଲୁ ରୋଗ ବୋଲି ଜଣାପଡିଛି। ଫୁଲନଖରା ସ୍ଥିତ ପ୍ରାଣୀସଂପଦ ରୋଗ ଅନୁସନ୍ଧାନ କେନ୍ଦ୍ରର (ଏଡିଆରଆଇ) ବିଶେଷଜ୍ଞମାନେ ଗତ ୧୭ ତାରିଖରେ ପିପିଲି ବ୍ଲକ ଅନ୍ତର୍ଗତ ତେଇସିପୁର ପଞ୍ଚାୟତର ଆବଲପୁର ଅଞ୍ଚଳରେ ଥିବା କେତେକ ସଂକ୍ରମିତ କୁକୁଡା ଫାର୍ମରୁ ମଲା କୁକୁଡାଙ୍କ ମଳ, ଗଳାର ଲାଳ ଓ ଜିଅନ୍ତା କୁକୁଡାଙ୍କ ରକ୍ତ ନମୁନାକୁ ସଂଗ୍ରହ କରି ପରୀକ୍ଷା ପାଇଁ ଭେଲୋର ସ୍ଥିତ ଲ୍ୟାବ୍‌କୁ ପଠାଇଥିଲେ। ତେବେ ପରୀକ୍ଷା ରିପୋର୍ଟରୁ ଏହା ବାର୍ଡ-ଫ୍ଲୁ ପଜେଟିଭ୍ ଜଣାପଡିବା ପରେ ଶନିବାର ଠାରୁ ପିପିଲି ଅଞ୍ଚଳରେ କୁକୁଡା ମରା ଅଭିଯାନ ଆରମ୍ଭ ହୋଇଛି। ତେବେ ପ୍ରଥମ ଦିନରେ ଗୋଟିଏ ଫାର୍ମରୁ ଏକ ହଜାର ବ୍ରଏଲର କୁକୁଡାଙ୍କୁ ମାରି ମାଟିରେ ପୋତାଯାଇଛି। ଏହି କୁକୁଡା ମରା ଅଭିଯାନ ଆରମ୍ଭରୁ କ୍ଷତିପୂରଣ ପ୍ରଦାନ ଦାବିରେ ଚାଷୀମାନେ ପ୍ରବଳ ବିରୋଧ କରିଥିଲେ। ଅଞ୍ଚଳର ବହୁ କୁକୁଡା ଫାର୍ମରେ ଶହ ଶହ ସଂଖ୍ୟାରେ କୁକୁଡା ଦୈନିକ ମରୁଥିବା ବେଳେ ବ୍ୟବସାୟୀଙ୍କ ସହଯୋଗରେ କେତେକ ଚାଷୀ ତରବରିଆ ଭାବେ ବଜାର ଘାଟରେ ଗୋଟା କୁକୁଡା ପ୍ରତି ୫୦ ଟଙ୍କାରେ ବିକ୍ରି କରୁଥିବା ଖବର ହସ୍ତଗତ ହୋଇଛି। ସଂକ୍ରମିତ ଅଞ୍ଚଳକୁ ସଂଲଗ୍ନ କରୁଥିବା ୧୧ଟି ପ୍ରବେଶ ପଥ ଦେଇ କୁକୁଡା ଓ କୁକୁଡା ଜାତ ଦ୍ରବ୍ୟର ରପ୍ତାନି ଓ ଆମଦାନି ଉପରେ କଟକଣା ଲଗାଯିବା ସହ ସମସ୍ତ ପ୍ରବେଶ ପଥ ଉପରେ କଡା ନଜର ରଖାଯାଇଥିବା ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାଇ, ତେଇସିପୁର ପଞ୍ଚାୟତର ଆବଲପୁର ଅଞ୍ଚଳରେ ଥିବା କେତେକ କୁକୁଡା ଫାର୍ମରେ ଗତ କିଛିଦିନ ତଳେ ଲଗାତର ଭାବେ ଶହ ଶହ ସଂଖ୍ୟାରେ କୁକୁଡା ମଡକ ହୋଇଥିଲା। ଏ ସଂପର୍କରେ ପିପିଲି ବ୍ଲକ ପଶୁସଂପଦ ବିଭାଗ ଠାରୁ ସୂଚନା ପାଇ ଫୁଲନଖରା ସ୍ଥିତ ପ୍ରାଣୀସଂପଦ ରୋଗ ଅନୁସନ୍ଧାନ କେନ୍ଦ୍ରର (ଏଡିଆରଆଇ) ବିଶେଷଜ୍ଞ ମାନେ ଆବଲପୁର ଗ୍ରାମର ଏକ କୁକୁଡା ଫାର୍ମରୁ ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଭେଲୋର ସ୍ଥିତ ଲ୍ୟାବ୍‌କୁ ପଠାଇଥିଲେ। ପରୀକ୍ଷା ରିପୋର୍ଟ ବାର୍ଡ-ଫ୍ଲୁ ପଜେଟିଭ୍ ଆସିବା ପରେ ପ୍ରାଣୀସଂପଦ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ସଂକ୍ରମିତ ଅଞ୍ଚଳର ୧କିଲୋମିଟର ପରିସୀମା ମଧ୍ୟରେ ରହିଥିବା ୫୪ଟି କୁକୁଡା ଫାର୍ମର ୨୦ହଜାର କୁକୁଡାଙ୍କୁ ମରାଯିବା ସହ ସମସ୍ତ କୁକୁଡା ଫାର୍ମକୁ ବିଶୋଧନ କରାଯିବା ପାଇଁ ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ତଦନୁଯାଇ ଶନିବାର ଦିନ ରାଜ୍ୟର ବିଭିନ୍ନ ଜିଲାରୁ ୧୩ଟି ରାପିଡ୍ ରେସ୍ ପନ୍ସ ଟିମ୍ (ଆରଆରଟି)ର ୬୫ଜଣ ସଦସ୍ୟ ପିପିଲିରେ ପହଞ୍ଚିଥିଲେ। ଅପରାହ୍ନରେ ବିଭାଗୀୟ ଉଚ୍ଚ ଅଧିକାରୀ, ପୁଲିସ ଓ ତହସିଲ କର୍ମଚାରୀଙ୍କ ଉପସ୍ଥିତିରେ ଆରଆରଟିର ସଦସ୍ୟମାନେ ଆବଲପୁର ଅଞ୍ଚଳକୁ ପ୍ରଥମେ ଗସ୍ତ କରିଥିଲେ। ସେଠାରେ ଥିବା କେତେକ ଫାର୍ମରେ କୁକୁଡା ନଥିବା ବେଳେ ବିଭାଗ ପକ୍ଷରୁ ଉକ୍ତ ଫାର୍ମକୁ ବିଶୋଧନ କରାଯାଇଥିଲା। ତେବେ ଅନ୍ୟ ଗୋଟିଏ ଫାର୍ମରୁ କୁକୁଡାଙ୍କୁ ମାରିବା ପାଇଁ ପ୍ରୟାସ ଆରମ୍ଭ କରାଯିବା ବେଳେ ପୋଲଟ୍ରି ଫାର୍ମର୍ସ ଡେଭଲପମେଣ୍ଟ ଫୋରମ, ଓଡିଶା ର ରାଜ୍ୟ ସଂପାଦକ ପ୍ରଦ୍ୟୁମ୍ନ ପରିଡାଙ୍କ ସହ କେତେକ କୁକୁଡା ଚାଷୀ ସେଠାରେ ପହଞ୍ଚ ଚାଷୀଙ୍କୁ ଆବଶ୍ୟକ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଥିଲେ। ଅଞ୍ଚଳର କୁକୁଡା ଚାଷୀମାନଙ୍କୁ ଘଟଣା ସଂପର୍କରେ ସଠିକ୍ ଭାବେ ଅବଗତ କରାଯାଇ କୁକୁଡା ମାରିବାକୁ ସେମାନେ ଦାବି ରଖିଥିଲେ। ଏହାପରେ ସୁରକ୍ଷା କିଟ୍ ପରିଧାନ କରିଥିବା ରାପିଡ୍ ରେସ୍‌ପନ୍ସ ଟିମର ସଦସ୍ୟମାନେ ନିକଟବର୍ତ୍ତି ବାଲିଗାଁ ଗ୍ରାମର ଗୋଟିଏ ଫାର୍ମରୁ ହଜାରେ କୁକୁଡାଙ୍କୁ ମାରି ସେଗୁଡିକୁ ସନ୍ଧ୍ୟାରେ ମାଟିରେ ସୁରକ୍ଷିତ ଭାବେ ପୋତି ଦେଇଥିଲେ। ଆସନ୍ତା କାଲି ଠାରୁ ଏହି ଅଭିଯାନକୁ ଅଧିକ ଜୋରଦାର କରାଯିବାକୁ ଥିବା ବେଳେ ଏଥିରେ ଚାଷୀମାନେ ସହଯୋଗ କରିବାକୁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ତେବେ ଏନେଇ ଅଞ୍ଚଳର କେତେକ ଚାଷୀଙ୍କ ସହ ବିଭାଗୀୟ ଅଧିକାରୀଙ୍କର ଆଲୋଚନା ରବିବାର ହେବାକୁ ଥିବା ସଂପର୍କରେ ଚାଷୀନେତା ପ୍ରଦ୍ୟୁମ୍ନ ପରିଡା ସୂଚନା ଦେଇଛନ୍ତି। ତେବେ ଏହି ସଂକ୍ରମଣ ଯେପରି ଅନ୍ୟ ଅଞ୍ଚଳକୁ ନବ୍ୟାପେ ସେଦିଗରେ ପ୍ରାଣୀ ସଂପଦ ବିଭାଗ ପକ୍ଷରୁ ପ୍ରାଥମିକତା ଦିଆଯାଇଥିବା ବେଳେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଥିବା ସଂପର୍କରେ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଏହି କୁକୁଡା ମଡକ ଘଟଣା ଯୋଗୁଁ ଅଞ୍ଚଳର କୁକୁଡା ଚାଷ ଉପରେ ପ୍ରତିକୂଳ ପ୍ରଭାବ ପଡିଛି। ଏଥିଯୋଗୁଁ ଅଞ୍ଚଳର କେତେକ କୁକୁଡା ଫାର୍ମରେ ସାମୟିକ ଭାବେ ବ୍ରଏଲର କୁକୁଡା ଚାଷକୁ ବନ୍ଦ ରଖାଯାଇଥିବା ସୂଚନା ମିଳିଛି। ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ମଲା କୁକୁଡାଙ୍କୁ ଫୋପାଡି ଦିଆଯାଇଥିବା ଯୋଗୁଁ ପ୍ରବଳ ଦୁର୍ଗନ୍ଧ ଫଳରେ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଥିବା ସୂଚନା ମିଳିଛି। ପିପିଲି ଅଞ୍ଚଳର ବିଭିନ୍ନ ଫାର୍ମରେ କୁକୁଡା ମଡକ ଯୋଗୁଁ କେତେକ ବ୍ୟବସାୟୀଙ୍କ ସହଯୋଗରେ ଚାଷୀମାନେ ବଜାରଘାଟରେ ଗୋଟା କୁକୁଡା ପିଛା ୫୦ଟଙ୍କା ଦରରେ ବିକ୍ରି କରୁଥିବା ସୂଚନା ମିଳିଛି।



## ‘ବିକାଶ’ ଆବାସିକ ବିଦ୍ୟାଳୟରେ ଜାତୀୟ ଅନ୍ତରୀକ୍ଷ ଦିବସ ପାଳିତ

**ବରଗଡ଼, ନ୍ୟୁଜ ବ୍ୟୁରୋ**

କ୍ରୀଷ୍ଣା ବିକାଶ ବରାହଗୁଡ଼ା ଆବାସିକ ବିଦ୍ୟାଳୟରେ ଜାତୀୟ ଅନ୍ତରୀକ୍ଷ ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ଅଡିଟୋରିୟମ୍ ହଲ୍‌ରେ ବିଦ୍ୟାଳୟର ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏଥିରେ ଭାଗ ନେଇଥିଲେ । ଅନ୍‌ଲାଇନ୍ ମାଧ୍ୟମରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀମାନେ ଭାରତୀୟ ବୈଜ୍ଞାନିକ ମାନଙ୍କ ସହିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମର ସୁଯୋଗ ପାଇଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନଙ୍କ ମନରେ ଉଙ୍କି ମାରୁଥିବା ଅନ୍ତରୀକ୍ଷ ସମ୍ବନ୍ଧୀୟ ଅସୁମାରୀ ପ୍ରଶ୍ନର ସଠିକ୍ ଉତ୍ତର ବୈଜ୍ଞାନିକ ଶୁଭ୍ରଦୀପ ଘୋଷ ବୈଭବ ଯୋଶୀ ଦେଇଥିଲେ । ଏହି କାର୍ଯ୍ୟ କ୍ରମ ରେ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଉପାଧ୍ୟକ୍ଷ ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ଓ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

## ଭଡାଘରୁ କନିଷ୍ଠ ଯନ୍ତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବାଲେଶ୍ୱର, ନ୍ୟୁଜ ବ୍ୟୁରୋ**

ଭଡାଘରୁ ମହିଳା କନିଷ୍ଠ ଯନ୍ତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର । ବାଲେଶ୍ୱର ଭୋଗରାଇ ବ୍ଲକ ମନ୍ଦାରସାହି ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟରତ ଥିବା ମୋନାଲିସା ହେମ୍ବ୍ରମଙ୍କ ଝୁଲନ୍ତା ମୃତଦେହ ତାଙ୍କ ଭଡାଘରୁ ଉଦ୍ଧାର ହୋଇଛି । ତେବେ ଏହା ହତ୍ୟା କି ଆତ୍ମହତ୍ୟା ତାହା ଜଣାପଡ଼ିନାହିଁ। ଘଟଣାସ୍ଥଳରେ ଭୋଗରାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ ହୋଇଛି । ମୋନାଲିସା ହେମ୍ବ୍ରମଙ୍କ ଘର ବାରିପଦାରେ । ସେ ଭୋଗରାଇ ବ୍ଲକରେ ପ୍ରଥମ ଚାକିରି କରିଥିବା ବେଳେ ଭଡ଼ା ନେଇ ରହୁଥିଲେ। ମାତ୍ର ଆଜି ପ୍ରାୟ ସକାଳ ୧୦ଟା ପର୍ଯ୍ୟନ୍ତ ସେ ନିଜ ରୁମ୍ କବାଟ ଖୋଲି ନ ଥିଲେ। ପଡ଼ୋଶୀମାନେ ବହୁ ସମୟ କବାଟ ବାଡ଼େଇବା ପରେ ବି ମୋନାଲିସା କବାଟ ନ ଖୋଲିବାରୁ ସେମାନେ ପୁଲିସ୍‌କୁ ଖବର ଦେଇଥିଲେ। ପୁଲିସ୍ ପହଞ୍ଚି କବାଟ ଭାଙ୍ଗି ମୋନାଲିସାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଥିବା ଦେଖିବାକୁ ପାଇଥିଲା।

## ପରକୀୟା ପ୍ରୀତି ହେଲା କାଳ : ଯୁବକଙ୍କୁ ପିଟିପିଟି ହତ୍ୟା କଲା ସ୍ୱାମୀ

**କଟକ, ନ୍ୟୁଜ ବ୍ୟୁରୋ**

ପରକୀୟା ପ୍ରୀତି ହେଲା କାଳ। ପରକୀୟା ପ୍ରୀତିକୁ ସନ୍ଦେହ କରି ସ୍ତ୍ରୀର ପ୍ରେମିକକୁ ହତ୍ୟା କଲା ସ୍ୱାମୀ। କେନ୍ଦ୍ରାପଡ଼ାରେ ଘଟିଛି ଏପରି ଏକ ବୀଭତ୍ସ ହତ୍ୟାକାଣ୍ଡ। ବଳିପଡ଼ିଗଲା ଆଇସକ୍ରିମ ବିକାଳି। ପର ପୁରୁଷ ସହ ସ୍ତ୍ରୀର ସମ୍ପର୍କ ଥିବା ନେଇ ଜଣେ ଆଇସକ୍ରିମ ବିକାଳି ଓ ସ୍ତ୍ରୀକୁ ପିଟିଥିଲେ ସ୍ୱାମୀ। ଘଟଣାସ୍ଥଳରେ ଆଇସକ୍ରିମ ବିକାଳୀ ଟଳିପଡ଼ିଥିବାବେଳେ ଗୁରୁତର ହୋଇଛନ୍ତି ସ୍ତ୍ରୀ। ତେବେ ମୃତ ଯୁବକ ଜଣକ ରାଜସ୍ଥାନର କୁର୍ବାନ ମନସୂରି ବୋଲି ଜଣାପଡ଼ିଛି। ରାଜସ୍ଥାନରୁ ଆସି କେନ୍ଦ୍ରାପଡ଼ା ସହରର ପୁରୁଣା ବସ୍ ଷ୍ଟାଣ୍ଡ ନିକଟରେ ଆସଇକ୍ରିମ ବିକ୍ରି କରୁଥିଲେ। ପ୍ରଦୀ ବୈଷ୍ଣବ ନାମକ ଜଣେ ଆଇସକ୍ରିମ ଫ୍ୟାକ୍ଟ୍ରି ମାଲିକ ଙ୍କ ।ଖରେ କାମ କରୁଥିଲେ କୁର୍ବାନ। କେନ୍ଦ୍ରାପଡାର ଖଡ଼ିଆଙ୍ଗ ଗ୍ରାମ ରେ ସେ ଭଡ଼ା ଘରେ ରହୁଥିଲେ। ତେବେ ପ୍ରଦୀ ତାଙ୍କ ପତ୍ନୀଙ୍କ ସହ କୁର୍ବାନ ମନସୂରିର ଖରାପ୍ ସମ୍ପର୍କ ସଂଦେହ କରି ସ୍ତ୍ରୀ ଓ କୁର୍ବାନକୁ ପିଟିଥିଲେ। ମାଡ ମାରିବାପରେ କୁର୍ବାନ ମନସୂରି ସେହି ସ୍ଥାନରେ ଟଳି ପଡ଼ିଥିଲେ। ଏହି ଘଟଣା ପରେ ଅଭିଯୁକ୍ତ ଖସିଯିବା ସମୟରେ ଟାଉନ ଥାନା ପୋଲିସ ତାଙ୍କୁ ଥାନାରେ ଅଟକ ରଖିବା ସହ, କୁର୍ବାନ ଙ୍କ ଘର ସହ ଯୋଗାଯୋଗ କରିଥିବା ଜଣାପଡ଼ିଛି।



## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ

(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)

ମୋବାଇଲ୍-୯୩୩୭୬୯୩୦୨୨

csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର





**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ


**ତା୨୬।୮।୨୦୨୪, ଭାଦ୍ରବ ଦି୧୧ନ, ସୋମବାର**

**ସୂର୍ଯ୍ୟୋଦୟ-** ଘ୫।୨୯।୫୧ **ଚନ୍ଦ୍ରୋଦୟ-** ରାଘ୧୧।୦୬।୦୫


**ଅଷ୍ଟମୀ-** ରାଘ ୨।୨୦ ପର୍ଯ୍ୟନ୍ତ । **କୃତିକା ନକ୍ଷତ୍ର-** ଦିଘ ୩।୫୬ ପର୍ଯ୍ୟନ୍ତ । **ବୃଷ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ବିଛା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ରାଘ ୨।୨୦ ପରେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୩ ଗତେ ଘ ୭।୦୭ ମଧ୍ୟେ । ଦିଘ ୧୦।୩୩ ଗତେ ଘ୧।୦୩ ମଧ୍ୟେ । **ପର୍ବୋତ୍ସବ -** ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ବ୍ରତ, ମଦର ଟେରେସା ଜୟନ୍ତୀ ।




**ମେଷ:** ବେଶ୍ ପ୍ରଶଂସା ଲାଭ କରିବେ । ମନରେ ଅଦମ୍ୟ ଉତ୍ସାହ ଆସିବ । ଦୁଃସାହସିକ ହେବେ । ଶାରୀରିକ ସୁସ୍ଥତା ଅନୁଭବ କରିବେ । ଗୃହେ ଆନନ୍ଦ । ଆୟ ଓ ବ୍ୟୟ ସମାନ ରହିବାର ସୂଚନା ।




**ବୃଷ:** ଆଜି ଆପଣଙ୍କର ଘାତଚନ୍ଦ୍ର । ଏଣୁ ସାବଧାନତା ଅବଲମ୍ବନୀୟ । ରୋଜଗାର ମଧ୍ୟମ ଧରଣର ହେବ । ସୁସମ୍ବାଦ ଲାଭ କରିବେ । ପରିବାରରେ ବାଦ ବିବାଦର ଆଶଙ୍କା । ଯାହା କିଛି କରିବେ ଆଗରୁ ଚିନ୍ତା କଲେ ଭଲ ।



**ମିଥୁନ:** ରୋଜଗାରରେ ବାଧା ସୃଷ୍ଟି ହେବ । କର୍ମକ୍ଷେତ୍ରରେ ଅସହଯୋଗ ବିରକ୍ତିର ସୂତ୍ରପାତ କରାଇବ । ଅଶାନ୍ତି ବୋଧ ହେବ । ଏଣୁ କଳି ତକରାଳ ସୃଷ୍ଟିର ସମ୍ଭାବନା । ନୂତନ ବନ୍ଧୁ ଜୁଟିବାର ସମ୍ଭାବନା ।



**କର୍କଟ:** ମନରେ ଶତ ସିଂହର ବଳ ନେଇ ପ୍ରତ୍ୟେକ କାର୍ଯ୍ୟରେ ଜୟଯୁକ୍ତ ହେବେ । ଉଚ୍ଚ ଆଶା ଫଳବତୀ ହେବ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ ପ୍ରାଧାନ୍ୟ ବୃଦ୍ଧି । ମାନସିକ ଶାନ୍ତି ଲାଭ ହେବ ।




**ସିଂହ:** କର୍ମହାନୀ, ମନରେ ଦୁର୍ବଳତା ଆସିବ । ନାନା ଦୁର୍ଭାବନା ମନକୁ ଅଚଳ କରିବ । ଆଳସ୍ୟତା ଆସିବ । ରୋଜଗାର ମଧ୍ୟମ ହେବ । ଦୂରଯାତ୍ରା ସ୍ଥଗିତ ରହିପାରେ । ପାରିବାରିକ ଶାନ୍ତି ବଜାୟ ରହିବ ।




**କନ୍ୟା:** ଆଜି ଦିନଟି ବେଶ୍ ସୁଖ ସ୍ୱାଚ୍ଛନ୍ଦ୍ୟରେ କଟିବ । ବାକିଥିବା କାର୍ଯ୍ୟ ନିର୍ବାହ ହେବ । ରୋଜଗାରରେ ସମସ୍ୟା ଦେଖାଦେବ । ଭୋଜନେ ତୃପ୍ତି ଲାଭ । ପାରିବାରିକ ଆଦର ବୃଦ୍ଧି । କର୍ମକ୍ଷେତ୍ରରେ ଉଜ୍ଜ୍ୱଳମୟ ହେବ ।



**ତୁଳା:** ବିଭିନ୍ନ ଦିଗରୁ ସହକର୍ମୀ ମାନଙ୍କ ଅସହଯୋଗ ବଢ଼ିବ । କର୍ମହାନୀର ସୂଚନା । ପଥରୋଧର ଆଶଙ୍କା । ଆୟରେ ବାଧା ଜାତ ହେବ । ପରିବାରରେ ବାଦବିବାଦ ଦେଖାଦେବ । ଶତ୍ରୁ ପ୍ରତି ସତର୍କ ରହିବେ ।




**ବିଛା:** କର୍ମକ୍ଷେତ୍ରରେ ସାହାଯ୍ୟ ସହଯୋଗ ପାଇ ଅଗ୍ରଗତି କରିଚାଲିବେ । ଅଳ୍ପ ଆୟରେ ସନ୍ତୁଷ୍ଟ ହେବାକୁ ପଡ଼ିବ । ଦୟାଳୁ ହେବେ । ଆର୍ଥିକ ଆଶା ନିରର୍ଥକ ହେବ । ଦେହ ଓ ମନ ଭଲ ରହିବାର ସୂଚନା ।



**ଧନୁ:** ଆଜି ଦିନଟି ବେଶ୍ ଭଲରେ ବିତିବ । ଦୂରଯାତ୍ରା କରି ଆନନ୍ଦିତ ହେବେ । କାର୍ଯ୍ୟ ସିଦ୍ଧି ହେବ । ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁ ସହଯୋଗ ପାଇବେ । ପାରିବାରିକ ସହଯୋଗ ଲାଭ କରିବେ ।



**ମକର:** କର୍ମଚ୍ୟୁତିର ଆଶଙ୍କା । ଶରୀର ସୁସ୍ଥ ରହିବ । କର୍ମକ୍ଷେତ୍ରରେ ସହଯୋଗ ମିଳିବ ନାହିଁ । ରୋଜଗାରରେ ବାଧା ଦେଖାଦେଇପାରେ । ଅଳସୁଆ ହେବେ । ପରିବାରରେ ଅଶାନ୍ତି ଦେଖାଦେବ । ମହିଳାମାନେ ଗର୍ବୀ ହେବେ ।



**କୁମ୍ଭ:** କର୍ମକ୍ଳାନ୍ତି ଅନୁଭବ କରିବେ । କର୍ମକ୍ଷେତ୍ରରେ ନିଜକୁ ଏକୁଟିଆ ଭାବିବେ । ଶାରୀରିକ ଅସୁସ୍ଥତା ପାଇଁ ଅର୍ଥରେ ବାଧା ସୃଷ୍ଟି ହେବ । ପରିବାରରେ ସହଯୋଗ ପାଇବେ । ଶୁଭ ଖବର ପାଇବାର ସୂଚନା ।



**ମୀନ:** ଦୂରଯାତ୍ରା ସାଫଲ୍ୟ ମଣ୍ଡିତ ହେବ । ବନ୍ଧୁ ମିଳନର ସୁଯୋଗ ଆସିବ । ସାହାଯ୍ୟ ସହଯୋଗ ପାଇପାରିବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପରିବାରରେ ଆନନ୍ଦ ଉଲ୍ଲାସ ଲାଗି ରହିବ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୨୭।୮।୨୦୨୪, ଭାଦ୍ରବ ଦି୧୨ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ-** ଘ୫।୩୦।୫୧ **ଚନ୍ଦ୍ରୋଦୟ-** ରାଘ୧୨।୦୧।୦୮

**ନବମୀ-** ରାଘ ୧।୩୪ ପର୍ଯ୍ୟନ୍ତ । **ରୋହିଣୀ ନକ୍ଷତ୍ର-** ଦିଘ ୩।୩୮ ପର୍ଯ୍ୟନ୍ତ । **ବୃଷ ଚନ୍ଦ୍ର-** ରାଘ ୩/୪୧ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ ଓ ମୀନ ରାଶିର ରାଘ ୩/୪୧ ଗତେ ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର ଓ ମୀନ ରାଶିର, **ଘାତ ଚନ୍ଦ୍ର-** ବିଛା ରାଶିର ରାଘ ୩/୪୧ ଗତେ କନ୍ୟା ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଲାଉ ରାଘ ୧/୩୩ ପରେ କଳମ ଶାଗ ଖାଇବା ମନା। **ଆଜିର ଶୁଭବେଳା-** ଦିଘ ୮।୪୧ ଗତେ ଘ ୧୦।୩୩ ମଧ୍ୟେ । ଦିଘ ୧।୦୩ ଗତେ ଘ୧।୨୩ ମଧ୍ୟେ । **ପର୍ବୋତ୍ସବ -** ନବୋତ୍ସବ

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ଭାରତୀୟ କର୍ମଚାରୀ ଦୁଃଖୀ

ଭାରତରେ କାର୍ଯ୍ୟ କରୁଥିବା ଲୋକମାନେ ନିଜ କାମରେ ବିଶେଷ ସନ୍ତୁଷ୍ଟ ନାହାନ୍ତି। ଅଧିକାଂଶ କର୍ମଚାରୀ ନିଜର ଜୀବନକୁ ସଂଘର୍ଷରତ ଓ ଦୁଃଖମୟ ବୋଲି କହିଛନ୍ତି। ଗ୍ୟାଲପ୍ର ବିଶ୍ୱ କର୍ମକ୍ଷେତ୍ର ରିପୋର୍ଟରୁ ଏହି ତଥ୍ୟ ସାମ୍ନାକୁ ଆସିଛି। କାର୍ଯ୍ୟକ୍ଷେତ୍ରରେ ସନ୍ତୁଷ୍ଟିକୁ ନେଇ ଭାରତର ପ୍ରଦର୍ଶନ ନେପାଳଠାରୁ ବି ଖରାପ ରହିଛି। ଗ୍ୟାଲପ୍ ରିପୋର୍ଟ ଅନୁସାରେ ଭାରତରେ ମାତ୍ର ୧୪ ପ୍ରତିଶତ କର୍ମଚାରୀ କାମରେ ସଫଳ ଥିବା କହିଛନ୍ତି। ଅବଶିଷ୍ଟ ୮୬ ପ୍ରତିଶତ କର୍ମଚାରୀ କର୍ମକ୍ଷେତ୍ରରେ ସଂଘର୍ଷ କରୁଥିବା କିମ୍ବା ଦୁଃଖୀ ଥିବା କହିଛନ୍ତି। କେବଳ ଭାରତ ନୁହେଁ ସମଗ୍ର ଦକ୍ଷିଣ ଏସିଆରେ ଏଭଳି ସ୍ଥିତି ରହିଛି। ବିଶ୍ୱସ୍ତରରେ ହାରାହାରି ଭାବେ ୩୪ ପ୍ରତିଶତ କର୍ମଚାରୀ ନିଜକୁ ସଫଳ ବିବେଚନା କରୁଥିବା ବେଳେ ଦକ୍ଷିଣ ଏସିଆରେ ଏହି ହାର ଯଥେଷ୍ଟ କମ୍ ରହିଛି।

ଏହି ସର୍ବେକ୍ଷଣରେ ଭାଗ ନେଇଥିବା ୩୫ ପ୍ରତିଶତ ଭାରତୀୟ କହିଛନ୍ତି ଯେ ପ୍ରତିଦିନ ସେମାନଙ୍କୁ ରାଗ ଲାଗୁଛି ଯାହା ଦକ୍ଷିଣ ଏସିଆରେ ସର୍ବାଧିକ। ୩୨ ପ୍ରତିଶତ କର୍ମଚାରୀ କହିଛନ୍ତି ଯେ ସେମାନେ ଚାପରେ ଅଛନ୍ତି। ଏହି ହାର କିନ୍ତୁ ସବୁଠୁ କମ୍ ରହିଛି। ଶ୍ରୀଲଙ୍କାର ୬୨ ପ୍ରତିଶତ ଏବଂ ଆଫଗାନିସ୍ତାନର ୫୮ ପ୍ରତିଶତ କର୍ମଚାରୀ ଚାପରେ ଥିବା କହିଛନ୍ତି। ଭାରତୀୟ କର୍ମଚାରୀମାନେ କାମକୁ ନେଇ ଏତେଟା ସନ୍ତୁଷ୍ଟ ନଥିଲେ ମଧ୍ୟ କାମ ସହିତ ଯୋଡ଼ିହୋଇରହିବାରେ ସେମାନେ ଅନ୍ୟ ଦେଶର କର୍ମଚାରୀଙ୍କଠାରୁ ଆଗରେ ରହିଛନ୍ତି। ଭାରତରେ କର୍ମଚାରୀ ସମ୍ପୃକ୍ତି ହାର ୩୨ ପ୍ରତିଶତ ରହିଛି ଯାହା ବିଶ୍ୱର ହାରାହାରି ହାର ୨୩ ପ୍ରତିଶତଠାରୁ ଅଧିକ। ଗ୍ୟାଲପ୍ ପକ୍ଷରୁ ବିଭିନ୍ନ ଦେଶର କର୍ମଚାରୀମାନଙ୍କ ଶାରିରୀକ ଓ ମାନସିକ ସ୍ଥିତିକୁ ଅନୁଶୀଳନ କରି ସେମାନଙ୍କୁ ସଫଳ, ସଂଘର୍ଷରତ ଓ ଦୁଃଖୀ ଭଳି ତିନିଟି ବର୍ଗରେ ଭାଗ କରାଯାଇଛି। ଯେଉଁମାନେ ନିଜର ବର୍ତ୍ତମାନ ଓ ଭବିଷ୍ୟତ ସମ୍ଭାବନାକୁ ନେଇ ସକାରାତ୍ମକ ମତ ଦେଇଥିଲେ ସେମାନଙ୍କୁ ସଫଳ ବର୍ଗରେ ରଖାଯାଇଛି। ଯେଉଁମାନେ ନକାରାତ୍ମକ ମତ ଦେଇଥିଲେ ଏବଂ ଦୈନିକ ଚାପ ଓ ଆର୍ଥିକ ସମସ୍ୟା ଦେଇ ଗତି କରୁଥିବା କହିଥିଲେ ସେମାନଙ୍କୁ ସଂଘର୍ଷରତ ବର୍ଗରେ ରଖାଯାଇଛି। ଶାରିରୀକ ଓ ମାନସିକ ଯନ୍ତ୍ରଣା ଭୋଗୁଥିବା କହିଥିବା କର୍ମଚାରୀମାନଙ୍କୁ ଦୁଃଖୀ ବର୍ଗରେ ରଖାଯାଇଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

**'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,**
**କମଳା, ଶ୍ରୀ ହରପ୍ରିୟା**
**ଇନ୍ଦିରା, ଲୋକ ମାତା, ମା'**
**କ୍ଷୀରବ୍ଧୀ ତନୟା ରମା ।'**


ଶ୍ରୀ ଅଭିରାମ ସରସ୍ୱତୀ

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)

(କ୍ରମଶଃ)

# ଏ ମଣିଷକୁ ପଥର କଲା କିଏ ?



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

ବଡ଼ ବିଚିତ୍ର ଏ ସମାଜ। ଆହୁରି ବିଚିତ୍ର ଏ ବିଧି, ବିଧାନ, ପରମ୍ପରା। କାହା ମୁଣ୍ଡରେ ହାତୀ ସୁନାକଳସ ଢାଳେ। ବାସ୍, ଏଣିକି ସେ ରାଜା। ହାତରେ ରାଜଦଣ୍ଡ। ତାଙ୍କ ଆଦେଶ ଶିରୋଧାର୍ଯ୍ୟ। ନଚେତ୍ ମୁଣ୍ଡକାଟ ଶାସ୍ତି। ଚାଲେ ବଂଶାନୁକ୍ରମିକ ଶାସନ। ରାଜାର ପୁଅ ରାଜା। କଟୁଆଳ, ମନ୍ତ୍ରୀ, ଆଉ ଆଉ ପାରିଷଦବର୍ଗ। ସେମାନଙ୍କ ପଦ ପଦବୀ ଅନୁଯାୟୀ ପାଆନ୍ତି ସେମାନଙ୍କ ପୁଅ, ନାତି। ଆଉ ରହିଲେ ପ୍ରଜାକୁଳ। ଏମାନେ ରାଜଭକ୍ତ। ରାଜା ସେମାନଙ୍କ ପାଇଁ ଦେବତା, ଈଶ୍ୱରଙ୍କ ପ୍ରତିନିଧି। ନୀତି, ଅନୀତି, ନ୍ୟାୟ, ଅନ୍ୟାୟ ପ୍ରଜାଙ୍କ ପାଇଁ ସମାନ। ନାହିଁ ପ୍ରତିବାଦ ଅବା ପ୍ରତିରୋଧ। ମୁଣ୍ଡଟେକିଲେ ମୁଣ୍ଡ ହାଣ ଶାସ୍ତି। ରାଜାଙ୍କର ବିଳାସ, ବ୍ୟସନ, ପ୍ରାଚୁର୍ଯ୍ୟ। ନଭଶ୍ଚୁମ୍ବୀ ଅଟ୍ଟାଳିକା, ବେଣ୍ଟ ପୋଖରୀ, ପ୍ରମୋଦ ଉଦ୍ୟାନ - ସବୁ ଗଢ଼ା ପ୍ରଜାଙ୍କ ରକ୍ତରେ। ବେଠି, ବେଗାରି, ସଲାମି - ଏତ ରାଜବିଧି। ଅନେକ ରାଜା ପ୍ରଜାପୀଡ଼କ। ନାନାଦି ଉତ୍ପୀଡ଼ନ। ବାଦ୍ ପଡ଼ନ୍ତିନି ଝିଅ ବୋହୂ, ଉପଭୋଗର ଶିକାର ପାଲଟନ୍ତି। ପୁନଶ୍ଚ ରାଜାଏ ଯଶରଙ୍କା। ମଠ, ପୀଠ, ମନ୍ଦିର ଗଢ଼ନ୍ତି। ନଅର ସଜାନ୍ତି। ପ୍ରଜାଏ ଦିଅନ୍ତି ଶ୍ରମ। ନିଜ ରକ୍ତକୁ ପଳପଳ କରି ଝାଳରେ ପିଅନ୍ତି। ପାହିଯାଏ ରାତି। ପୁରୁଣା ରାଜା ଜାଗାରେ ନୂଆରାଜା। ସେ ବି ଯାଆନ୍ତି, ତାଙ୍କ ଉତ୍ତରାଧିକାରୀ ରାଜ ସିଂହାସନରେ। ଏ ରାଜ-ପରମ୍ପରା। ଅମର ରହେ କାଳ କବଳରେ ରାଜାଙ୍କ କୀର୍ତ୍ତି। ସେଇଥି ପାଇଁ ଲକ୍ଷେ ବେନାମୀଙ୍କ ପ୍ରାଣବଳି। ଗଢ଼ାହୁଏ ଶମଶାନ। ସବୁଠି ରାଜାର ଜୟଜୟକାର। ବିଚରା ଶ୍ରମିକ, ଶିଳ୍ପୀଏ। ରହି ଯାଆନ୍ତି ପରଦା ଅନ୍ତରାଳରେ। ସେ କୋଣାର୍କ ଦେଉଳ ହେଉ, ମନ୍ଦିର ମାଳିନୀ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର, ଅବା ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିର। ସବୁଠି ରାଜାର ନାଁ, ଜୟ ଜୟକାର। ମୂଲିଆ ଦେଇଛି ମୂଲ, ପଥର ବୋହି ବୋହି କୂର୍ମ ପାଲଟିଛି। ଶିଳ୍ପୀ କୁଳଙ୍କର ବର୍ଷ ବର୍ଷର ଶ୍ରମରେ ଗଢ଼ା କୀର୍ତ୍ତିସ୍ତମ୍ଭ। ସତେ ଯେମିତି କାଳ ସବୁ ମେହେନତୀ ମଣିଷକୁ ଚଳୁ କରି ଦେଇଛି ! ସାରା ଜୀବନ ପଥର କାଟି କାଟି ସେମାନେ ପଥର ହୋଇଛନ୍ତି। ତାକୁ ପାଷାଣ କରିଛି କିଏ ? ଏଇ ରାଜା। ତଥାପି ସେଇ ଶୋଷିତର ଜୟଗାନ। ରାଜା ! ମୋ ରାଜା !

ପ୍ରତିଟି ସର୍ଜନା ମୂଳରେ ମୂଲିଆର ଅବଦାନ। ତା' ଶ୍ରମର ମୂଲ କିଏ ଦିଏନା। କିଏ ବୁଝେନା ତା' ଅନ୍ତର ବେଦନା। ଶୋଷଣ ଉପରେ ଶୋଷଣ। ସହି ସହି ବିଚରା ପାଲଟି ଯାଏ ନିଦା ପଥର। ଶେଷ ହୁଏନା ଶୋଷକର ଅତ୍ୟାଚାର, ବସିଖିଆର ନାଲି ଆଖି, ଥିଲାବାଲାର ନିର୍ମମ ଆଦେଶ। ଶୋଷିତଟି ନାଚାର। ନାହିଁ ଧନ, ଜନ ବଳ ଅବା ପ୍ରତିବାଦ କରିବାର ସାହସ ଟିକକ। ମଥାପାତି ସବୁ ସହିଯିବା ସାର। ଶେଷରେ ସେ ହରାଏ ତା'ର ଚିନ୍ତା ଶକ୍ତି। ବୋଧଶକ୍ତି ବି। ତା' ପାଇଁ ଦିନରାତି ସମାନ। ସ୍ତ୍ରୀ, ପିଲା, ସଂସାର ତା' ପାଇଁ ସାତ ସପନ। ଏମିତି ଜଣେ ପଥର କାଟୁଥିବା ମଣିଷ ଭୀମଦାସ। ଦେଖିନି ତା' ମାଲିକ ରାଜାଙ୍କୁ। ତଥାପି ତାଙ୍କରି ଆଦେଶ। ଗଡ଼ ତୋଳାହେବ, ମଧୁପୁର ଗଡ଼। ଗଦା ଗଦା ପଥରଲୋଡ଼ା। ଭୀମ ଦାସ ଆଗରେ, ତା' ପରି ଶହ ଶହ ପଥର କଟାଳି। କାମ ଚାଲିଲା। ଦିନ ପରେ ଦିନ, ମାସ, ବର୍ଷ ବର୍ଷ ପରେ ବର୍ଷ। ପାହାଡ଼ ଛାତି ଫାଟିବାର ନାହିଁ ଅନ୍ତ। ମଧୁପୁର ଗଡ଼ ମୁଣ୍ଡ ଟେକିଲା। ପୁନଶ୍ଚ ନିର୍ମାଣ ପରେ ନିର୍ମାଣ। ସେଦିନ ପନ୍ଦର ବର୍ଷ ବୟସର ଭୀମ ଦାସ। ଚିକ୍କଣ ଶରୀର କାନ୍ତି। ଆରକ୍ତ ଅଧର ତଳ। ବିମଳ ଲୋଚନ ଜ୍ୟୋତି, କୋମଳ ବଦନ, ନିରଳସ ଚାଲି, ନିରାଭରଣ ବେଶ - ଏବେ ସବୁ ଓଲଟ ପାଲଟ। ଭୂମି କମ୍ପିଲେ ପର୍ବତ ସମୁଦ୍ର, ସମୁଦ୍ର ପର୍ବତ ହୋଇଯାଏ। ସେମିତି ଏଇ ଭୀମ ଦାସ। ସେ ପଥର କାଟୁଛି, କେହି ଜାଣିପାରୁନି। ରାତିରେ ଶୋଉଛି, ଯୌବନର ସ୍ୱପ୍ନ ଦେଖୁନି। ଦିନରେ ବାଟ ଚାଲୁଛି କାହାକୁ ପଥ ପଚାରୁନି। ନିତି ପଥର କଟାର ଶବ୍ଦ। ପବନ ବାଣ୍ଟି ଦେଉଛି ପାହାଡ଼ ତଳି ଗାଁରେ। ଏବେ ଭୀମ ଦାସ ମଣିଷ ନୁହେଁ, ପଥର। ଏ ମଣିଷକୁ ପଥର କଲା କିଏ ? ଏଇ ରାଜତନ୍ତ୍ର। ଏହାରି ଉପରେ ଆଧାରିତ ଚମତ୍କାର ଗପଟେ – "ଏ ମଣିଷକୁ ପଥର କଲା କିଏ ?" ଗାଳ୍ପିକ ମହାନ ସ୍ରଷ୍ଟା ଗୋଦାବରୀଶ ମହାପାତ୍ର। ଅତ୍ୟାଚାର, ବସିଖିଆର ଅତ୍ୟାଚାର। ଏ ମଣିଷ ଉପରେ, ପ୍ରକୃତି ଉପରେ, ପରିବେଶ ଉପରେ ଅତ୍ୟାଚାର। ଶୋଷିତର ଲହୁ ଲୁହର କରୁଣ କାହାଣୀ ଗପଟିର ଅନ୍ତଃସ୍ୱର।

ମଧୁପୁର ଗଡ଼ ପର୍ବତ। ନିଶ୍ଚଳ, ନିଷ୍ପନ୍ଦ। ଦଣ୍ଡାୟମାନ ଧ୍ୟାନ ମଗ୍ନ ଋଷିସମ। ତା'ର ଇତିହାସ ଅଜଣା। ଏବେ ତା' ଦେହରେ ଛନ୍ଦାଛନ୍ଦି ତରୁଲତା। ଶ୍ୟାମଳ ପତ୍ର ଶୋଭିତ। ଫୁଲ ଫୁଟି ହସୁଚି। ତା' ଦେହଟା ବି ନିଘଞ୍ଚ। ଜନମାନବ ଠାରୁ ଢେର୍ ଦୂରରେ। ବଣଜନ୍ତୁ ବସା ବାନ୍ଧିଛନ୍ତି। ପକ୍ଷୀର କିଚିରି ମିଚିରି ସ୍ୱର। ବରଷା ରାଣୀ, ତା' କପାଳକୁ ଧୋଇଦିଏ। ସୂର୍ଯ୍ୟ, ଚନ୍ଦ୍ର, ତାରା। ଜାତି ଜାତି ବେଶରେ ସଜେଇ ଦିଅନ୍ତି। ବଡ଼ ମନଜିଣା ଶୋଭା, ସୁରଭି। ଏ ମଧୁପୁର 'ଗଡ଼ପର୍ବତ'। ପାହାଡ଼ ତଳି ଜଙ୍ଗଲ, ଦିଗ୍ ଦିଗନ୍ତ ବିସ୍ତାରୀ। କେହି କେବେ ସେଠାକୁ ଯାଆନ୍ତି ନାହିଁ। ଯିବା ବି ଅସମ୍ଭବ। ହଠାତ୍ ଦୃଶ୍ୟପଟ୍ଟ ବଦଳିଗଲା। କେତେଜଣ ଆସିଲେ। ଟମକ ବାଜୁଥାଏ। ପାହାଡ଼ ତଳଟା ମପା ଚାଲିଛି। ଗଛପତ୍ରରେ ଚମକ, ପବନରେ ଢଳି ଢଳି ପତ୍ରମାନେ କୁହାକୁହି – "ଏ ରାଜ୍ୟରେ ପୁଣି ଏ କି ପରିବର୍ତ୍ତନ ?" କେଇଟା ଦିନ ଅତିକ୍ରାନ୍ତ। ଆରମ୍ଭ ହେଲା ଅତ୍ୟାଚାର। କାଠୁରିଆଙ୍କର ନିର୍ମମ କୁଠାରଘାତ। ଟଳି ପଡ଼ିଲେ ଦ୍ରୁମ, ମହାଦ୍ରୁମ। କେଉଁ ଗଛର ମୂଳ ହଣା ତ ଆଉ କା'ର ମୂଳ ତଡ଼ା। କାହାର ଶୁଣ୍ଢ କଟାଗଲା। ବୃକ୍ଷରାଜି ଥୁଣ୍ଟା, ଶ୍ରୀହୀନ। ଏତିକିରେ କଥା ସରିଲାନି। ଚାଲିଲା ଶିକାର। ଜଙ୍ଗଲବାସୀ ଜୀବଗଣ ଶିକାରୀ ବାଣରେ ଲହୁଲୁହାଣ। ଶର, ଖଣ୍ଡାର ଚୋଟ। ଜୀବଜନ୍ତୁ ଶୂନ୍ୟ ହେଲା ଜଙ୍ଗଲ। ନିଷ୍ଠୁର ଏ ମଣିଷମାନେ, ଲୁଟିନେଲେ ଜଙ୍ଗଲର ପ୍ରାକୃତିକ ଶୋଭା, ଶିରି, ସୁଷମା। ଏବେ ସେ ବିଗତ ଯୌବନା, ବାଳ ବିଧବାର ଶାନ୍ତ ସ୍ନିଗ୍ଧ ବେଶ। ବନରାଜ୍ୟରେ ହାହାକାର। ଏଥି ପାଇଁ ଦାୟୀ ଏ ଐଶ୍ୱର୍ଯ୍ୟରଙ୍କା ମଣିଷମାନେ। ଏଣିକି ପାଳି ମଧୁପୁରଗଡ଼ ପାହାଡ଼ର। ଚାଲିଲା ଶାବଳ ମାଡ଼, ଲୁହାର ଶାବଳ। ତା' ହୃଦୟକୁ ଟୁକୁରା ଟୁକୁରା କରି ଦିଆଗଲା। ଗୋଟା ପରେ ଗୋଟା ପଥର, ଶଗଡ଼ ଶଗଡ଼ ରଙ୍ଗମାଟି, କେତେ ଗୋଡ଼ି, କେତେ ଧୂଳିମାଟି। ଦିନକୁ ଦିନ ବୁହା ଚାଲିଲା। ସବୁ ଆଡ଼େ ରାଷ୍ଟ୍ର ହେଇଗଲା ନଅର ତୋଳା ହେବ, ମଧୁପୁର ରାଜ ନଅର।

ରାଜ ନଅର, ଅପୂର୍ବ ଏହାର ରଙ୍ଗ ବିଭବ। ନଅର ଭିତରେ ଦୀପମାଳା, ଅଭିନବ ସାଜସଜ୍ଜା। ବିଳାସପ୍ରିୟ କୀର୍ତ୍ତି ଲିପ୍ସୁ ମାନବଗଣ। ନଅର ଭିତରେ ରାଜା ରହିଲେ। ରାଣୀ ବି। କେତେକେତେ ଆନନ୍ଦ ଉତ୍ସବ, ବାଇଦ ବାଜଣା, ମର୍ତ୍ତ୍ୟ ମରୁଭୂମିରେ ସ୍ୱର୍ଗର ଅମରାବତୀ। ଗଡ଼ର ନାଁ ମଧୁପୁର ଗଡ଼। ଏଇ ପର୍ବତ ଖଣ୍ଡକର ନାଁ 'ଗଡ଼ପର୍ବତ'। ଜଙ୍ଗଲକଟା, ପାହାଡ଼ ଛାତି ଫଟା, ଗଡ଼ ନିର୍ମାଣ ଚାଲିଲା। ନିର୍ମାଣର ଅନ୍ତ ନାହିଁ, ପୁଣି ଘର, ପାଚେରୀ, ଦେବ ମନ୍ଦିର। ପ୍ରସ୍ତାବ ପରେ ପ୍ରସ୍ତାବ। କଳ୍ପନା ପରେ କଳ୍ପନା। ଏ ରାଜାଙ୍କ କଳ୍ପନା। କିଏ ବା ଟାଳିଦେଇ ପାରିବ ? ଗଡ଼ର ଉଆସ ଭିତରେ ରାଜା। ସେଇ ଦରଭଙ୍ଗା ପାହାଡ଼। ତା'ରି ଭିତରେ କିଏ ରହିଲା, ତା'ର ବା କିଏ ହିସାବ ରଖିଛି ? ବିଚରା ଭୀମ ଦାସ, ତା' ପରି ଆହୁରି ଅନେକ। ଆଦରି ନେଲେ ଗଡ଼ପର୍ବତକୁ। ଦିନେ ଜଙ୍ଗଲ ଥିଲା ଗଡ଼ ହେଲା। ପାହାଡ଼ ଥିଲା - ତା' ବୁକୁ ଫଟା ହେଲା। ରାଜା ଆସିଲେ - ରାଜା ଗଲେ। ତଥାପି ଗଡ଼ରେ ଘରତୋଳାର ବିରାମ ନାହିଁ। ବୁଢ଼ା ରାଜା ମଲେ। ଯୁବରାଜ ସିଂହାସନରେ। ପୁରୁଣା ଦେବାନ ଜାଗାରେ ନୂଆ ଦେବାନ। କାଲେଣ୍ଡରର ପୃଷ୍ଠା ପରେ ପୃଷ୍ଠା ବଦଳିଗଲା। ଏମିତି କେତେବର୍ଷ ଗଲା; ମାତ୍ର ପର୍ବତରୁ ପଥର ତଡ଼ା ଶେଷ ହେଲାନି। ସକାଳୁ ସଞ୍ଜଯାଏ ହାତୁଡ଼ିର ଠକ୍ ଠକ୍ ଶବ୍ଦ। ପଥର ଗଡ଼ାର ଘଡ଼ ଘଡ଼ ଶବ୍ଦ, ନିତି ଶୁଭେ। ରାଜାଙ୍କ କାନରେ ପଡ଼େ। ଦିନେ ବି ପଚାରିଲେନି, କିଏ ସେ ପଥର ଗଡ଼ାଇ ଗଡ଼ବାସୀଙ୍କୁ ଦମକେଇ ଦଉଚି ? ସେଇ ଅସହାୟ ଜଣକ ଭୀମଦାସ। ଜନ୍ମରେ ମନୁଷ୍ୟ, ଜାତିରେ ଚଷା, ବ୍ୟବସାୟ ପଥରକଟା। ବୟସ ତା'ର ଅଶୀ ପାଖାପାଖି। ଜଙ୍ଗଲ ତା'ର ଘର। ଖାଦ୍ୟ ଫଳମୂଳ। ନିତି ପଥର କାଟେ। ଏଇ ଭୀମ ଦାସର କଥା। ମଧୁପୁର ଗଡ଼ ଇତିହାସ ସହ ସଂଶ୍ଳିଷ୍ଟ। ଗଛରୁ ତାଳପତ୍ର ବକଳା କାଢ଼ି ତାକୁ ଗଛ କୁହାଯାଇପାରେ; ମାତ୍ର ଭୀମ ଦାସକୁ ବାଦ୍ ଦେଲେ ମଧୁପୁର ଗଡ଼ ଇତିହାସ ଅସମ୍ପୂର୍ଣ୍ଣ।

ସେଦିନ ଜଙ୍ଗଲରେ ଟମକ ବାଜିଲା। ବନ୍ୟଜନ୍ତୁ ଭୀତତ୍ରସ୍ତ। ଟମକିଆ ହାତରେ ଟମକ କାଠି। କାଟି ବଢ଼େଇ ଦେଇଥିଲା ଏଇ ଭୀମଦାସ। ଭୀମ ଦାସର ପ୍ରଥମ ଚୋଟ ଗଛ ଦିହରେ ବାଜିଲା। ପ୍ରଥମ ପଥର ଖଣ୍ଡ ସେ ତାଡ଼ିଲା। ମଧୁପୁର ଗଡ଼ ପର୍ବତ ଭିତରେ ପ୍ରଥମ ମଣିଷ ସ୍ୱର ସେଇ ଭୀମ ଦାସର। ସେଇଠି ସେ ପ୍ରଥମେ ହସିଲା, ନାଚିଲା, ଗୀତ ଗାଇଲା। ସେ ପରା ପାଳିଚି ତା'ର ରାଜାର ଆଦେଶ ! ଉତ୍ସର୍ଗୀକୃତ ସେବା, ପ୍ରତ୍ୟାଶା ବିହୀନ ଶ୍ରମ। ଭୀମ ଦାସ। କୁହାଯାଇପାରେ ସେଇ ମାନବ; ପଥର, ତରୁଲତା କିମ୍ବା ପର୍ବତ ଭିତରେ ସାନ ପଥର ଖଣ୍ଡେ ! ମଧୁପୁର ଗଡ଼ ଏବେ ସୌନ୍ଦର୍ଯ୍ୟମୟୀ। ଦେବ ମନ୍ଦିର, ଉଆସ, ନଅର, ବିହାର, ଉଦ୍ୟାନ - ଏସବୁ ବିଶୋଭିତ। ପ୍ରତିଟି ପଥରରେ ଭୀମଦାସ ହାତର ସ୍ପର୍ଶ। ସବୁ ପଥର ତା'ରି ହତିଆରରେ ପର୍ବତରୁ ବିଚ୍ଛିନ୍ନ। ଦିନ, ଦିନ, ବର୍ଷ, ବର୍ଷ - ଏମିତି ଷାଠିଏ ବର୍ଷ। ଖରା, ଶୀତ, ବରଷାକୁ ଖାତିରି ନାହିଁ। ସେଇ ଭୀମ ଦାସ, ମଧୁପୁର ଗଡ଼ ପର୍ବତକୁ ରାଜ ନଅର କରି ଦେଇଛି। ଅକର୍ମା ଶିଳା ଏବେ ଅଭିନବ ବେଶରେ। ଦେଖଣାହାରୀଙ୍କ ଆଖି ଖୋସି ହେଇଯାଇଛି। ଭୀମ ଦାସ ଏବେ ନିର୍ବିକାର। ମଧୁପୁର ଗଡ଼ପର୍ବତ ତା'ର ଭାରି ଆପଣାର, ଢେର୍ ନିଜର। ଦିନ ସାରାର କ୍ଲାନ୍ତି। ରାତିରେ ନିଘୋଡ଼ ନିଦ। ଶୋଇଯାଏ ପାହାଡ଼ ଖୋଲରେ ଭୀମଦାସ।

ଭୀମ ଦାସ ଆଜ୍ଞାବହ ଶ୍ରମିକ, ତା' ମାଲିକ, ସାଧାରଣ ନୁହେଁ, ମଧୁପୁରଗଡ଼ର ରାଜା। ଭୀମଦାସ ନିବରବ। ମାନି ଚାଲିଛି ତା' ରାଜାର ଆଦେଶ। ହେଲେ ମାଲିକ ବୁଝେନି ମୂଲିଆ ଦୁଃଖ। ଏମିତି କେତେ କେତେ ଭୀମ ଦାସ, କେତେ କେତେ ସନାତନ ପଥର ଫଟାନ୍ତି। କାନ୍ତରାଟି ଟ୍ରକ ପଛରେ ବୁହା ହୋଇ ଯାଆନ୍ତି। ତଥାପି ନାହିଁ ଅବସାଦ ଅବା ଅନୁଶୋଚନା। ନଶ୍ୱର ନର ଦେହର ଗରିମାର ଲୀଳା। "ଇନ୍ଦ୍ରନୀଳ ଶିର ତୋଳି ନଭସ୍ଥଳେ, ଏ ଦୃଶ୍ୟ ଦେଖନ୍ତି ଶାଶ୍ୱତ ଅଚଳେ।" - ସେ ଦିନ ବି ଦେଖୁଥିଲା ମଧୁପୁର ଗଡ଼ପର୍ବତ। ରାଜା ଆସିବେ, ରାଜା ଯିବେ। ଭୀମ ଦାସ ପରି ପଥର କଟାଳି ସେମାନେ ବି ଯିବେ। ରାଜା କଥା ରହିଯିବ କାଳ କାଳକୁ। ଅତ୍ୟାଚାରୀ ରାଜାର ବଶମ୍ବଦ ଏଇ ଖଟିଖିଆ ମାନେ। ଧନ୍ୟ ସେମାନଙ୍କର ଅତୁଟ ପ୍ରଭୁଭକ୍ତି ! ଧନ୍ୟ ସେମାନଙ୍କର ତ୍ୟାଗର କାହାଣୀ ! କାଳ ସବୁର ସାକ୍ଷୀ। ଯେମିତି ଚେତାଇ ଦିଏ - ରାଜନ୍ ! ତମେ ଆଖିମେଲି ଦେଖ - ଦେଖ ସାବଧାନେ ଜ୍ଞାନନେତ୍ର ଫେଇ ତୁମ୍ଭ ମଧ୍ୟେ ସାନ ବଡ଼ ନାହିଁ କେହି। ସାନ ବଡ଼ ଜ୍ଞାନ ଭେକର ଭିଆଣ, ଭେକ ତଳେ ନାହିଁ ବଡ଼ ସାନ।" ରାଜା ମଦମତ୍ତ, ଅହଂକାରୀ। ସେ କି ବୁଝିବେ ମୂଲିଆର ବ୍ୟଥା ? ତଥାପି ଭୀମ ଦାସମାନେ ରାଜଭକ୍ତ। ମଧୁପୁର ଗଡ଼ ରାଜା ! ସେମାନଙ୍କର ପରା ରାଜା !

(କ୍ରମଶଃ)

# ଶ୍ରୀ କୃଷ୍ଣ ଜନ୍ମାଷ୍ଟମୀ



ଧ୍ରୁବ ଚରଣ ବେହେରା
ଭାରତୀୟ ସାମରିକ ସେବା ।
ଅଠରବାଟିଆ, ବାଲୁଗାଁ
(ଖୋର୍ଦ୍ଧା)
ମୋ:-୮୩୨୮୯୩୦୫୫୪

ଆମ ଦେଶ ଭାରତ ଏକ ମହାନ୍ ଦେଶ। ଯାହାକି ଆର୍ଯ୍ୟବ୍ରତ ନାମରେ ପ୍ରସିଦ୍ଧ । ଏକାକୁ ସୁନ୍ଦର କରି ଗଢି ତୋଳିଛି ତା'ର ପ୍ରାକୃତିକ ପରିବେଶ ସାଙ୍ଗକୁ ତା'ର ମହାନ୍ ସଂସ୍କୃତି, ବେଦ, ପୁରାଣ ଓ ଉପନିଷେଦ ଇତ୍ୟାଦି । ସତରେ ଏହି ଆର୍ଯ୍ୟ ଭୂମିର ମହାତ୍ମ୍ୟକୁ ବଖାଣିବାକୁ ଆମ ପାଖରେ ଶବ୍ଦ ଓ ଭାଷାର ଅଭାବ ନିଶ୍ଚିତ ଭାବରେ ରହିବ।

ପୌରାଣିକ କାହାଣୀ ବା ଶାସ୍ତ୍ର ମଣିଷ ଜୀବନ ଉପରେ ଅନେକ ସକାରାତ୍ମକ ପ୍ରଭାବ ପକାଇ ଏକ ସୁନ୍ଦର ଜୀବନ ବଞ୍ଚିବାର କଳା ଶିଖାଇ ଥାଏ । ଅନେକ ପୁରାଣ ପୌରାଣିକ କାହାଣୀରେ ଭରା ଏହି ମହାନ୍ ସଂସ୍କୃତିକୁ ଆଦର କରିବା ଏବଂ ତା'ର ପ୍ରଥା ଓ ପରମ୍ପରାକୁ ସମ୍ମାନ ଦେବା ଆମ ସମସ୍ତଙ୍କର ଦାୟିତ୍ୱ ଅଟେ । ପୁରାଣରେ ଏମିତି ଅନେକ କାହାଣୀ ଅଛି ଯାହା ମନୁଷ୍ୟ ଜୀବନରେ ଚରିତ୍ରକୁ ସୁନ୍ଦର କରି ଗଢି ତୋଳିବା ସହିତ ଏକ ନୂଆ ଦିଗ୍ ଦର୍ଶନ ଦେଇଥାଏ । ଅନେକ ହଜାର ବର୍ଷ ତଳର କଥା ସୃଷ୍ଟି ରଚନା କାଳରେ ଅଦିତି ଓ କଶ୍ୟପ ଋଷି ଜଳ ପବନ ଆହାର କରି ଦୀର୍ଘ ୧୨୦୦୦ ବର୍ଷ ତପସ୍ୟା କଲା ପରେ ସ୍ୱୟଂ ଭଗବାନ ବିଷ୍ଣୁ ଦୁହିଁଙ୍କ ତପସ୍ୟାରେ ମୁଗ୍ଧ ହୋଇ ସେମାନଙ୍କୁ ବର ମାଗିବା ପାଇଁ କହିଥିଲେ। ତପସ୍ୟାର ଫଳ ସ୍ୱରୂପ ଅଦିତି ଓ କଶ୍ୟପ ଋଷି ଭଗବାନ୍ଙ୍କୁ କହିଲେ ପ୍ରଭୁ ଆପଣଙ୍କ ପରି ସୁଗୁଣ ଧାରି ପୁତ୍ରଟିଏ ଆମ କୋଳରେ

ଜନ୍ମ ନେଉ କାରଣ ଯାହାର କୋଳରେ ଗୁଣବାନ୍ ପୁତ୍ର ଜନ୍ମ ନିଏ ତା'ର ଆଉ କଣ ଦରକାର ଏ ଦୁନିଆରେ । ସୁଗୁଣ ପୁତ୍ର ହେଉଛି ଲକ୍ଷ ଲକ୍ଷ ତାରାଙ୍କ ଗହଣରେ ପୂର୍ଣ୍ଣମୀର ଚନ୍ଦ୍ର ସଦୃଶ । ତେଣୁ ଶାସ୍ତ୍ରରେ ଲେଖା ଅଛି 'ବରୋମେକ ଗୁଣି ପୁତ୍ର ନଚମୁଖ୍ୟଃ ସତ୍ୟୋନପି । ଏକଶ୍ଚନ୍ଦ୍ରଃ ସ୍ତମୋହନ୍ତି ନଚ ତାରା ଗଣେ ପିତଃ' । 'ପିତାମାତା ସୁଖେ ପୁତ୍ର ହୁଏ ସୁଖି । ପୁତ୍ର ସୁଖି ହେଲେ କୁଳ ଧର୍ମ ରଖି' ସ୍ୱୟଂ ଭଗବାନ୍ ସେମାନଙ୍କ କଥାରେ ରାଜି ହେଲେ କହିଲେ ତଥାସ୍ତୁ । ମୁଁ ତୁମ କୋଳରେ ଦ୍ୱାପର ଯୁଗରେ ମଥୁରା ନଗରୀରେ କୃଷ୍ଣ ଅବତାର ହୋଇ ଜନ୍ମ ନେବି ଚିନ୍ତା କରନାହିଁ । ଏତିକି କହି ଶ୍ରୀହରି ବିଷ୍ଣୁ ସେଠାରୁ ଅନ୍ତର୍ଦ୍ଧାନ ହୋଇଗଲେ । ଭଗବାନ୍ ଙ୍କର ଆବିର୍ଭାବ ଓ ଜନ୍ମ ଧରା ପୃଷ୍ଠରେ ସେତେବେଳେ ହୁଏ ଯେତେବେଳେ ପାପର ଭାରା ଅତ୍ୟଧିକ ହୋଇଯାଏ । ତେଣୁ ଭଗବାନ୍ ଗୀତାରେ କହିଛନ୍ତି । 'ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର ଭବତିଃ ଭାରତୀ । ଅଭ୍ୟୁଥନାର୍ଥାୟଂଧର୍ମସ୍ୟ ତଦାତ୍ମନ ସୁଜମ୍ୟଂହଃ । ପରିତ୍ରାଣାୟଃ ସାଧୁନାୟ । ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ' ।

ଚାରି ଯୁଗରେ ଭଗବାନ ଚାରୋଟି ଅବତାର ନେଇ ଏ ଧରଣୀ ପୃଷ୍ଠକୁ ସଦା ସର୍ବଦା ସେ ରକ୍ଷା କରିଛନ୍ତି । ସେ ହେଉଛନ୍ତି ପରମପୁରୁଷ , ପରମାତ୍ମା , ଜଗତର ନାଥ ଜଗନ୍ନାଥ । ତାଙ୍କର ଅଲୌକିକ ଲୀଳାକୁ ବର୍ଣ୍ଣିବାକୁ ମୋ ପାଖରେ ଶବ୍ଦର ଅଭାବ ନିଶ୍ଚିତ । ସତ୍ୟ ଯୁଗରେ ନର ରୂପ ଧାରୀ ନାରାୟଣ । ତ୍ରେତୟାରେ ଶ୍ରୀରାମ ରୂପଧାରୀ ରାବଣ ବଦ୍ଧକାରୀ ସ୍ୱୟଂ ମର୍ଯ୍ୟଦା ପୁରୁଷୋତ୍ତମ। ଦ୍ୱାପର ଯୁଗରେ ଗୋପ ବାଳକ ନନ୍ଦଲାଲା ଓ ଦେବକୀ ବସୁଦେବ ତଥା ଯଶୋଦା ମାଆର ଏକଇର ବଳା ବିଶିକେଶନ ତଥା କଳି ଯୁଗରେ ହାତ ଗୋଡ ନଥିବା ଓ କାନ ନ ଥାଇ ଶୁଣି ପାରୁଥିବା ସ୍ୱୟଂ ଦାରୁମୁରତି ଜଗନ୍ନାଥ । ଯାହା ହେଉ ବି କୃଷ୍ଣ ରସ ବା ରାମ ରସ ଏମିତି ପୀୟୁଷ, ଥରେ ଯେଉଁ ନର ତାକୁ ଆଗ୍ରହର ସହ ଆନନ୍ଦରେ ପାନ କରିଛି ତା'ର ଅଲୌକିକ ଆତ୍ମ ତୃପ୍ତିକୁ ସେ ଆନନ୍ଦରେ ଅନୁଭବ କରିଛି । ଦ୍ୱାପର ଯୁଗରେ ଯେତେବେଳେ ଭୋଜ ବଂଶର ରାଜା ଉଗ୍ରସେନଙ୍କର ପୁତ୍ର ତ୍ରିପୁର ବିଜୟୀ କଂସ ଅନେକ ଅକଥନୀୟ ଅତ୍ୟାଚାର ଓ ବଳ ପ୍ରୟୋଗ କରି ଧରଣୀ ବକ୍ଷରେ ଏମିତି ଭୟର ଆତଙ୍କ ବିସ୍ତାର କରିବାକୁ ଲାଗିଲା ଯେ ଶେଷରେ ମାଆ ବସୁଧା ବା ସ୍ୱୟଂ ଧରଣୀ କଂସର ପାଦ ଭାରା ସହି ନ ପାରି ଯାଇ ପିତାମହ ସୃଷ୍ଟି କର୍ତ୍ତା ବ୍ରହ୍ମାଙ୍କୁ ନିବେଦନ କଲେ । ସମସ୍ତ ଦେବୀ ଦେବତା ଓ ପିତାମହ ବ୍ରହ୍ମା ଏକାଠି ହୋଇ ଏ ସମାଚାର ନେଇ କ୍ଷୀରାବ୍ଧି ତଟରେ ସ୍ୱୟଂ ବିଷ୍ଣୁଙ୍କ ଅନନ୍ତ ଶୟନ କାଳେ ଯାଇ ଗୁହାରି ଜଣାଇଲେ। ଦେବତା ମାନଙ୍କର ଗୁହାରି ଶୁଣି ସ୍ୱୟଂ ବିଷ୍ଣୁ ମାଆ ବସୁଧାକୁ କଥା ଦେଲେ ଯେ ମାଆ ତୁମେ ଆଉ ଚିନ୍ତା କର ନାହିଁ । ମୁଁ ଖୁବ୍ ଶିଘ୍ର ମଥୁରାରେ ମାଆ ଦେବକୀ ଗର୍ଭରୁ ଜନ୍ମ ନେଇ ଗୋପରେ ବଢି ଦୁଷ୍ଟ କଂସକୁ ବିନାଶ କରିବି । ଏହି କଥା ଶୁଣି ସମସ୍ତ ଦେବତା ବୃନ୍ଦ ଖୁସି ହୋଇ ସେଠାରୁ ନିଜ ନିଜର ସ୍ଥାନକୁ ପ୍ରତ୍ୟାବର୍ତ୍ତନ କଲେ । ଦିନ ପରେ ମାସ ଓ ମାସ ପରେ ବର୍ଷ ବିତି ଚାଲିଥାଏ। କଂସକୁ ଯେତେବେଳେ ମାତ୍ର ଦଶ ବର୍ଷ ବୟସ ହୋଇଥିଲା ସେତେବେଳେ ସେ ନିଜର ପିତା ଉଗ୍ରସେନଙ୍କୁ ବନ୍ଦି କରି ନିବୁଜ କାରାଗାରରେ ରଖିଥିଲା । ପିତା ହୋଇ ମଧ୍ୟ ପୁତ୍ରର ଦ୍ୱାର ପାଳ ଭାବେ ବି ନିଯୁକ୍ତ ହୋଇଥିଲେ ରାଜା ଉଗ୍ରସେନ । ଏମିତି ସମୟ ଆସେ ଭାଗ୍ୟ ଯେତେବେଳେ ଭଗାରି ସାଜେ ତାହା ହେଲେ ଅନ୍ୟ କିଛି ଉପାୟ ନଥାଏ । ଜଣେ ପ୍ରଜାବତ୍ସଳ ରାଜା ହୋଇ ମଧ୍ୟ ଚୌକିଦାରର କାର୍ଯ୍ୟ ସଂପାଦାନ କରିବା ଏକ ଫଟା କପାଳ କହିଲେ ଚଳେ । ତେଣୁ କଥାରେ ଅଛି ଆଜି ଯେ 'ରାଜେନ୍ଦ୍ର କାଲି ସେ ଫକୀର'। ଅନେକ ଦିନ ଗଲା ପରେ କଂସ ନିଜ ଭଉଣୀ ଦେବକୀ ସହ ରାଜା ବସୁଦେବଙ୍କ ବିବାହ ସଂପର୍ଣ୍ଣ କରାଇଲେ। ନିଜ ରଥରେ ଦେବକୀ ଓ ବସୁଦେବଙ୍କୁ ନେଇ ତାଙ୍କ ଗୃହକୁ ଛାଡିବା ପାଇଁ ଗଲେ । ସେହି ରଥର ସାରଥି ନିଜେ କଂସ ଥିଲେ । ରଥ ବାହି ଗଲାବେଳେ ଶୂନ୍ୟରୁ ଶୂନ୍ୟବାଣୀ ଶୁଭିଲା । ରେ...ରେ...କଂସ ତୁ ଯେଉଁ ସହୋଦର ଭଗ୍ନୀ ଓ ଭିଣୋଇଙ୍କୁ ରଥରେ ବସାଇ ନେଉଛୁ ତାହା ପୂରା ଭୁଲ୍ । ତୋର ଭଉଣୀ ଦେବକୀର ଅଷ୍ଟମ ଗର୍ଭରେ ଜନ୍ମ ହୋଇ ବିଷ୍ଣୁ ତୋର ବଂଶକୁ ସମୂଳେ ନାଶ କରିବ । ଏହି ଶୂନ୍ୟବାଣୀ ଶୁଣି ରାକ୍ଷସ କଂସର ମଥା ବିଚଳିତ ହୋଇ ପଡିଲା । ବସୁଦେବ ଓ ଦେବକୀଙ୍କୁ ସେହି ରାସ୍ତାରେ ଅନେକ ଶାସ୍ତି ଦେଲା । କଂସ ଭୁଲିଗଲା ଯେ ଏମାନେ ମୋର ଭଉଣୀ ଓ ଭିଣୋଇ। ଅନେକ ଶାସ୍ତି ପରେ ମାତା ଦେବକୀ କଂସକୁ ଅନେକ କାକୁତି ମିନତି କରି ବୁଝାଇ କହିଲେ ରେ..କଂସ ତୁ ଆଉ ଆମକୁ ଏତେ କଷ୍ଟ କାହିଁକି ଦେଉଛୁ । ତୋର ପ୍ରହାର ଓ ଶାସ୍ତି ପାଇ ଆମର ଶରୀର କ୍ଷଣ ଭଙ୍ଗୁର ହେଲାଣି । ତୋତେ ମୋର ଅନୁରୋଧ ମୋ ଗର୍ଭରେ ଯେତେ ପୁତ୍ର ଯାତ ହେବେ ତୋ ପାଦ ତଳେ ଅର୍ପଣ କରିବି । ଦେବକୀ ଓ ବସୁଦେବଙ୍କର ବାକ୍ୟ ଶୁଣି କଂସ ସେହିଠାରେ ମାତା ଦେବକୀ ଓ ରାଜା ବସୁଦେବଙ୍କୁ ତ୍ରିବାର ସତ୍ୟ କରାଇଥିଲେ । କଂସ ନିଜ ଭଉଣୀ ଭିଣୋଇଙ୍କ କଥା ଶୁଣି ସେମାନଙ୍କୁ ଆଣି ବନ୍ଦୀଶାଳରେ ଶିଙ୍କୁଳି ଲଗାଇ କାରାଗାର ଭିତରେ ବାନ୍ଧି ରଖିଲା ଏବଂ ସେହି କୋଠରୀର ଦ୍ୱାରପାଳ ଭାବେ ରାଜା ଉଗ୍ରସେନଙ୍କୁ ନିଯୁକ୍ତ କରିଲା । ଅନେକ ସୈନ୍ୟ ସାମନ୍ତଙ୍କୁ ଦେବକୀ ବସୁଦେବର ଗର୍ଭର ସମାଚାର ଜଣେଇବା ପାଇଁ ପ୍ରହରୀ ଭାବେ ଜଗାଇଲା । ଦିନ ପରେ ଦିନ, ସପ୍ତାହ ପରେ ମାସ ଓ ବର୍ଷ ପରେ ବର୍ଷ ଆସି ଦୁଃଖର ଦରିଆ ଭିତରେ ଉବୁଟୁବୁ ହୋଇ ଦେବକୀ ବସୁଦେବଙ୍କ ଭାଗ୍ୟରେ ଏମିତି ଏକ କ୍ଷଣିକ ସ୍ୱପ୍ନ ଭାଗ୍ୟରେ ଦିନକୁ ଦିନ ଦୁଃଖର ଦରିଆ ଭିତରକୁ ଠେଲି ଦେଲା ଭଳି ଲାଗିଲା । ଦେବକୀର ନବଜାତ ଶିଶୁକୁ ଗୋଟେ ପରେ ଗୋଟିଏ ନେଇ ପ୍ରତାପୀ ଓ ଦୁଷ୍ଟ କଂସ ନିକଟରେ ବସୁଦେବ ନିଜ ହସ୍ତରେ ଅର୍ପଣ କରି କୋହ ଓ ଆଖିର ଲୁହର ବନ୍ୟା ଭିତରେ ମିୟମାଣ ହୋଇ କାରାବରଣ କରୁଥାନ୍ତୁ। ଏଠି କହିବାକୁ ଚାହେଁ କୌଣସି ବାପା ମାଆ ନିଜର ଜନ୍ମିତ ପୁତ୍ରକୁ କଂସେଇ କଂସ ବା ରାକ୍ଷସ ଭଳି କ୍ରୁର ଦାନବକୁ କଣ ଅର୍ପଣ କରି ପାରିବ କି କେବେହେଲେ ? ବସୁଦେବ ଏମିତି ଗୋଟି ଗୋଟି କରି ଷଡ଼ ପୁତ୍ରକୁ କଂସ ରାଜା ହାତରେ ଅର୍ପଣ କରି ଦେଲା ପରେ ଦୁଷ୍ଟ କଂସ ସେମାନଙ୍କୁ ଶିଳା ଉପରେ କଚାଡି ମାରି ଦେବାକୁ ଜମା କ୍ଷୋଭ ପ୍ରକାଶ କରି ନଥିଲା । ମାମୁଁ ହୋଇ ଭଣଜା ହତ୍ୟା କରି ପାପିଷ୍ଠ କଂସ ଜମା ତିଳେମାତ୍ର ଦୁଃଖ କରୁ ନଥାଏ । ଅଷ୍ଟମ ଗର୍ଭର ସନ୍ତାନ ବିଜୁଳି କନ୍ୟା କଂସ ହାତରୁ ଖସି ଯାଇ ଶୂନ୍ୟ ମାର୍ଗରେ କଂସକୁ ଶୁଣ୍ୟବାଣୀ ଶୁଣାଇଁ କହିଲେ ରେ...କଂସ ତୋର ସମୟ ଆଉ ଅଳ୍ପଦିନ ତେଣୁ ମନେ ରଖ କଂସ ତୋର ଅନ୍ୟାୟ ଆଉ ବେଶି ଦିନ ଚାଲିବ ନାହିଁ । ତୋ ଭଳି ପାପୀର ବିନାଶ ହିଁ ଏ ସୃଷ୍ଟିର ଶାନ୍ତିର ବିରାଜମାନ। ଏମିତି ଷଡ଼ ପୁତ୍ରକୁ ହତ୍ୟା ପରେ ଦେବକୀଙ୍କର ଅଷ୍ଟମ ଗର୍ଭ ହେବା ଜାଣି କଂସ କାରାଗାରର ସୁରକ୍ଷା ଦାୟିତ୍ୱକୁ ବଢେଇ ଦେଲା ଏବଂ ଦେବକୀର ଅଷ୍ଟମ ଗର୍ଭକୁ ନଷ୍ଟ କରିବା ଲାଗି କାରାଗାର ଭିତରେ ପ୍ରବେଶ କରି ଦେବକୀର ଗର୍ଭକୁ ଦେଖି ପଳାଇ ଯାଇଥିଲା । କଂସ ସେ ସମୟରେ ଭାବିଲା ଯେ ସ୍ତ୍ରୀ ହତ୍ୟା, ଗର୍ଭ ନାଶ ଓ ଶିଶୁ ବଧ ହେଉଛି ସବୁଠାରୁ ବଡ ପାପ । ତେଣୁ ଏସବୁ ଜଘନ୍ୟ ହତ୍ୟା କରିବ ନାହିଁ ବୋଲି ନିଜ ମନରେ ଭାବି କାରାବାସ ଦ୍ୱାରରୁ ପଳେଇ ଗଲା । ଦେବକୀର ଅଷ୍ଟମ ଗର୍ଭର ଖବର ପାଇ ବିଚଳିତ ହୋଇ ପଡିଲା କିଛି ମାସ ଗଲାପରେ । ଏକ ଅମୃତମୟ ବେଳ ଆସି ଦେବକୀ ଓ ବସୁଦେବ ଭାଗ୍ୟରେ ନୁହେଁ ସାରା ପୃଥିବୀରେ ଶାନ୍ତିର ଲହରୀ ଖେଳାଇ ଦେଇଥିଲା । ଦୁଃଖୀଙ୍କର ଭାଗ୍ୟ ଆକାଶରୁ ଅମାବାସ୍ୟାର ସୂର୍ଯ୍ୟଟି ଲିଭିଗଲା ପରେ ସତେ ଯେମିତି ନବ କିରଣ ନେଇ ନବ ଅରୁଣ ହସିଲା ପରି ମନେହେଲା । କାକ ପୀକ ସବୁ ନିଜର କାକଳୀରେ ମଧୁର ତାନ ଗାଇବା ଆରମ୍ଭ କଲେ । ପାଦପ ମାନେ ଆନନ୍ଦରେ ଦୋଳାୟମାନ ହେବାକୁ ଲାଗିଲେ । ମୃଦୁ ମନ୍ଦ ମନ୍ଦ ହୋଇ ଶୀତଳ ସମୀର ବହିବାକୁ ଲାଗିଲା । ପ୍ରକୃତି କୋଳ ଲାଗିଲା ସତେ ପାରିଜାତର ପୁଷ୍ପ ଭରା ଉଦ୍ୟାନ ପରି। ପ୍ରଭୁ ନଟନାଗର, କଳାକାହ୍ନୁ , ଅକର୍ମ କର୍ମଦାୟକ, ବ୍ରଜବିହାରୀ, ନନ୍ଦଲାଲାଙ୍କର ଧରା ପୃଷ୍ଠକୁ ଆଗମନ ଆସିବାର ବେଳ ଜାଣି ଇନ୍ଦ୍ର ସମସ୍ତ ଦଶ ଦିଗପାଳମାନଙ୍କୁ ନିଜ ନିଜ ସ୍ଥାନକୁ ଯାଇ ମାତା ଦେବକୀଙ୍କୁ ସୁରକ୍ଷିତ ରଖିବା ପାଇଁ ଆଦେଶ ଦେଲେ । ଭାଦ୍ରବ ମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିର ମଧ୍ୟରାତ୍ରିରେ ନିଶା ଗରଜୁ ଥାଏ । ପବନ ଅଣଚାଷ ବେଗରେ ବୋହିବା ଆରମ୍ଭ କଲା ଆକାଶରେ ଦୁନ୍ଦୁଭିର ଘୋର ଗରଜନ ସହିତ ମୂଷଳଧାରା ବର୍ଷା ସାଙ୍ଗକୁ ବିଜୁଳିର ଘନ ଘନ ବର୍ଷଣ ନିଜକୁ ଗୋଟିଏ ସେକେଣ୍ଡ ବା ମୁହୂର୍ତ୍ତ ରୋକି ପାରୁ ନଥାଏ । ସାରା ପୃଥିବୀ ଲାଗୁଥାଏ ସତେ ଯେମିତି ଘୂର୍ଣ୍ଣି ବଳୟର ସମୁଦ୍ର ପରି । ଏମିତି ମଧ୍ୟ ରାତ୍ରରେ ସ୍ୱୟଂ ବାଳ ଗୋପାଳ, ଦେବକୀ ଜୀବନ, ଯଶୋଦା ପ୍ରାଣ ଧନ, ପ୍ରଭୁ ବାଙ୍କେବିହାରୀ ମାଆ ଦେବକୀ କୋଳରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ନେଇ ଭୂମିଷ୍ଠ ହେଲେ । ପ୍ରଭୁଙ୍କ ଜନ୍ମ ପରେ ଆକାଶ ନିର୍ମଳ ଦେଖାଗଲା । ପବନ ଥମି ଗଲା ଦେବକୀ ଓ ବସୁଦେବ ରହୁଥିବା ବନ୍ଦିଶାଳର କୋଠରୀ ସମ୍ପୂର୍ଣ୍ଣ ନବ ଆଲୋକରେ ଝଲସି ଉଠିଲା । ପ୍ରଭୁଙ୍କ ଜନ୍ମ ଦେଖି ବସୁଦେବ ଓ ଦେବକୀଙ୍କର ଆନନ୍ଦାଶ୍ରୁ ଶ୍ରାବଣର ଅମାନିଆଁ ସ୍ରୋତ ପରି ବହିଗଲା । କିନ୍ତୁ ଏମିତି ବ୍ରହ୍ମାଣ୍ଡ ଠାକୁରଙ୍କ ପିତା ମାତା ହେବା ନିଶ୍ଚିତ ଭାଗ୍ୟରେ ଥିଲେ ମିଳେ । ବସୁଦେବଙ୍କ ମନ ବିଚଳିତ ହେଲା ବସୁଦେବ ମନେ ମନେ ଚିନ୍ତା କଲେ କହିଲେ ହେ ପ୍ରଭୁ ମୁଁ ସାମାନ୍ୟ ବନ୍ଦୀଟିଏ ମୁଁ କେମିତି ତୋତେ ରକ୍ଷା କରି ପାରିବି ? ତୁ ତ ସାରା ବ୍ରହ୍ମାଣ୍ଡର ରକ୍ଷାକର୍ତ୍ତା ତେଣୁ ତୁ ନିଜକୁ ନିଜେ ରକ୍ଷା କର ଏତିକି କହି ବସୁଦେବ କାନ୍ଦୁଥାନ୍ତି । ପିତାଙ୍କୁ ଚାହିଁ ବାଳ ଗୋପାଳ କହିଲେ ପିତା ତୁମେ ତିଳେ ମାତ୍ର ଦୁଃଖ କର ନାହିଁ ମୋତେ ନେଇ ନନ୍ଦାଳୟରେ ଥୋଇ ବିଜୁଳି କନ୍ୟାକୁ ପାଲଟାଇ ନେଇ ଆସ। ପ୍ରଭୁଙ୍କ କଥା ଶୁଣି ରାଜା ବସୁଦେବ ସେହି ମଧ୍ୟ ରାତ୍ରିରେ ପ୍ରହରୀ ମାନେ ଶୋଇଥିବା ବେଳେ ଭଗବାନ୍ଙ୍କୁ ମୁଣ୍ଡରେ ମୁଣ୍ଡେଇ ବାହାରକୁ ଆସିବା ପାଇଁ ଅଗ୍ରସର ହେଲେ। ବସୁଦେବଙ୍କ ହାତରୁ ପ୍ରଭୁଙ୍କ ମାୟା ବଳରେ ହାତରୁ ଶିଙ୍କୁଳି ଖୋଲିଗଲା ଓ ସପ୍ତ କବାଟ ମେଲି ଗଲା ବସୁଦେବ ପୁତ୍ରକୁ ନେଇ ଗଲାବେଳେ, ରାଜା ଉଗ୍ରସେନ ନିଜ ଜ୍ୱାଇଁ ବସୁଦେବଙ୍କୁ ପିଲା ଚୋର ଭାବି ବାଟ ଛାଡୁ ନଥିଲେ। ପରେ ସ୍ୱୟଂ ଭଗବାନ୍ ଶ୍ରୀକୃଷ୍ଣ ନିଜର ଚତୁର୍ଦ୍ଧା ମୂର୍ତ୍ତି ରୂପ ଧାରଣ କରି ଉଗ୍ରସେନଙ୍କୁ ନିଜର ରୂପ ଦେଖାଇଥିଲେ। ରାଜା ଉଗ୍ରସେନ ସେ ଅପୂର୍ବ ରୂପକୁ ଦେଖିବା ମାତ୍ରେ ତାଙ୍କର ରାଗ ଶାନ୍ତ ହୋଇ ଯାଇଥିଲା । ପ୍ରଭୁ କଳାକାହ୍ନୁ ଉଗ୍ରସେନଙ୍କ ଶିରରେ ଶୁକ୍ଳ ଲୋମର ଏକ ଉପହାର ତାଙ୍କର ମଥାରେ ବାନ୍ଧି ଦେଲେ ଓ କହିଲେ ଚିନ୍ତା କରନ୍ତୁ ନାହିଁ ସମୟ ଆସିବ ପୁଣି ଥରେ ଆପଣ ଏହି ମଥୁରା କଟକର ରାଜା ହେବେ ବୋଲି କଥା ଦେଲେ । ଉଗ୍ରସେନ ପ୍ରଭୁଙ୍କର ସେ ଅପୂର୍ବ ରୂପ ଦେଖି ନିଜକୁ ଧନ୍ୟ ମନେକଲା ଏବଂ ବସୁଦେବଙ୍କୁ ବାଟ ଛାଡି ଦେଲା । ସେଠାରୁ କିଛି ଦୂର ଗଲା ପରେ ବାଟରେ ବସୁଦେବ ଦେଖିଲେ ଉଜାଣି ଯମୁନା ଦୁଇ କୂଳ ଖାଇ ଘୋର ଗରଜନ କରି ବହୁଛି। ରାଜା ବସୁଦେବ ପାଣିକୁ ନ ଡରି ଯମୁନା ନଦୀ ଭିତରେ ପ୍ରବେଶ କରନ୍ତେ ବସୁଦେବଙ୍କ ପୂରା ଶରୀର ବୁଡି ଗଲା ପର୍ଯ୍ୟନ୍ତ ପାଣି ଲାଗିଲା । ପିତାଙ୍କର ଏପରି କଷ୍ଟ ଦେଖି ସ୍ୱୟଂ ଭଗନାନ୍ ଯମୁନାକୁ ରାଗି ଯାଇଥିଲେ । ଯମୁନାକୁ କହିଲେ ଯମୁନା କାହିଁକି ଏତେ ଗର୍ବ କରୁଛୁ ତୁ କଣ ଚିହ୍ନି ନାହୁଁ ମୁଁ କିଏ ? ଯମୁନା କହିଲା ନାହିଁ। ସେଠାରେ ଯମୁନାଙ୍କୁ ପ୍ରଭୁ ବାଳକୃଷ୍ଣ ନିଜର ବାଳମୁକୁନ୍ଦ, ଚତୁର୍ଦ୍ଧା ମୂର୍ତ୍ତି ରୂପକୁ ଧାରଣ କରିବା କ୍ଷଣି ଯମୁନା ସେ ଅପୂର୍ବ ରୂପକୁ ଦେଖି ନିଜର ଗର୍ବକୁ ଶୁଖାଇ ଦେଇଥିଲା ଓ ପିତା ବସୁଦେବଙ୍କୁ ବାଲିବନ୍ଧ ବାଟ ଦେଖାଇ ଦେଇଥିଲା ନନ୍ଦାଳୟ ଅଭିମୁଖେ ଯାତ୍ରା କରିବା ପାଇଁ। ବସୁଦେବ ନନ୍ଦାଳୟରେ ପହଞ୍ଚି ପ୍ରଭୁ ବାଳକୃଷ୍ଣଙ୍କୁ ନନ୍ଦାଳୟରେ ଥୋଇ ବିଜୁଳି କନ୍ୟାକୁ ପାଲଟାଇ ଆଣିଥିଲେ। ଶେଷରେ ଏତିକି କହିବି କୃଷ୍ଣ ରସ ବା ରାମ ରସ ଏମିତି ରସ ଯେ, ସେ ରସକୁ ଯେତିକି ପାନ କରିବ ସେତିକି ସେତିକି ଆହୁରି ମଧୁର ଲାଗିବ । ତେଣୁ ଶାସ୍ତ୍ରରେ ଲେଖାଅଛି 'କୃଷ୍ଣ ରସେ କି ରସ ଅଛି। ପାନ କରିଥିବା ଲୋକ ଜାଣିଛି ' ଓଡିଆ ଭାଗବତ ପବିତ୍ର ଗ୍ରନ୍ଥରେ ଲେଖା ଅଛି। 'ହେ ନାଥ ପରମ ଦୟାଳୁ । ଦୁଷ୍ଟ ନାଶିଣ ସନ୍ଥ ପାଳୁ'। ପ୍ରଭୁଙ୍କର ସେହି ଅଲୌକିକ ଜନ୍ମ ବୃତ୍ତାନ୍ତ ବର୍ଣ୍ଣନା କରିବା ପାଇଁ ଏ ଅକିଞ୍ଚନ ନିକଟରେ ଜ୍ଞାନ ନାହିଁ। ଜଣେ ଅଜ୍ଞାନୀ ଲେଖନୀରୁ ପ୍ରଭୁଙ୍କ ପାଇଁ ମୋର ଏହି ସମ୍ୟକ ଜନ୍ମ ବୃତ୍ତାନ୍ତଟି ପଢି ଆପଣମାନେ ନିଶ୍ଚିତ ଆପଣଙ୍କ ମତାମତ ଦେବାକୁ ଅନୁରୋଧ । ପ୍ରଭୁ ବିଶ୍ୱ ଗିରିଧାରୀ ପ୍ରେମାନନ୍ଦ ଆପଣଙ୍କୁ ଓ ଆପଣମାନଙ୍କ ପରିବାରକୁ ଶାନ୍ତି ସୁଖ ଓ ଐଶ୍ୱର୍ଯ୍ୟ ପ୍ରଦାନ କରନ୍ତୁ । ପବିତ୍ର ପାବନ ପର୍ବ ଜନ୍ମାଷ୍ଟମୀରେ ଆପଣମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ। ଜୟ ଶ୍ରୀ କୃଷ୍ଣ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ





# ସ୍ଲମ୍ କ୍ୱାର୍ଟର୍ସ ମାମଲା:ବିଏମ୍‌ସିର ରିଟ୍ ପିଟିସନ୍ ସୁପ୍ରିମ୍‌କୋର୍ଟରେ ଖାରଜ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସ୍ଲମ୍ କ୍ୱାର୍ଟର୍ସ ପ୍ରସଙ୍ଗରେ ବିଏମ୍‌ସିକୁ ରିଟ୍ ପିଟିସନ୍ ଦାଖଲ କରିବାକୁ ବଡ଼ ଝଟ୍‌କା ଲାଗିଛି। କ୍ୱାର୍ଟର୍ସରେ ରହୁଥିବା ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ବିରୋଧରେ ହାଇକୋର୍ଟ ହାରିବା ପରେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବିଏମ୍‌ସିକୁ ନିରାଶ ହେବାକୁ ପଡ଼ିଛି। ଉପଯୁକ୍ତ କାଗଜପତ୍ର ଉପସ୍ଥାପନ କରିପାରିନଥିବାରୁ ପିଟିସନ୍ ଖାରଜ ହୋଇଯାଇଛି। ଅର୍ଥାତ୍ ଏବେ ଏହି କ୍ୱାର୍ଟର୍ସ ସମ୍ପୃକ୍ତ କର୍ମଚାରୀଙ୍କର । ଏଣେ ଏହି ରାୟ ଅଧାରରେ ଆଉ ଗୋଟିଏ ହେଲେ କ୍ୱାର୍ଟର୍ସ ବିଏମ୍‌ସି ନିଜ ଅଧିନରେ ରଖିପାରିବ ନାହିଁ। ଏହି ସ୍ଲମ୍ କ୍ୱାର୍ଟର୍ସରେ ରହୁଥିବା ଶିବ ନାରାୟଣ ପାତ୍ରଙ୍କୁ ବିଏମ୍‌ସି କ୍ୱାର୍ଟର୍ସ ଛାଡ଼ିବାକୁ ଚିଠି ଲେଖିବାରୁ ସେ ହାଇକୋର୍ଟ ଯାଇଥିଲେ । ୨୦୧୯ ମସିହାରେ କୋର୍ଟ ବିଏମ୍‌ସିକୁ ରିଟ୍ ପିଟିସନ୍ ଦାଖଲ କରିବାକୁ କହିଥିଲେ। ହେଲେ ବିଏମ୍‌ସି ୪ ବର୍ଷ ପରେ ଅର୍ଥାତ୍ ୨୦୨୩ରେ ପିଟିସନ୍ ଦାଖଲ କରିବାରୁ ମାମଲା ହାରି ଯାଇଥିଲା। ତେବେ ତୁରନ୍ତ ରିଟ୍ ନ କରି କାହିଁକି ୪ ବର୍ଷ ପରେ ବିଏମ୍‌ସି ଆବେଦନ କଲା ତାହାକୁ ନେଇ ତନାଘନା ହୋଇଥିଲା । ଆବଶ୍ୟକୀୟ କାଗଜପତ୍ର ଯୋଗାଡ଼ କରୁଥିବା ନେଇ ସେତେବେଳେ ବିଏମ୍‌ସି କହିଥିଲା। ବାସ୍ତବରେ ଜଣେ ଡିଏଲ୍‌ଆର କର୍ମଚାରୀ ଏହି ହାଇକୋର୍ଟ ମାମଲାଗୁଡ଼ିକର କାଗଜପତ୍ର ଡିଲ୍ କରୁଥିବାରୁ ଏଭଳି ସମସ୍ୟା ହୋଇଥିବା ଜଣାପଡ଼ିଥିଲା। ତେବେ ରିଟ୍ ଖାରଜ ହେବା ପରେ ବିଏମ୍‌ସି ସୁପ୍ରିମ୍‌କୋର୍ଟ ଯାଇଥିଲା। ସେଠାରେ ମଧ୍ୟ ଉପଯୁକ୍ତ ନଥି ଦାଖଲ କରିନପାରିବାରୁ ମାମଲା ହାରିଛି। ପ୍ରଶ୍ନ ଉଠିଛି କି ହାଇକୋର୍ଟରେ ଲଢ଼ିବା ପାଇଁ କାଗଜପତ୍ର ଯୋଗାଡ଼ କରୁ କରୁ ୪ ବର୍ଷ ବିତିଥିଲା ତେବେ କୁଆଡ଼େ ଗଲା ସେ କାଗଜପତ୍ର ? ବିଏମ୍‌ସି ସୁପ୍ରିମ୍‌କୋର୍ଟରେ ହାରିଗଲା କେମିତି ? ୧୯୫୭ ମସିହାରେ କେନ୍ଦ୍ର ସରକାର 'ସ୍ଲମ୍ କ୍ଲିୟରାନ୍ସ ହାଉସିଂ



ସ୍କିମ୍'ରେ ୟୁନିଟ୍-୩ ମାଳିସାହି, ପୁରୁଣା ଭୁବନେଶ୍ୱର ହାଡ଼ିପୋଖରୀ ଓ ଶ୍ରୀରାମନଗରରେ ସାଧାରଣ ପ୍ରଶାସନ (ଜିଏ) ବିଭାଗ ଜମିରେ ୧୮୫ଟି କ୍ୱାର୍ଟର୍ସ ତିଆରି କରିଥିଲେ । ସ୍ୱଳ୍ପ ଉଡ଼ାରେ ଘରଗୁଡ଼ିକୁ ବସ୍ତିବାସିନ୍ଦା ଓ ସ୍ୱଳ୍ପ ଆୟକାରୀ ଲୋକଙ୍କୁ ଦେବା ପାଇଁ ନିୟମ ରହିଥିଲା। ଗୃହ ଓ ନଗର ଉନ୍ନୟନ ବିଭାଗ, ଗୃହ ବିଭାଗ, ପୂର୍ତ୍ତ ବିଭାଗ, ଭୁବନେଶ୍ୱର ମ୍ୟୁନିସିପାଲିଟି (ଏବେ ବିଏମ୍‌ସି) ଅଧିକାରୀଙ୍କୁ ନେଇ ୧୯୭୩ ମସିହା ଅକ୍ଟୋବର ୧୦ରେ 'ସ୍ଲମ୍ କ୍ୱାର୍ଟର୍ସ ଆଲଟ୍‌ମେଣ୍ଟ କମିଟି' ଗଠନ ହୋଇଥିଲା। କମିଟିର ପ୍ରଥମ ବୈଠକ ୧୯୭୪ ଜୁନ୍ ୨୪ ତାରିଖରେ ବସିଥିଲା। ବସ୍ତିବାସିନ୍ଦାଙ୍କୁ ବାଣ୍ଟିଲେ ଭଡ଼ା ମିଳିବ ନାହିଁ ବା ସମସ୍ୟା ହେବା ଆଶଙ୍କା କରି ସରକାରୀ କର୍ମଚାରୀଙ୍କୁ ଏହି କ୍ୱାର୍ଟର୍ସ ବାଣ୍ଟିବା ପାଇଁ କମିଟି ଯୋଜନା କରି କିଛି କର୍ମଚାରୀମାନଙ୍କୁ ବାଣ୍ଟି ଦେଇଥିଲା। ଚାକିରି ସରିବା ପରେ କ୍ୱାର୍ଟର୍ସ ଫେରାଇବେ ଓ ତାଙ୍କର କୌଣସି ପରିବାରବର୍ଗଙ୍କୁ କ୍ୱାର୍ଟର ସ୍ଥାନାନ୍ତର ହୋଇପାରିବ ନାହିଁ ବୋଲି ସର୍ତ୍ତ ରହିଥିଲା। କିଛି ଦିନ ଭଡ଼ା ଆଦାୟ କରିବା ପରେ ବିଏମ୍‌ସି ଆଉ ଭଡ଼ା ଆଦାୟ କରିନଥିଲା। ଭଡ଼ା ଆଦାୟ କରିଥିଲେ ହୁଏତ ଭଡ଼ାଟିଆଙ୍କୁ ଘରୁ ହଟାଇବା ଭଳି ସେମାନଙ୍କୁ ବିଏମ୍‌ସି ହଟାଇ ପାରିଥାନ୍ତା। କିନ୍ତୁ ସେ ସୁଯୋଗ ଏବେ ନାହିଁ। ସରକାରୀ କର୍ମଚାରୀଙ୍କୁ ବାଣ୍ଟି ଏହି କମିଟି ସ୍ଲମ୍ କ୍ୱାର୍ଟର୍ସ ପାଇଁ ଧାର୍ଯ୍ୟ ନିୟମାବଳୀକୁ ଉଲ୍ଲଂଘନ କରିଥିବା ବେଳେ ବିଏମ୍‌ସିର ଆଉ ଏକ ତ୍ରୁଟି ଆବେଦନକାରୀଙ୍କୁ ସୁହାଇଥିଲା। ଏହାର ସୁଯୋଗ ନେଇ ପରବର୍ତ୍ତୀ ସମୟରେ କ୍ୱାର୍ଟର୍ସରେ ରହୁଥିବା ଅଧିକାଂଶ ଲୋକ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଓ ତାଙ୍କ ସପକ୍ଷରେ ରାୟ ଆସିଥିଲା। ଏବେ ବିଏମ୍‌ସି ସୁପ୍ରିମ୍‌କୋର୍ଟରେ ହାରିବା ପରେ ସମସ୍ତ କ୍ୱାର୍ଟର୍ସ ବିଏମ୍‌ସି ହାତରୁ ଯିବା ଥୟ ହୋଇଛି ।

# ଚମ୍ପା ଫୁଲର ମହକ ହରାଉଛି କାଶୀପୁର

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ରାୟଗଡ଼ା ଜିଲ୍ଲାର ଶିଳ୍ପ ସମୃଦ୍ଧ କାଶୀପୁର ବ୍ଲକ ଅନାହାର ଓ ଝାଡ଼ାବାନ୍ତି ପାଇଁ ବାରମ୍ବାର ଅଖବାର ମୁଖ୍ୟାରେ ରହୁଛି। କିନ୍ତୁ ପ୍ରକୃତି ଏହି ଆଦିବାସୀ ଅଧ୍ୟୁଷିତ ବ୍ଲକକୁ ସୌନ୍ଦର୍ଯ୍ୟରେ ଭରି ଦେଇଛି। ରାଜରାଜୁଡ଼ା ଅମଳରୁ ଏଠାକାର ପରିବେଶ ଆଗନ୍ତୁକଙ୍କୁ ଆକର୍ଷିତ କରୁଥିଲା। କାରଣ ଏଠାକାର ଘଞ୍ଚ ଜଙ୍ଗଲକୁ ସୁରକ୍ଷିତ କରୁଥିଲା ବିସ୍ତୀର୍ଣ୍ଣ ଚମ୍ପା ବଣ। ସେଣୁ ଲକ୍ଷେ ଚମ୍ପା ଗଛର ମୂଳକ ବୋଲି ପୂର୍ବରୁ ନାମକରଣ କରାଯାଇଥିଲା। ଚମ୍ପା ଫୁଲର ମହକ ଆନ୍ଧ୍ରପ୍ରଦେଶ ଓ ଉତ୍ତରପ୍ରଦେଶର ସେପୋରାକୁ କାଶୀପୁର ଟାଣି ଆଣୁଥିଲା। ଅତର ପାଇଁ ବାହାର ବ୍ୟବସାୟୀ ଚମ୍ପାଫୁଲ କିଣିବାକୁ ବାରମ୍ବାର ଆସୁଥିଲେ। ସେହିପରି ମହାଦେବଙ୍କୁ ଚମ୍ପାଫୁଲ ଚଢ଼ାଇବା ନିମନ୍ତେ କାଶୀପୁର ଉପରେ ନିର୍ଭର କରୁଥିଲେ। ବର୍ଷ ତମାମ ପ୍ରଚୁର ଚମ୍ପାଫୁଲ ମିଳୁଥିବାରୁ କାଶୀପୁରର ସୁଗନ୍ଧ ବହୁ ଦୂର ପର୍ଯ୍ୟନ୍ତ ବ୍ୟାପିଥିଲା। ତେବେ ପରିବର୍ତ୍ତିତ ପରିସ୍ଥିତିରେ ଅଧିକାଂଶ ଗଛ ଉଭାନ ହୋଇଯାଇଛି। ବର୍ତ୍ତମାନ କାଁଭାଁ ସ୍ଥାନରେ ପୁରୁଣା ଗଛ ଦଣ୍ଡାୟମାନ ଆଉ ସେହି ପୁରୁଣା ମହକ ନାହିଁ। କାଶୀପୁର ମୁଖ୍ୟରାସ୍ତା ଠାରୁ ପ୍ରାୟ ଗୋଟିଏ କିଲୋମିଟର ଦୂର ନାଳକଣ୍ଠେଶ୍ୱର ଶିବ ମନ୍ଦିର ନିକଟରେ ରହିଛି ବିରାଟ ଚମ୍ପା ତୋଟା। ଅଧିକାଂଶ ଗଛ ବହୁ ପୁରୁଣା, ଉପଯୁକ୍ତ ଯତ୍ନ ଅଭାବରୁ ସେଥିରୁ ଅନେକ ନଷ୍ଟ ହେବା ଅବସ୍ଥାରେ ରହିଛି। ଗ୍ରାମବାସୀଙ୍କ ଉଦ୍ୟମରେ ତୋଟାରେ ଅଳ୍ପ କିଛି ଗଛ ସୁରକ୍ଷିତ ରହିଛି। ସ୍ୱାଧୀନତା ପୂର୍ବରୁ କାଶୀପୁର ବ୍ଲକ କଲାହାଣ୍ଡି ରାଜାଙ୍କ ଅଧିନରେ ରହିଥିଲା। ସେହି ସମୟରେ କାଶୀପୁରର ଅଞ୍ଚଳ ଚମ୍ପା ଓ ରାମପୁର ଚନ୍ଦନ ବଣ ପାଇଁ ପ୍ରସିଦ୍ଧ ଥିଲା। ରାସ୍ତାଘାଟ ଉନ୍ନତୀକରଣ ଏବଂ ଶିଳ୍ପ ପାଇଁ ପ୍ରକ୍ରିୟା ଆରମ୍ଭ ହେବାରୁ ତିନି



ଦଶନ୍ଧି ମଧ୍ୟରେ ବହୁ ଚମ୍ପାବଣ ବିଲୁପ୍ତ ପ୍ରାୟ ଅବସ୍ଥାକୁ ଚାଲିଆସିଛି। କାଶୀପୁର ଗ୍ରାମ ପକ୍ଷରୁ କିଛି ସ୍ଥାନରେ ଚମ୍ପା ଚାରାରୋପଣ କରି ପୂର୍ବ ଗୌରବ ଫେରାଇ ଆଣିବାକୁ ପ୍ରୟାସ ହୋଇଥିଲା। କିନ୍ତୁ ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ସୁଫଳ ମିଳିନାହିଁ। ନାଳକଣ୍ଠେଶ୍ୱର ମନ୍ଦିର ନିକଟରେ ଥିବା ୫୦ରୁ ୬୦ ପୁରୁଣା ଚମ୍ପା ଗଛ ରହିଛି। ବର୍ଷ ତମାମ ସେହି ଗଛରୁ ଫୁଲ ମିଳୁଥିବାରୁ ସ୍ଥାନୀୟ ଲୋକ ଏହାକୁ ପୂଜାରେ ବ୍ୟବହାର କରୁଛନ୍ତି। ପୂର୍ବରୁ ବହୁ ପରିବାର ଚମ୍ପା ଫୁଲ ବିକ୍ରି କରି ଗୁଜରାଣ ମେଣ୍ଟାଉଥିଲେ। କାଶୀପୁର ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରଚୁର ଚମ୍ପା ଗଛ ରହିଥିଲା ବୋଲି ଶିକ୍ଷାବିତ୍ ରାମାନନ୍ଦ ଚୌଧୁରୀ ପ୍ରକାଶ କରିଛନ୍ତି। ଉନ୍ନତୀକରଣ ନାଁରେ ଲକ୍ଷେ ଚମ୍ପାର ଅଞ୍ଚଳ ବୋଲି ଗୌରବ ମଣ୍ଡିତ କରିଥିବା କାଶୀପୁର ସୁଗନ୍ଧ ହରାଇ ସାରିଲାଣି।

# ପ୍ରସ୍ତାବିତ ଦୋବଲ୍ ବସ୍‌ଷ୍ଟାଣ୍ଡ ନିର୍ମାଣ ସ୍ଥଳ ବୁଲି ଦେଖିଲେ ବିଭାଗୀୟ ଅଧିକାରୀ



**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର-ଦୋବଲ୍ ରାସ୍ତାର ମୁସ୍ତଫାପୁର ଘୋଡ଼ଗଣ୍ଡ ନାଳ ପାଖରେ ପ୍ରସ୍ତାବିତ ଦୋବଲ୍ ବସ୍‌ଷ୍ଟାଣ୍ଡ ନିର୍ମାଣ ସ୍ଥଳ ବୁଲି ଦେଖିଛନ୍ତି । ବିଭାଗୀୟ ଅଧିକାରୀ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ମନ୍ତ୍ରଣାଳୟର ବାଣିଜ୍ୟ ଓ ପରିବହନ ବିଭାଗ ଅତିରିକ୍ତ ସଚିବ ଅରୁଣ କୁମାର ବିଶ୍ୱାଳ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ମଧ୍ୟାହ୍ନରେ ଅରୁଣ ଏବଂ ଧାମନଗର ତହସିଲଦାର, ବିଡିଓଙ୍କ ସହ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ଅଧିକାରୀ ଆସି ଧାମନଗର-ଦୋବଲ ରାସ୍ତାର ଘୋଡ଼ଗଣ୍ଡ ନାଳ ପାଖରେ ପହଞ୍ଚିଥିଲେ । ଏଠାରେ ପହଞ୍ଚିବା ପରେ ପ୍ରସ୍ତାବିତ ନୂଆ ବସ୍‌ଷ୍ଟାଣ୍ଡ ସ୍ଥାନ ବୁଲି ଦେଖିଥିଲେ। ଏହାପରେ ସେଠାରୁ ଦୋବଲ ବ୍ୟାଙ୍କ ବଜାର ପାଖକୁ ଆସି ପୁରୁଣା ବସ୍‌ଷ୍ଟାଣ୍ଡ ମଧ୍ୟ ବୁଲି ଦେଖିଥିଲେ । ଦୋବଲରେ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାକୁ ସ୍ଥାନୀୟ ଲୋକେ ଦୀର୍ଘଦିନ ଧରି ଦାବି କରି ଆସୁଥିଲେ । ତେବେ ବସ୍‌ଷ୍ଟାଣ୍ଡ କେଉଁ ସ୍ଥାନରେ ହେବ ତାକୁ ନେଇ ବିବାଦ ରହିଥିଲା । ପୂର୍ବରୁ ଦୋବଲ୍ ମୁଖ୍ୟ ବଜାରରେ ବ୍ୟାଙ୍କ ସାମ୍ନାରେ ବସ୍‌ଷ୍ଟାଣ୍ଡ ରହି ଆସିଛି । ଏହିଠାରୁ ଚାରି ଆଡ଼କୁ ବସ୍ ଯାତାୟାତ କରୁଛି । ହେଲେ ଏଠାରେ ଜାଗାକୁ ନେଇ ବିବାଦ ଦେଖାଦେବାରୁ, ବିଭିନ୍ନ ଦଳର ନେତାମାନେ ବସି ସମାଧାନ କରିଥିଲେ । ଜିଲ୍ଲା ପ୍ରଶାସନର ସୁପାରିସ୍‌ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଡ଼ାଗଣ୍ଡ ନାଳ ନିକଟରେ ୟୁନାନୀ ମେଡିକାଲ୍‌କୁ ଲାଗି ନୂଆ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଥିଲା । ପ୍ରାଥମିକ ପର୍ଯ୍ୟାୟରେ ୨ କୋଟି ୯୧ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା । ପରବର୍ତ୍ତୀ ମୁହୂର୍ତ୍ତରେ ବସ୍‌ଷ୍ଟାଣ୍ଡ ପାଇଁ ୫ କୋଟି ୮୨ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା । ଆଉ ୨୦୨୩ ଅଗଷ୍ଟ ୨୩ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚ୍ୟୁଆଲ୍‌ରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ସେହି ଅନୁସାରେ ରାଜ୍ୟ ସରକାର ଟେଣ୍ଡର ଆହ୍ୱାନ୍ କରିଥିଲେ । ଠିକାଦାର କାମ ଆରମ୍ଭ କରିଥିଲା ହେଲେ ବସ୍‌ଷ୍ଟାଣ୍ଡ ନିର୍ମାଣ ଲାଗି ଜାଗା ସମତୁଲ କରି ବାଉଣ୍ଡରି ୱାଲ୍ କରାଯିବା ଭିତରେ ରାଜ୍ୟରେ ସରକାର ବଦଳିଥିଲା । ଏଠାରେ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାକୁ କିଛି ଲୋକ ବିରୋଧ କରିଥିଲେ । ଏ ସ୍ଥାନ ବଦଳରେ ପୁରୁଣା ବସ୍‌ଷ୍ଟାଣ୍ଡ ଜାଗାରେ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାକୁ ଦାବି ହୋଇଥିଲା । ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କାମ ବନ୍ଦ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ପ୍ରଶାସନର ନିର୍ଦ୍ଦେଶ ପରେ ଠିକାଦାର କାମ ବନ୍ଦ କରିଥିଲେ ଆଉ ପ୍ରକଳ୍ପ ସ୍ଥଳରେ ଗଦା କରିଥିବା ଲୁହା ରଡ଼, ସିମେଣ୍ଟ, ଚିପ୍ସକୁ ପ୍ରତ୍ୟେକ ଦିନ ଗାଡ଼ି ଲଗାଇ ଉଠାଇ ନେଇଥିଲେ । ଯାହାକୁ ନେଇ ଲୋକଙ୍କ ମନରେ ଆଶଙ୍କା ଦେଖାଦେଇଥିଲା । ଏହାପରେ ପ୍ରଶାସନ ପକ୍ଷରୁ କୁହାଯାଇଥିଲା ଯେ, ରାଜ୍ୟ ସଡ଼କ ପରିବହନ ବିଭାଗର କର୍ତ୍ତୃପକ୍ଷ ଆସି ତଦାରଖ କରିବା ପରେ ବସ୍‌ଷ୍ଟାଣ୍ଡ ନିର୍ମାଣ ନେଇ ପଦକ୍ଷେପ ନିଆଯିବ ସେହି କ୍ରମରେ ରାଜ୍ୟ ସଡ଼କ ପରିବହନ ବିଭାଗର ଅତିରିକ୍ତ ସଚିବ ଏଠାକୁ ଆସିଥିଲେ ।

# ସଂସ୍କୃତି ବିଭାଗର ଅବହେଳା:ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକୁ ମିଳୁନି ପ୍ରୋତ୍ସାହନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଆ ଅସ୍ମିତା ନାରା ଦେଇ ବିଜେପି ପ୍ରଥମ ଥର ରାଜ୍ୟରେ କ୍ଷମତାକୁ ଆସିଛି, ହେଲେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପଛରେ ପଡ଼ିଛି। ନା ଏକାଡେମୀ ଗୁଡ଼ିକରେ ନୂଆ ନିଯୁକ୍ତି ଦିଆଯାଉଛି, ନା ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକୁ ପ୍ରୋତ୍ସାହନ ମିଳୁଛି। ରାଜା ରାମମୋହନ ରାୟ ପାଠାଗାର ଯୋଜନାରେ ବହିକିଣା ବି ବନ୍ଦ ହୋଇଯାଇଛି। ବିଭାଗ ବର୍ତ୍ତମାନ ଦିଗହରା ହୋଇ ଚାଲିଛି। ଏହାକୁ ନେଇ କଳାକାର, ସାହିତ୍ୟିକ, ପ୍ରକାଶକଙ୍କ ଅସନ୍ତୋଷ ବଢ଼ିବାରେ ଲାଗିଛି । ବିଭାଗ ଅଧୀନରେ ଓଡ଼ିଶା ସାହିତ୍ୟ ଏକାଡେମୀ, ସଙ୍ଗୀତ ନାଟକ ଏକାଡେମୀ, ଲଳିତକଳା ଏକାଡେମୀ ଓ ଉର୍ଦ୍ଦୁ ଏକାଡେମୀର ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିବା ବ୍ୟକ୍ତିମାନଙ୍କର କାର୍ଯ୍ୟକାଳ ଗତ ମେ ୨୦ ତାରିଖରେ ଶେଷ ହୋଇଥିଲେ ହେଁ ଆଜି ପର୍ଯ୍ୟନ୍ତ ପୂରଣ ହୋଇପାରିନାହିଁ। ଏକାଡେମୀର ସଭାପତି, ଉପସଭାପତି, ସଚିବ ଆଦି ପ୍ରମୁଖ ପଦବିଗୁଡ଼ିକର ନିଯୁକ୍ତି ନିୟମ ବଦଳାଇବାକୁ ବିଭାଗ ପକ୍ଷରୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ହେଲେ ସରକାର ସିଧାସଳଖ ମନୋନୟନ କରିବେ ନା ପ୍ରାର୍ଥୀ ଆବେଦନ କରିବେ, ନିଷ୍ପତ୍ତି ନେଇପାରୁନାହାନ୍ତି। ସାହିତ୍ୟ ଏକାଡେମୀର ସାଧାରଣ ପରିଷଦ ପ୍ରାୟ ବର୍ଷେ ହେବ ଗଠନ ହୋଇପାରୁନଥିବାରୁ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅଟକି ରହିଛି। ଏପରିକି ବର୍ଷ ବର୍ଷ ଧରି ଏକାଡେମୀ ପୁରସ୍କାର ଦିଆଯାଇ ପାରୁନାହିଁ। ଓଡ଼ିଆ ଭାଷାର ବିକାଶ ପାଇଁ ଗଠିତ ଓଡ଼ିଆ ଭାଷା ପ୍ରତିଷ୍ଠାନ ସ୍ଥାଣୁ ହୋଇଯାଇଛି। ସେଠାରେ ସ୍ଥାୟୀ ନିର୍ଦ୍ଦେଶକ କି ଆବଶ୍ୟକ କର୍ମଚାରୀ ନାହାନ୍ତି। ରାଜ୍ୟର ସାଂସ୍କୃତିକ ଦୁନିଆକୁ ଘରୋଇ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକ ହିଁ ଚଳଚଞ୍ଚଳ ରଖିଥାନ୍ତି। ସେମାନଙ୍କୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସାରସ୍ୱତ ଉତ୍ସବ ଆଦିର ଆୟୋଜନ ପାଇଁ ସଂସ୍କୃତି ବିଭାଗ କିଛି କିଛି ଆର୍ଥିକ ପ୍ରୋତ୍ସାହନ ଦେଇଥାଏ। ଏଥିପାଇଁ ବିଭାଗର ସ୍ୱତନ୍ତ୍ର ନିୟମାବଳୀ ରହିଛି। ମାର୍ଚ୍ଚ ମାସରୁ ଜୁନ୍ ପ୍ରଥମ ସପ୍ତାହ ଯାଏ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ ପ୍ରୋତ୍ସାହନ ମିଳୁନଥିଲା ଆଚରଣ ବିଧି ଉଠିଲା ପରେ ବି ଆଜି ଯାଏ କାହାରିକୁ ସହାୟତା ମିଳୁନାହିଁ। କେଉଁ କାରଣ ପାଇଁ ଦୁଇମାସ ହେଲା ସରକାର ସେମାନଙ୍କୁ ସହଯୋଗ କରୁନାହାନ୍ତି, ତାହାର ଉତ୍ତର କାହା ପାଖରେ ନାହିଁ। ସେହିପରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରାଜା ରାମମୋହନ ରାୟ ପାଠାଗାର ପ୍ରତିଷ୍ଠାନ ଯୋଜନାରେ ପ୍ରତିବର୍ଷ ବହି କିଣାଯାଏ। ଏହି କାମ ପାଇଁ ସାହିତ୍ୟ ଏକାଡେମୀକୁ ଦାୟିତ୍ୱ ଦିଆଯାଇଛି। କିନ୍ତୁ ଚଳିତ ବର୍ଷ ବହି କିଣାଯାଇନାହିଁ। ୨୦୨୩ ମସିହାରେ ପ୍ରକାଶକଙ୍କ ଠାରୁ କିଣା ଯାଇଥିବା ବହିର ଟଙ୍କା ମଧ୍ୟ ଦିଆଯାଇନାହିଁ । ବର୍ଷ ବର୍ଷ ଧରି ଲକ୍ଷାଧିକ ଟଙ୍କା ପଡ଼ିରହୁଥିବାରୁ ପ୍ରକାଶକମାନେ ଭୀଷଣ ସମସ୍ୟାରେ ପଡୁଛନ୍ତି। ବହି ପ୍ରତି ସଂସ୍କୃତି ବିଭାଗର ଏ ଆଭିମୁଖ୍ୟ ସମସ୍ତଙ୍କୁ ଚକିତ କରିଛି। ଅନ୍ୟପଟେ ଐତିହ୍ୟ କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ଅନୁସାରେ ଗତବର୍ଷ ଏହି ବିଭାଗ ଅଧୀନରେ ୩ଟି ନୂଆ ନିର୍ଦ୍ଦେଶାଳୟର ବିଧିବଦ୍ଧ ଗଠନକୁ ସ୍ୱୀକୃତି ମିଳିଥିଲା। ସର୍ବସାଧାରଣ ଗ୍ରନ୍ଥାଗାର ନିର୍ଦ୍ଦେଶାଳୟ, ସଂଗ୍ରହାଳୟ ନିର୍ଦ୍ଦେଶାଳୟ ଓ ପ୍ରତ୍ନତତ୍ତ୍ୱ ନିର୍ଦ୍ଦେଶାଳୟ ପର୍ଯ୍ୟନ୍ତ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିନାହିଁ। ନୂଆ ସରକାର ଆସିବା ପରେ ନୂଆମନ୍ତ୍ରୀ ବିଭାଗୀୟ କାର୍ଯ୍ୟର ସମୀକ୍ଷା କରି ୧୦୦ ଦିନର କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବାକୁ କହିଥିଲେ। ଏହା ମଧ୍ୟରେ ୬୦ ଦିନ ବିତି ଯାଇଥିଲେ ହେଁ କି କାର୍ଯ୍ୟଖସଡ଼ା ପ୍ରସ୍ତୁତ ହୋଇଛି କିଛି ଜଣାପଡୁନି।

# ରାସ୍ତାଘାଟ ସୌନ୍ଦର୍ଯ୍ୟକରଣ ନାମରେ ହରିଲୁଟ୍- ମୁଖ୍ୟରାସ୍ତା ପାଲଟିଛି ମୁଖ୍ୟ ଡ୍ରେନ୍

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ମ୍ୟୁନିସିପାଲିଟି ଅଞ୍ଚଳରେ ଅନେକ ଜନଗହଳି ପୂର୍ଣ୍ଣ ରାସ୍ତା ଗୁଡାକ ଅତି କଦର୍ଯ୍ୟ ହୋଇଥିବା ବେଳେ ସୌନ୍ଦର୍ଯ୍ୟକରଣ ନାମରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଥିବା ଦେଖିବାକୁ ମିଳୁଛି ଓ ବଲାଙ୍ଗିର ସହରର ଏକ ମୁଖ୍ୟରାସ୍ତା ରମାଇ ଟକିଜ୍‌ରୁ ଦୈନିକ ବଜାରକୁ ଯାଉଥିବା ରାସ୍ତାରେ ନାଳ ନର୍ଦ୍ଦମା ଜଳ ପ୍ରବାହିତ ହୋଇ କଦର୍ଯ୍ୟ ହୋଇ ପଡ଼ିରହିଛି। ଏହି ମୁଖ୍ୟ ରାସ୍ତାଠାରୁ ମ୍ୟୁନିସିପାଲିଟି ମାତ୍ର ୫୦ ମିଟର ଦୂରରେ ଅବସ୍ଥିତ। ପ୍ରତିଦିନ ଏହି ରାସ୍ତାଦେଇ ପୌରପରିଷଦର ଅଧିକାରୀ, କର୍ମଚାରୀ ବିଭିନ୍ନ କାର୍ଯ୍ୟାଳୟର ଅଫିସର ଏବଂ ହଜାର ହଜାର ଜନସାଧାରଣ ଯାତାୟାତ କରୁଛନ୍ତି ଓ ସମସ୍ତଙ୍କ ଦୃଷ୍ଟିରେ ଅଛି ଏହି କଦର୍ଯ୍ୟ ରାସ୍ତା ଓ ସେହିପରି ସିଭିଲ୍ କୋର୍ଟ ସାମନା ହାତୀଶାଳ ପଡାକୁ ଯାଇଥିବା ରାସ୍ତା, ଜଲାରାମ ମନ୍ଦିର ରାସ୍ତା ଅତି ଶୋଚନୀୟ ଭାବେ କଦର୍ଯ୍ୟ ହୋଇଯାଇଥିବା ବେଳେ ଦୀର୍ଘବର୍ଷ ହେଲା ମରାମତି ମଧ୍ୟ କରାଯାଉନାହିଁ। ପୂର୍ବ ସରକାର ସୌନ୍ଦର୍ଯ୍ୟକରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ କର୍ମ ତତ୍ପରତା ଅଭିଯାନରେ ବଲାଙ୍ଗିର ପୌର ପରିଷଦକୁ କୋଟି କୋଟି ଟଙ୍କା ପ୍ରଦାନ କରିଛନ୍ତି ଓ କିନ୍ତୁ ପୌର ପରିଷଦ ସୌନ୍ଦର୍ଯ୍ୟକରଣ ନାମରେ ବଲାଙ୍ଗିରକୁ ଅସୁନ୍ଦର କରିବାରେ ଲାଗିରହିଥିବା ଅଭିଯୋଗ ହେଉଛି ଓ ଏହି ଯୋଜନାରେ ତିଆରି ହୋଇଥିବା ବିଭିନ୍ନ ସ୍ଥାନରେ କେତେକ ପାର୍କ ବର୍ତ୍ତମାନ ରକ୍ଷଣା ବେକ୍ଷଣା ଅଭାବରୁ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି ଓ ଉଦାହରଣ ସ୍ୱରୂପ ବଲାଙ୍ଗିର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କିଛିମାସ ପୂର୍ବରୁ ଏକ ଛୋଟ ଜାଗାରେ ବସିବା ପାଇଁ କିଛି ବେଞ୍ଚ, କିଛି ଫୁଲଗଛ ଏବଂ ଚାରିପଟେ ବାଡଦେଇ ଏକ ସୁନ୍ଦର ବଗିଚା ତିଆରି ହୋଇଥିଲା । କିନ୍ତୁ ସେହି ବଗିଚାକୁ ଦେଖାରେଖା କରିବା ବା ଯତ୍ନ ନେବାପାଇଁ କେହି ନଥିବାରୁ ସେଠାରେ ଏବେ ଅନାବନା ଗଛ ସହ ଲଟା ବୁଦା ଚାରି ପଟେ ମାଡି ଗଲାଣି ଓ ସେହି ବଗିଚାର ଗେଟ୍‌ରେ ମଧ୍ୟ ଏକ ତାଲା ଝୁଲୁଥିବାର ଦେଖାଯାଉଛି ଓ ସେହିପରି ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ମୁଖ୍ୟ ଗେଟ୍ ସମ୍ମୁଖରେ ଆମର ବଲାଙ୍ଗିର ନାମରେ ପୌର ପରିଷଦ ପକ୍ଷରୁ ତା. ୨୦/୦୬/୨୦୨୧ ରେ ତତ୍କାଳୀନ ବିଧାୟକ ନରସିଂହ ମିଶ୍ର, ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଉଦ୍‌ଘାଟିତ ରାସ୍ତା କଡରେ ଏକ ଛୋଟିଆ ବଗିଚାର ଅବସ୍ଥା ମଧ୍ୟ ସମାନ । ବଗିଚା ଭିତରେ ଅନା ବନା ଗଛ ଗୁଡିକ ବଡ ବଡ ହୋଇଗଲାଣି ଓ ଏହା ଉପରେ ପୌରପରିଷଦର ଧ୍ୟାନ ଥିବାପରି ଜଣା ପଡୁନାହିଁ ଓ ଏହିପରି ସହର ମଧ୍ୟରେ ଆଉ ଦୁଇ ତିନୋଟି ସ୍ଥାନରେ ସୌନ୍ଦର୍ଯ୍ୟକରଣ ନାମର ଲକ୍ଷାଧିକ ଟଙ୍କା ଖର୍ଚ୍ଚକରି ପାର୍କ ନିର୍ମାଣକରି ପୌରପରିଷଦ ଏହାର ରକ୍ଷଣା ବେକ୍ଷଣ ଦିଗରେ ଆଉ ଧ୍ୟାନ ଦେଉନଥିବାରୁ ଲକ୍ଷାଧିକ ଟଙ୍କା ପାଣିରେ ପଡୁଛି ଓ ସୌନ୍ଦର୍ଯ୍ୟକରଣ ନାମରେ ଲକ୍ଷାଧିକ ଟଙ୍କା ବାଟମାରଣା ହେଉଥିବା ଅଭିଯୋଗ ହେଉଛି ଓ ଏଥିପ୍ରତି ଜିଲ୍ଲାପାଳ ଧ୍ୟାନ ଦେବାପାଇଁ ଦାବି ହେଉଛି।

# ପୀରାହାଟ ଥାନା ଅଞ୍ଚଳରେ ଚାଲିଛି ବେଧଡ଼କ ଜୁଆଖେଳ:ବାଜିରେ ଲାଗୁଛି ସ୍କୁଲ୍ ଛାତ୍ରଙ୍କ ଜୀବନ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଆଜିର ଯୁବକ କାଲିର ଭବିଷ୍ୟତ। ସେମାନଙ୍କ ପାଇଁ ବାପା-ମା' କେତେ ସ୍ୱପ୍ନ ଦେଖୁଥିବାବେଳେ କିଛି ଅସାଧୁ ଜୁଆ ଖେଳାଳିମାନଙ୍କ ପାଇଁ ସେମାନଙ୍କ ଲକ୍ଷ୍ୟପଥ ଭ୍ରଷ୍ଟ ହେଉଛି। ଏମିତି ଘଟଣା ଦେଖିବାକୁ ମିଳୁଛି ଏହି ଜିଲ୍ଲାର ପୀରହାଟ ଥାନା ଅଧିନସ୍ଥ ନରେନ୍ଦ୍ରପୁର ପଞ୍ଚାୟତରେ। ପ୍ରତ୍ୟେକ ଦିନ ୧୦ରୁ ଅଧିକ ଜୁଆ ଖେଳାଳି ପୀରହାଟ ଥାନାର କେତେକ ଅସାଧୁ ପୋଲିସ୍ କର୍ମଚାରୀଙ୍କୁ ହାତ ବାରିସ୍ କରି ନିଜର ଆଧିପତ୍ୟ ବିସ୍ତାର କରିବା ସହିତ ଛୋଟ ଛୋଟ ପିଲାମାନଙ୍କୁ ଟଙ୍କାର ପ୍ରଲୋଭନ ଦେଖାଇ ଏହି ଖେଳରେ ସାମିଲ୍ କରୁଛନ୍ତି ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି। ଫଳରେ ହାରିଯାଇଥିବା ଯୁବକ ନିଜର ମାନସିକ ସ୍ଥିତି ହରାଇ ନିଜ ପରିବାରବର୍ଗଙ୍କୁ ଆକ୍ରମଣ କରିବା ସହିତ ଚୋରି କରିବାକୁ ମଧ୍ୟ ପଛାଉନାହାଁନ୍ତି। ଏଥିନେଇ ଆଗରୁ ଅଭିଯୋଗ ହୋଇଆସୁଥିଲେ ମଧ୍ୟ ପୀରହାଟ ଥାନାର କେତେକ ଅସାଧୁ କର୍ମଚାରୀ ପ୍ରତ୍ୟେକଦିନ ରାତିରେ ହଜାର ହଜାର ଟଙ୍କା ନେଇ ଏଭଳି ଖେଳକୁ ପ୍ରଶୟ ଦେଉଥିବାର ଦେଖିବାକୁ ମିଳିଛି। ଏ ବିଷୟରେ ସାଧାରଣ ଲୋକ ପୋଲିସ ନିକଟରେ ଅଭିଯୋଗ କଲେ ସେ ମିଛ ଖବର କହି ଗାଳିଗୁଲଜ କରୁଥିବା ବିଷୟ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ବିଷୟରେ ସ୍ଥାନୀୟ ଅଞ୍ଚଳବାସୀ ଚାନ୍ଦବାଲି ଏସ୍‌ଡିପିଓ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ୍ ଏବଂ ଭଦ୍ରକ ଏସ୍‌ପିଙ୍କୁ ଅବଗତ କରାଇଛନ୍ତି। ଘଣ୍ଟେଶ୍ୱର ଫାଣ୍ଡି ଓ ବାଂଶଡା ଥାନା ଅଞ୍ଚଳରେ ମଧ୍ୟ ଏହିଭଳି ବେଧଡକ ଭାବେ ଜୁଆଖେଳ ଚାଲିଛି। ପୋଲିସ୍ ପ୍ରଶାସନ ସବୁ ଜାଣି ହାତଗୋଡ ଯୋଡି ବସିଥିବା ବିଷୟ ସ୍ଥାନୀୟ ଲୋକେ ଗଣମାଧ୍ୟମକୁ କହିଛନ୍ତି।

# ନିଳାଗୁଡା ଜଙ୍ଗଲରେ ଅବକାରୀ ଚଢଉ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜୟପୁର ସଦର ଥାନା ଅନ୍ତର୍ଗତ ନିଳାଗୁଡା ଜଙ୍ଗଲରେ ଅବକାରୀ ଚଢଉ ହୋଇଛି । ମଦ ମାଫିଆମାନେ ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରୀ ନିରିକ୍ଷକ କାର୍ଯ୍ୟାଳୟ ପକ୍ଷରୁ ଚଢଉ କରାଯାଇଛି। ଚଢଉ ସୂଚନା ପାଇ ମଦ ମାଫିଆମାନେ ଚମ୍ପଟ୍ ମାରିଥିବା ବେଳେ ଅବକାରି ବିଭାଗ ବହୁ ମଦ ଭାଟି ଭାଙ୍ଗିଛି । ଘଟଣା ସ୍ଥଳରୁ ୧୬୦ ଲିଟର ଦେଶି ମଦ ଓ ୮ ଶହ ଲିଟର ପୋଚ ଜବତ କରି ନଷ୍ଟ କରିଛି । ମଦରନ୍ଧା ସରଞ୍ଜାମ, ଡ୍ରମ୍ ଆଦିକୁ ଜବତ କରିଥିବା ବିଷୟ ଜୟପୁର ଅବକାରୀ ନିରିକ୍ଷକ ଶଶିକାନ୍ତ ଦତ୍ତ ସୂଚନା ଦେଇଛନ୍ତି ।

# ବାଟବଣା ହାତୀ ଶାବକକୁ କାବୁ କଲା ବନ ବିଭାଗ

**ବଲାଙ୍ଗୀର, ନ୍ୟୁଜ୍ ବ୍ୟୁରୋ**

ଶେଷରେ କାବୁ ହେଲା ବାଟବଣା ହାତୀ ଶାବକ। ଦେଓଗାଁ ରେଞ୍ଜ୍ ଅନ୍ତର୍ଗତ ସାଲେପାଲି ଗାଁ ରାସ୍ତାର କୃଷ୍ଣମୁହାଣ ସେତୁ ନିକଟରେ ଆତଙ୍କ ସୃଷ୍ଟି କରିଥିଲା ହାତୀ ଶାବକ। ସଇଁତଲା ସମରା ରାସ୍ତା ଦେଇ ଜରାସିଂହା- ସାଲେପାଲି ଗାଁ ନିକଟରେ ପହଞ୍ଚିଥିଲା ଗୋଠଛଡା ହାତୀ ଶାବକ। ଦିନ ତମାମ୍ ବନବିଭାଗ ହାତୀକୁ କାବୁ କରିବା ପାଇଁ ଜାଲ ବିଛାଇଥିଲା। କିନ୍ତୁ ହାତୀ ଶାବକକୁ କାବୁ କରିପାରି ନଥିଲେ। ହାତୀ ଶାବକକୁ କାବୁ କରିବା ପାଇଁ ବଲାଙ୍ଗିର ଡିଏଫଓ ସୁଦର୍ଶନ ବେହେରାଙ୍କ ନେତୃତ୍ୱରେ ଦେଓଗାଁ, ବଲାଙ୍ଗୀର ଓ ସଇଁତଲା ରେଞ୍ଜ ଅଧିକାରୀଙ୍କ ସମେତ ୫୦ରୁ ଅଧିକ ବନ ବିଭାଗ କର୍ମଚାରୀ ଏକ ଟିମ୍ ଗଠନ କରି ଲାଗିପଡ଼ିଥିଲେ। ୧୨ ଜଣିଆ ଏଲିଫ୍ୟାଣ୍ଟ ପ୍ରୋଟେକ୍ସନ ସ୍କ୍ୱାର୍ଡ ମଧ୍ୟ ସାମିଲ୍ ହୋଇଥିଲେ ଟିମ୍‌ରେ। ରେସ୍କୁ ଟିମ୍‌ରେ ୪ ଜଣିଆ ପଶୁ ବିଶେଷଜ୍ଞ ଡାକ୍ତର ରହିଥିବା ବେଳେ ଟ୍ରାଙ୍କୁଲାଇଜର ସାହାଯ୍ୟରେ ହାତୀ ଛୁଆକୁ କାବୁ କରାଯାଇଥିଲା। ହାତୀ ଚେତାଶୂନ୍ୟ ହେବାପରେ ତାକୁ କାବୁ କରି ବଲାଙ୍ଗିରକୁ ଆଣି ଚିକିତ୍ସା ଆରମ୍ଭ କରିଛି ବନ ବିଭାଗ। ଗତ କିଛିଦିନ ହେଲା ଦେଓଗାଁ ରେଞ୍ଜ ଅଞ୍ଚଳକୁ ୧୨ଟିକିଆ ହାତୀପଲ ଆସିଥିଲେ। ୧୨ ଟିକିଆ ହାତୀପଲରେ ୪ଟି ଶାବକ ଥିଲେ। ତେବେ ଗୋଟିଏ ହାତୀ ଶାବକ ଅଲଗା ହୋଇ ଏଣେତେଣେ ବୁଲୁ ବୁଲୁ ବାଟବଣା ହୋଇଯାଇଥିଲା। ଏକା ହୋଇଯିବା ପରେ ଭୟରେ କିଛି ଲୋକଙ୍କୁ ଆକ୍ରମଣ କରିଥିଲା। ତେବେ ଲୋକେ ଘଉଡାଇବା ପରେ ଶାବକଟି କୃଷ୍ଣମୁହାଣ ସେତୁ ନିକଟରେ ଫଶି ରହିଥିଲା। ଉଦ୍ଧାର ପରେ ହାତୀ ଶାବକର ଚିକିତ୍ସା କରାଯାଇଛି। ବର୍ତ୍ତମାନ ହାତୀ ଶାବକଟିର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସୂଚନା ଦେଇଛନ୍ତି ଡାକ୍ତର ହିମାଂଶୁ ଶେଖର ବେହେରା।

# ସାମାନ୍ୟ ବର୍ଷାରେ ଧାମରାରେ ବିଜୁଳି ସ୍ୱପ୍ନ, ୨୦ ଘଣ୍ଟା ପରେ ଆସିଲା ବିଜୁଳି

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ସାମାନ୍ୟ ବର୍ଷାରେ ଧାମରା ଅଞ୍ଚଳରୁ ବିଜୁଳି ସରବରାହ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଅପରାହ୍ନରେ ସାମାନ୍ୟ ବର୍ଷା ପରେ ଧାମରା ବାଂଶଡା ଜାଗୁଳା, ଦୋସିଙ୍ଗା ଏବଂ କଇଥଖୋଲା ପଞ୍ଚାୟତରେ ବିଦ୍ୟୁତ୍ ସରବରାହ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। କେଉଁ ସ୍ଥାନରେ ସରବରାହରେ ବ୍ୟାହତ ସୃଷ୍ଟି ହୋଇଥିଲା, ସେଥିନେଇ କର୍ମଚାରୀ ମାନେ ସଫଳ ହୋଇନଥିଲେ। ଫଳରେ ହଜାର ହଜାର ଉପଭୋକ୍ତା ଏହି ସେବା ପାଇବାରୁ ବଞ୍ଚିତ ହେବା ସହ ୩ଟି ପଞ୍ଚାୟତରେ ଥିବା ୧୩ଟି ରାଷ୍ଟ୍ରାୟତ ଏବଂ ୩ଟି ବେସରକାରୀ ବ୍ୟାଙ୍କ ମାନଙ୍କରେ ସାଧାରଣ ଜନତା ସେବା ପାଇବାରୁ ବଞ୍ଚିତ ହେଉଥିଲେ। ଧାମରା ଅଞ୍ଚଳରେ ଟେଲି ଯୋଗାଯୋଗ ମଧ୍ୟ ବ୍ୟାହତ ହୋଇଥିଲା। ଧାମରା ଠାରୁ ବାଲିମୁଣ୍ଡା ବିଦ୍ୟୁତ୍ ଷ୍ଟ୍ରକ୍‌ଚରର ଦୂରତା ମାତ୍ର ୨୨ କିମି ହୋଇଥିବାବେଳେ ଏହି ସେବା ଯୋଗାଇବା ପାଇଁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ବୋଲି କହୁଥିବାବେଳେ ସେ ଅଞ୍ଚଳବାସୀଙ୍କୁ କେଉଁ ପରିସ୍ଥିତିରେ ୨୦ ଘଣ୍ଟାରୁ ଉର୍ଦ୍ଧ୍ୱ ଅନ୍ଧକାରରେ ରଖାଗଲା, ସେଥିନେଇ କମ୍ପାନୀର କାର୍ଯ୍ୟ ପ୍ରତି ସନ୍ଦେହ ସୃଷ୍ଟି ହୋଇଛି। ଧାମରାକୁ ବିଦ୍ୟୁତ୍ ସରବରାହ ସବୁ ସମୟରେ ଉପଲବ୍ଧ କରାଇବା ପାଇଁ ଚାନ୍ଦବାଲି ଷ୍ଟ୍ରକ୍‌ଚର (୧୩୨/୩୨)ରୁ ଗୋଟିଏ ଲାଇନ୍ ଧାମରାକୁ ଟଣାଯାଇଥିବା ବେଳେ କେବେ ଏହି ଲାଇନ୍‌ରେ ବିଦ୍ୟୁତ୍ ସରବରାହ କରାଯିବ, ତାହା ଉପରେ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ଏହି ଲାଇନ୍‌ରେ ବିଦ୍ୟୁତ୍ ସରବରାହ ହୋଇପାରିଲେ ଧାମରା ଅଞ୍ଚଳରେ ୨୪ ଘଣ୍ଟା ବିଦ୍ୟୁତ୍ ଯୋଗାଣ ସମ୍ଭବ ହୋଇପାରନ୍ତା। ଏଣୁ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା ସହ ଜିଲ୍ଲାପାଳ ଏ ଦିଗରେ ନିର୍ଦ୍ଦେଶ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ୨୫ ଲକ୍ଷ ଟଙ୍କାର ଋଣ ପାଇଁ ନିଲାମ ହୋଇଗଲା ଦେଢ କୋଟି ଟଙ୍କାର ସମ୍ପତ୍ତି

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ସହରର ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ତଥା ମାଲକାନଗିରି ବ୍ଲକ ଉପାଧ୍ୟକ୍ଷ ନିରଞ୍ଜନ ସିଲଦାରଙ୍କ ନାମରେ ଥିବା ବର୍ଷା ଏଣ୍ଟରପ୍ରାଇଜର୍ସ ଫର୍ଣ୍ଣିଚର ଦୋକାନ ଲାଗି ସେ ପଞ୍ଜାବ ନ୍ୟାସନାଲ୍ ବ୍ୟାଙ୍କରୁ ୨୫ ଲକ୍ଷ ଟଙ୍କାର ଋଣ ନେଇଥିଲେ । ହେଲେ ନିରଞ୍ଜନ କରୋନା ମହାମାରି ପୂର୍ବରୁ ୫ ଲକ୍ଷ ଟଙ୍କା ପରିଶୋଧ କରିଥିବା ବେଳେ କୋଭିଡ ପରେ ଆର୍ଥିକ ଦୁରାବସ୍ଥା ଯୋଗୁଁ ବାକି ଟଙ୍କା ପରିଶୋଧ କରିପାରିନଥିଲେ । ଏହାରି ଭିତରେ ମୂଳ ଓ ସୁଧ ହାର ମିଶି ଋଣ ୭୭ ଲକ୍ଷ ଟଙ୍କାରେ ପହଞ୍ଚିଥିବା ବେଳେ ପଞ୍ଜାବ ବ୍ୟାଙ୍କ ତାଙ୍କର ଦୋକାନ ଗୃହଟିକୁ ଅନ୍ୟ ଜଣଙ୍କୁ ବିକ୍ରି କରିଦେଇଛି । ହେଲେ ଋଣ ନେଇଥିବା ନିରଞ୍ଜନ ହାଲଦାର ଋଣ ପରିଶୋଧ କରିଦେବା କଥା କହି ହାଇକୋର୍ଟରୁ ଷ୍ଟେ ଅର୍ଡର ଆଣିଥିଲେ ମଧ୍ୟ ବ୍ୟାଙ୍କ ତାଙ୍କୁ କୌଣସି ସମୟ ନଦେଇ ପୋଲିସ ସହାୟତାରେ ଦୋକାନ ଗୃହଟିକୁ ଖାଲି କରିଛି । ନିଲାମ ପ୍ରକ୍ରିୟାରେ ଜଣେ ମାତ୍ର ବ୍ୟକ୍ତି ଭାଗ ନେଇଥିବା ବେଳେ ହରିଜନ ଜମି ଉପଜିଲ୍ଲାପାଳଙ୍କ ବିନା ଅନୁମତିରେ କେମିତି ନିଲାମ କରାଗଲା ବୋଲି ପ୍ରଶ୍ନ କରିଛନ୍ତି ଘର ମାଲିକ । ତେବେ ବ୍ୟାଙ୍କ ପରିଚାଳକ କହିଛନ୍ତି ଯେ ସବୁ ନିୟମ ଅନୁଯାୟୀ ହୋଇଛି ।

# ବିନା ଡାକ୍ତରରେ ଚାଲିଛି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସରକାରଙ୍କୁ ଘର ପାଖରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ବ୍ରହ୍ମପୁର ମହାନଗର ନିଗମ ଅଧୀନରେ ସହରରେ ୧୦ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ରହିଛି । ହେଲେ ଏଥିରୁ ଅଧିକାଂଶ କେନ୍ଦ୍ରରେ ଡାକ୍ତର ଓ କର୍ମଚାରୀଙ୍କ ଅଭାବ ରହିଥିବା ଅଭିଯୋଗ ହୋଇଛି । ଏପରିକି ବିନା ଡାକ୍ତରରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପରିଚାଳିତ ହେଉଛି । କେଉଁ ଉପାନ୍ତ କିମ୍ବା ଗ୍ରାମାଞ୍ଚଳ ନୁହଁ, ବରଂ ବ୍ରହ୍ମପୁର ସହରରେ ଥିବା ଏକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏଭଳି ବିପର୍ଯ୍ୟସ୍ତ ଅବସ୍ଥା ଦେଖିବାକୁ ମିଳିଛି । ମହାନଗର ନିଗମର ୧୨ ନମ୍ବର ୱାର୍ଡ଼ରେ ରହିଛି ମିନାକ୍ଷୀନଗର ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର । ୨୦୨୨ ମସିହା ଅଗଷ୍ଟ ୨୨ ତାରିଖରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର



ଉଦ୍‌ଘାଟିତ ହୋଇଥିଲା । ଉଦ୍‌ଘାଟନ ସମୟରେ କୁହାଯାଇଥିଲା ଯେ, ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଖପାଖ ଅଞ୍ଚଳର ଗର୍ଭବତୀ, ନବଜାତ ଶିଶୁ, ବରିଷ୍ଠ ନାଗରିକଙ୍କ ସହିତ ଅନ୍ୟମାନଙ୍କୁ ସ୍ୱାସ୍ଥ୍ୟ ସେବା ମିଳିପାରିବ । ସ୍ୱାସ୍ଥ୍ୟ କେନ୍ଦ୍ରରେ ଗର୍ଭାବସ୍ଥା ଓ ପ୍ରସବ ସମୟରେ ଯତ୍ନ, ନବଜାତ ଓ ଶିଶୁ ସ୍ୱାସ୍ଥ୍ୟ ସେବା, କୈଶୋର ସ୍ୱାସ୍ଥ୍ୟ ସେବା, ପରିବାର ନିୟୋଜନ, ଗର୍ଭ ନିରୋଧକ ପଦ୍ଧତି ଓ ଅନ୍ୟାନ୍ୟ ପ୍ରଜନନ ସ୍ୱାସ୍ଥ୍ୟ ସେବା, ଜାତୀୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅନ୍ତର୍ଗତ ବିଭିନ୍ନ ସଂକ୍ରମକ ରୋଗ ଚିକିତ୍ସା, ସାଧାରଣ ରୋଗ ଓ ସାମୟିକ ଅସୁସ୍ଥତାର ବହିର୍ବିଭାଗ ସେବା ସହ ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ସୁବିଧା ମିଳିପାରିବ । ସମସ୍ତ ସ୍ୱାସ୍ଥ୍ୟ ସମସ୍ୟାର ପ୍ରାଥମିକ ଚିକିତ୍ସା ନିମନ୍ତେ ପରାମର୍ଶ, ରୋଗ ନିରୂପଣ ଏବଂ ଔଷଧ ବିନା ମୂଲ୍ୟରେ ଉପଲବ୍ଧ ହେବ । ସାଧାରଣ ରୋଗ ଓ ସାମୟିକ ଅସୁସ୍ଥତାର ବହିର୍ବିଭାଗ ସେବା ମଧ୍ୟରେ ସାଧାରଣ ଜ୍ୱର, ଶ୍ୱାସନଳୀ ସଂକ୍ରମଣ, ଚର୍ମ ସଂକ୍ରମଣ ଓ ଆଣ୍ଠୁଗଣ୍ଠି ବ୍ୟଥା ଓ ସାଧାର ଚର୍ମ ସଂକ୍ରମଣର ଚିକିତ୍ସା ହୋଇପାରିବ । କେନ୍ଦ୍ରରେ ମେଡ଼ିକାଲ୍ ଅଫିସର, ଫାର୍ମାସିଷ୍ଟ, ଷ୍ଟାଫ୍ ନର୍ସ, ଲ୍ୟାବ୍ ଟେକ୍ନିସିଆନ୍, ଯୋଗ ପ୍ରଶିକ୍ଷକ, ସହଯୋଗୀ ଷ୍ଟାଫ୍, ଜଣେ ସଫେଇ କର୍ମଚାରୀ ଓ ସିକ୍ୟୁରିଟି ଗାର୍ଡ଼ ରହିବେ । ବାର ଅନୁଯାୟୀ ବିଶେଷଜ୍ଞ ଡାକ୍ତରମାନେ ଚିକିତ୍ସା ସେବା ଯୋଗାଇଦେବେ ବୋଲି କୁହାଯାଇଥିଲା । କିନ୍ତୁ ଉଦ୍‌ଘାଟନକୁ ଦୁଇ ବର୍ଷ ହେଲାଣି । କିନ୍ତୁ ସ୍ୱାସ୍ଥ୍ୟ କେନ୍ଦ୍ରରେ କର୍ମଚାରୀ ଏବଂ ଡାକ୍ତର ଅଭାବ ଦେଖିବାକୁ ମିଳିଛି । ଉଦ୍‌ଘାଟନର କିଛି ମାସ ପର୍ଯ୍ୟନ୍ତ ଜଣେ ଦୁଇ ଜଣ ଡାକ୍ତର ଆସୁଥିଲେ । କିନ୍ତୁ ଗତ କିଛି ମାସ ହେଲା ତାହା ମଧ୍ୟ ବନ୍ଦ ହୋଇଯାଇଛି । ଏବେ କେହି ଜଣେ ହେଲେ ଡାକ୍ତର ଏହି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁନାହାନ୍ତି । ଫଳରେ ଅଞ୍ଚଳବାସୀ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି । ଜଣେ ଫାର୍ମାସିଷ୍ଟଙ୍କ ଭରସାରେ ସ୍ୱାସ୍ଥ୍ୟ କେନ୍ଦ୍ର ଚାଲିଛି । ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ କ୍ଷୋଭ ଦେଖିବାକୁ ମିଳିଛି । ସେହିଭଳି ଅନ୍ୟାନ୍ୟ କର୍ମଚାରୀଙ୍କ ଅଭାବ ମଧ୍ୟ ଦେଖିବାକୁ ମିଳିଛି । ଏଣୁ ରୋଗୀ ସେବା ଏବଂ ପରୀକ୍ଷାରେ ଉତ୍କଟ ସମସ୍ୟା ସୃଷ୍ଟି ହେବାରେ ଲାଗିଛି । ଏ ସମ୍ପର୍କରେ ସ୍ଥାନୀୟ କର୍ପୋରେଟର ସୂର୍ଯ୍ୟକାନ୍ତ ସୁବୁଦ୍ଧି କହିଛନ୍ତି ଯେ, ଡାକ୍ତର ଅଭାବ ସମ୍ପର୍କରେ ମହାନଗର ନିଗମର ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । ଅନେକ ମାସ ହେଲା ଅଭିଯୋଗ କରିବା ପରେ ଶେଷରେ ଡାକ୍ତର ନେଇ ବିଜ୍ଞାପନ ପ୍ରକାଶ ପାଇଥିଲା । ଅଳ୍ପ ଦିନ ଭିତରେ ସାକ୍ଷାତକାର ସହିତ ଡାକ୍ତର ନିଯୁକ୍ତି ହେବ ବୋଲି ସେ କହିଛନ୍ତି ।

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୬ ଅଗଷ୍ଟ, ସୋମବାର, ୨୦୨୪
ପୃଷ୍ଠା – ୬

# ସୂର୍ଯ୍ୟକୁମାରଙ୍କଠାରୁ କ୍ରିକେଟ୍ ଟେକ୍‌ନିକ୍ ଶିଖୁଛନ୍ତି ମନୁ ଭାକର




**ନୂଆଦିଲ୍ଲୀ**

ପ୍ୟାରିସ୍ ଅଲିମ୍ପିକ୍ସ-୨୦୨୪ରେ ଦୁଇଟି ବ୍ରୋଞ୍ଜ ପଦକ ଜିତିଥିବା ଭାରତର ଯୁବ ସୁଟର ମନୁ ଭାକର ବର୍ତ୍ତମାନ କ୍ରିକେଟର ହେବାକୁ ମନ ବଳାଇଛନ୍ତି। ମନୁ ଅନେକ ଖେଳ ଖେଳିଛନ୍ତି ଏବଂ ବର୍ତ୍ତମାନ କ୍ରିକେଟରେ ଭାଗ୍ୟ ପରୀକ୍ଷା କରିବାକୁ ଚେଷ୍ଟା କରୁଛନ୍ତି। ଏଥିପାଇଁ ସେ ସୂର୍ଯ୍ୟକୁମାର ଯାଦବଙ୍କୁ ମଧ ଭେଟିଥିଲେ। ମନୁ ସୋସିଆଲ ମିଡିଆରେ ପୋଷ୍ଟ କରି ଭାରତର ଟି-୨୦ ଅଧିନାୟକଙ୍କୁ ଭେଟିବା ବିଷୟରେ ସୂଚନା ଦେଇଥିଲେ ଏବଂ କହିଥିଲେ ଯେ ସେ ମିଷ୍ଟର ୩୬୦ଡିଗ୍ରୀ ନାମରେ ଜଣାଶୁଣା। ଏହି ବ୍ୟାଟ୍ସମ୍ୟାନଙ୍କଠାରୁ ନୂତନ ଖେଳ ବିଷୟରେ ବୈଷୟିକ ଜ୍ଞାନ ନେଉଛନ୍ତି।

ମନୁ ବର୍ତ୍ତମାନ ତିନି ମାସର ବିରତିରେ ଅଛନ୍ତି। ପ୍ୟାରିସ୍ ଅଲିମ୍ପିକ୍ସରେ ଇତିହାସ ସୃଷ୍ଟି କରିବା ପରେ ସେ ଏହି ନିଷ୍ପତ୍ତି ନେଇଛନ୍ତି। ପ୍ୟାରିସ୍ ଅଲିମ୍ପିକ୍ସରେ ୧୦ମିଟର ଏୟାର ପିସ୍ତଲର ବ୍ୟକ୍ତିଗତ ତଥା ମିଶ୍ରିତ ଦଳ ଇଭେଣ୍ଟରେ ମନୁ ବ୍ରୋଞ୍ଜ ପଦକ ଜିତିଥିଲେ। ସମାନ ଅଲିମ୍ପିକ୍ସରେ ଦୁଇଟି ପଦକ ଜିତିଥିବା ସେ ହେଉଛନ୍ତି ପ୍ରଥମ ଭାରତୀୟ ଖେଳାଳି।

ବିରତି ସମୟକୁ ସେ ସମ୍ପୂର୍ଣ୍ଣ ଉପଯୋଗ କରୁଛନ୍ତି। ସେ ଭାରତୀୟ ଟି-୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାରଙ୍କୁ ଭେଟି ଇନଷ୍ଟାଗ୍ରାମରେ ଏହାର ଫଟୋ ପୋଷ୍ଟ କରିଛନ୍ତି। ଏହି ଫଟୋ ସହିତ ମନୁ ଲେଖିଛନ୍ତି, ଭାରତର ମିଷ୍ଟର ୩୬୦ଡିଗ୍ରୀଙ୍କୁ ଭେଟି ଏକ ନୂତନ ଖେଳର କୌଶଳ ଶିଖିଛନ୍ତି।

## ଟି-୨୦ କ୍ରିକେଟରେ ନୂଆ ରେକର୍ଡ

# ମହାରାଜ ଟ୍ରଫିରେ ଖେଳାଗଲା ୩ଟି ସୁପର ଓଭର

**ନୂଆଦିଲ୍ଲୀ**

ଟି-୨୦ କ୍ରିକେଟ ଇତିହାସରେ ଘଟିଛି ନୂଆ ଘଟଣା। ସୃଷ୍ଟି ହୋଇଛି ରେକର୍ଡ। ଗୋଟିଏ କିମ୍ବା ଦୁଇଟି ନୁହେଁ, ମ୍ୟାଚ୍ ରେଜଲ୍ଟ ପାଇଁ ଖେଳା ଯାଇଛି ୩ଟି ସୁପର ଓଭର। ୩ଟି ଯାକ ସୁପର ଓଭର ଖେଳା ଯିବା ପରେ ବାହାରିଛି ମ୍ୟାଚ୍ ଫଳାଫଳ। ଏମିତି ଏକ ଘଟଣା ଭାରତରେ ଚାଲିଥିବା ମହାରାଜ ଟ୍ରଫିରେ ଦେଖିବାକୁ ମିଳିଛି।




ବେଙ୍ଗାଲୁରୁ ବ୍ଲାଷ୍ଟର୍ସ ଓ ହୁବଲି ଟାଇଗର୍ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ରେକର୍ଡ ବୁକରେ ସବୁଦିନ ପାଇଁ ଲିପିବଦ୍ଧ ହୋଇଯାଇଛି। ପ୍ରଥମ ଥର ପାଇଁ ଟି-୨୦ କ୍ରିକେଟରେ ଖେଳା ଯାଇଛି ୩ଟି ସୁପର ଓଭର। ଦୁଇଟି ସୁପର ଓଭର ପରେ ମନୀଷ ପାଣ୍ଡେଙ୍କ ହୁବଲି ଟାଇଗର୍ସ ଶେଷରେ ତୃତୀୟ ସୁପର ଓଭରରେ ଜିତିବାକୁ ସକ୍ଷମ ହୋଇଛି। ମୟଙ୍କ ଅଗ୍ରୱାଲଙ୍କ ବେଙ୍ଗାଲୁରୁ ବ୍ଲାଷ୍ଟର୍ସକୁ ହାରିବାକୁ ପଡ଼ିଛି।

ମ୍ୟାଚ୍ କଥା ବିଚାରକୁ ନେଲେ ଟାଇଗର୍ସ ପ୍ରଥମେ ବ୍ୟାଟିଂ କରି ୧୬୪ ରନ କରିଥିଲା। ଦଳ ପକ୍ଷରୁ ମନୀଷ ପାଣ୍ଡେ ୩୩ ରନର ଇନିଂସ ଖେଳିଥିଲେ। ୧୬୫ ରନର ବିଜୟ ଲକ୍ଷ୍ୟକୁ ବ୍ଲାଷ୍ଟର୍ସ ଚେଜ୍ କରୁଥିବା ବେଳେ ମୟଙ୍କ ୫୪ ରନ କରିଥିଲେ। ହେଲେ ଦଳ ୨୦ ଓଭରରେ କେବଳ ୧୬୪ ରନ କରିପାରିଥିଲା।

ମ୍ୟାଚ୍ ଟାଇ ହେବାରୁ ପ୍ରଥମ ସୁପର ଓଭର ଖେଳାଯାଇଥିଲା। ବ୍ଲାଷ୍ଟର ୧୦ ରନ କରିଥିବା ବେଳେ ଟାଇଗର୍ସ ମଧ ସମାନ ୧୦ ରନ କରିଥିଲା। ଦ୍ୱିତୀୟ ସୁପର ଓଭରରେ ଟାଇଗର୍ସ ୯ ରନର ଟାର୍ଗେଟ ଦେଇଥିଲା। ବ୍ଲାଷ୍ଟର୍ସ ୮ ରନ କରିଥିଲା। ଏହା ପରେ ମ୍ୟାଚ୍‌ର ରେଜଲ୍ଟ ପାଇଁ ପ୍ରଥମଥର ପାଇଁ ଟି-୨୦ କ୍ରିକେଟରେ ଖେଳା ଯାଇଥିବା ତୃତୀୟ ସୁପର ଓଭର। ବ୍ଲାଷ୍ଟର୍ସ ମ୍ୟାଚ୍ ଜିତିବାକୁ ଟାଇଗର୍ସ ଆଗରେ ୧୩ ରନର ଟାର୍ଗେଟ ରଖିଥିଲା। ଶେଷ ବଲ୍‌ରେ ଚୌକା ମାରି ଟାଇଗର୍ସକୁ କ୍ରାନ୍ତି କୁମାର ବିଜୟ ଭେଟି ଦେଇଥିଲେ।

# ନେତାଜୀ କପ୍ ଆନ୍ତଃରାଜ୍ୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ : ଏସ୍‌ଏସ୍ ସାହା ଦଳ ଚାମ୍ପିଅନ୍



**ରାଇଘର, ନ୍ୟୁଜ୍‌ବ୍ୟୁରୋ**

ମହାରାଷ୍ଟ୍ରରେ ଅନୁଷ୍ଠିତ ନେତାଜୀ କପ୍ ଆନ୍ତଃରାଜ୍ୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ଏସ୍‌ଏସ୍ ସାହା ଟିମ୍ ଚାମ୍ପିଅନ ହୋଇଛି। ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୧୫ର ଆରମ୍ଭ ହୋଇ ୨୩ ପର୍ଯ୍ୟନ୍ତ ଚାଲିଥିଲା। ସାରା ଦେଶରୁ ମୋଟ୍ ୪୬ଟି ଟିମ୍ ଭାଗ ନେଇଥିଲେ। ଗୁଣ୍ଡାପାଲ୍ଲୀସ୍ଥିତ ସୁଭାଷ ଗ୍ରାଉଣ୍ଡରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଏସ୍‌ଏସ୍ ଦଳ ମହାରାଷ୍ଟ୍ରର ଚନ୍ଦ୍ରପୁର ଟିମ୍‌କୁ ୩-୦ ଗୋଲରେ ପରାଜିତ କରି ଓଡ଼ିଶା ପାଇଁ ଗୌରବ ଆଣିଛି। ଚାମ୍ପିଅନ ଟିମ୍‌କୁ ରାଇଘରଠାରେ ଭବ୍ୟ ସ୍ୱାଗତ ଜ୍ଞାପନ କରାଯାଇଛି। ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରା କରି ଦଳକୁ ପାଛୋଟି ନିଆଯାଇ ମୁଖ୍ୟ ବଜାର ପରିକ୍ରମା କରାଯାଇଥିଲା। ବାଜା ଓ ବାଣରେ ଅଞ୍ଚଳ କମ୍ପି ଉଠିଥିଲା। ଶତାଧିକ ଲୋକ ସାମିଲ ହୋଇଥିଲେ। ସ୍ଥାନୀୟ ଛତାବେଡ଼ା (ଡିଏ) ଗାଁର ସ୍ୱର୍ଗତ ଶ୍ୟାମ ସୁନ୍ଦର ସାହାଙ୍କ ନାମରେ ଏହି ଟିମ୍ ଫୁଟ୍‌ବଲ ଖେଳି ଆସୁଛି।

# ପାକିସ୍ତାନକୁ ନିଜ ମାଟିରେ ହରାଇ ଇତିହାସ ରଚିଲା ବାଂଲାଦେଶ

**ନୂଆଦିଲ୍ଲୀ**

ପାକିସ୍ତାନ ବିପକ୍ଷ ପ୍ରଥମ ଟେଷ୍ଟକୁ ନାଟକୀୟ ଢଙ୍ଗରେ ଜିତି ଇତିହାସ ରଚିଛି ବାଂଲାଦେଶ। ପାକିସ୍ତାନକୁ ଘରୋଇ ପରିବେଶରେ ଧୂଳି ଚଟାଇଛି ବାଂଲାଦେଶ। ଏହା ପାକିସ୍ତାନ ବିପକ୍ଷରେ ବାଂଲାଦେଶର ପ୍ରଥମ ଟେଷ୍ଟ ବିଜୟ। ଏହାପୂର୍ବରୁ ଦୁଇ ଦଳ ୧୫ ଥର ଟେଷ୍ଟ ମ୍ୟାଚ୍‌ରେ ମୁହାଁମୁହିଁ ହୋଇଥିବା ବେଳେ ସବୁ ଥର ପାକିସ୍ତାନ ଜିତୁଥିଲା କିମ୍ବା ମ୍ୟାଚ୍ ଡ୍ର' ହେଉଥିଲା।



ହେଲେ ରାୱଲପିଣ୍ଡିରେ ଖେଳାଯାଇଥିବା ଟେଷ୍ଟ ମ୍ୟାଚ୍‌ର ଶେଷ ଦିନରେ ବାଂଲାଦେଶ କମାଲ କରି ଦେଇଛି। ନାଟକୀୟ ଢଙ୍ଗରେ ଦଳ ପାକିସ୍ତାନକୁ ୧୦ ୱିକେଟରେ ହରାଇ ଟେଷ୍ଟ ସିରିଜ୍‌ରେ ୧-୦ରେ ଆଗୁଆ ହୋଇଯାଇଛି। ଶେଷ ଦିନରେ ପାକିସ୍ତାନ ୨୩/୧ରୁ ଖେଳ ଆରମ୍ଭ କରିଥିଲା। ଲାଗୁଥିଲା ମ୍ୟାଚ୍ ଡ୍ର' ରହିବ। କାରଣ ବାଂଲାଦେଶର ପ୍ରଥମ ଇନିଂସ ସ୍କୋର ଠାରୁ ପାକିସ୍ତାନ ୯୪ ରନ ପଛରେ ରହିଥିଲା। ହେଲେ ଶେଷ ଦିନରେ ବାଂଲାଦେଶର ସ୍ପିନ ଯୋଡ଼ି ମେହିଦୀ ହାସନ ମିରାଜ ଓ ଅଭିଜ୍ଞ ସାକିବ ଅଲ ହାସନ ନିଜର ଯାଦୁ ଦେଖାଇଥିଲେ। ମିରାଜ ୪ଟି ଓ ସାକିବ ୩ଟି ୱିକେଟ ନେବାରୁ ପାକିସ୍ତାନ ୧୪୬ ରନରେ ଅଲଆଉଟ ହୋଇଯାଇଥିଲା। ନାହିଦ ରାଣା, ଶୋରିଫୁଲ ଇସଲାମ ଓ ହାସନ ମହମ୍ମଦ ମଧ ଗୋଟିଏ ଲେଖାଏ ୱିକେଟ ନେଇଛନ୍ତି।

ଲଞ୍ଚ୍ ପରେ ବାଂଲାଦେଶକୁ ୩୦ ରନର ଟାର୍ଗେଟ ମିଳିଥିଲା। ବାଂଲାଦେଶର ଦୁଇ ଓପନର ଜାକିର ହାସନ ଓ ଶଦନାମ ଇସଲାମ ବିନା କୌଣସି ବିପର୍ଯ୍ୟୟ ଘଟାଇ ନିଜ ଦେଶକୁ ଐତିହାସିକ ବିଜୟ ଭେଟି ଦେଇଛନ୍ତି। ବାଂଲାଦେଶର ଅଧିନାୟକ ନଜମୁଲ ହୁସେନ ସାଣ୍ଟୋଙ୍କ ୨୬ତମ ଜନ୍ମ ଦିନରେ ବାଂଲାଦେଶର ପ୍ରଥମ କ୍ୟାପ୍ଟେନ ଭାବେ ପାକିସ୍ତାନକୁ କୌଣସି ଟେଷ୍ଟ ମ୍ୟାଚ୍‌ରେ ହରାଇବାର ରେକର୍ଡର ଅଧିକାରୀ ହୋଇଛନ୍ତି। ମ୍ୟାଚ୍ କଥା ବିଚାରକୁ ନେଲେ ପ୍ରଥମ ଇନିଂସରେ ପାକିସ୍ତାନର ଦବ୍‌ଦବା ଦେଖାଇଥିଲା। ମହମ୍ମଦ ରିଜୱାନଙ୍କ ଅପରାଜିତ ୧୭୧ ଓ ସୌଦ ସକୀଲଙ୍କ ୧୪୧ ରନ ବଳରେ ପାକିସ୍ତାନ ୬ ୱିକେଟ ହରାଇ ୪୪୮ ରନ କରିବା ପରେ ପାଳି ଘୋଷଣା କରିଥିଲା। ଏହାର ଦୃଢ଼ ଜବାବ ବାଂଲାଦେଶ ଦେଇଥିଲା।

ଶଦମାନ ଇସଲାମଙ୍କ ୯୩, ମୌମିନୁଲଙ୍କ ୫୦, ମୁସ୍ତଫିକର ରହିମଙ୍କ ୧୯୧, ଲିଟନ ଦାସଙ୍କ ୫୬ ଓ ମେହିଦ ହାସନ ମିରାଜଙ୍କ ୭୭ ରନ ବଳରେ ବାଂଲାଦେଶ ପ୍ରଥମ ଇନିଂସରେ ୫୬୫ ରନ କରି ଅଲଆଉଟ ହୋଇଯାଇଥିଲା।।

ବାଂଲାଦେଶକୁ ଗୁରୁତ୍ୱପୂର୍ଣ୍ଣ ୧୧୭ ରନ ଲିଡ ମିଳି ଯାଇଥିଲା। ପାକିସ୍ତାନ ୪ର୍ଥ ଦିନରେ ବେଶ କିଛି ସମୟ ବ୍ୟାଟିଂ କରିବା ସହ ଗୋଟିଏ ୱିକେଟ ହରାଇ ୨୩ ରନ କରି ନେଇଥିଲା। ଦଳ ୯୪ ରନ ପଛରେ ଥିବା ବେଳେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ବାଂଲାଦେଶ ସ୍ପିନର ଜବାବ ପାକିସ୍ତାନ ବ୍ୟାଟର ଦେଇ ପାରି ନଥିଲେ। ଶେଷରେ ପୂରା ଟିମ୍ ୧୪୬ ରନରେ ଅଲଆଉଟ୍ ହୋଇଯିବାରୁ ବାଂଲାଦେଶକୁ ଐତିହାସିକ ବିଜୟ ପାଇଁ ମାତ୍ର ୩୦ ରନର ଟାର୍ଗେଟ ମିଳିଥିଲା। ଏହାକୁ ଦଳ ବିନା କୌଣସି ୱିକେଟ ହରାଇ ହାସଲ କରିନେଇଛି।

## ପିସି ବେହେରା ଆନ୍ତଃ ଜିଲ୍ଲା ସିନିୟର ମହିଳା ଫୁଟ୍‌ବଲ ପ୍ରତିଯୋଗିତା

# ଦେବଗଡ଼କୁ ୪/୧ ଗୋଲ୍‌ରେ ହରାଇଲା ଜଗତସିଂପୁର

**ସୋହେଲା, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ଜିଲ୍ଲା ସୋହେଲା ମିନି ଷ୍ଟାଡ଼ିୟମରେ ଚାଲିଥିବା ପି.ସି. ବେହେରା ଆନ୍ତଃ ଜିଲ୍ଲା ସିନିୟର୍ ମହିଳା ଫୁଟ୍‌ବଲ ପ୍ରତିଯୋଗିତାରେ ଦେବଗଡ଼ ଜିଲ୍ଲା ଦଳକୁ ଜଗତସିଂପୁର ୪/୧ ଗୋଲରେ ପରାସ୍ତ କରିଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଜଗତସିଂପୁର ଦଳ ୩ ଗୋଟି ଗୋଲ ସ୍କୋର କରିଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଆହୁରି ଗୋଟିଏ ଗୋଲ ସ୍କୋର କରିଥିଲେ। ସେହିପରି ଦ୍ୱିତୀୟାର୍ଦ୍ଧରେ ଦେବଗଡ଼ ଦଳ ଗୋଟିଏ ଗୋଲ ଦେଇ ପରିଶୋଧ କରିଥିଲେ। ଜଗତସିଂପୁର ପକ୍ଷରୁ ସାନ୍‌ଭି ମୁର୍ମୁ, ସୋନାଲି ଶବର, ଅଞ୍ଜଳି ମୁଣ୍ଡା ଓ ସୀମାରାଣୀ ଦେହୁରୀ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଦେବଗଡ଼ ପକ୍ଷରୁ ପୁନମ ଓରାମ ଏକ ମାତ୍ର ଗୋଲ ଦେଇ ଥିଲେ। ଏହି ମ୍ୟାଚ୍‌କୁ ଶୀତଲ ଗୁରୁଙ୍ଗ, ବିନାପାଣି ବିରୁଆ ଓ ବବଲି ଗଡ଼ନାଏକ ପରିଚାଳନା କରିଥିବା ବେଳେ ଅଜୟ ପ୍ରଧାନ ଚତୁର୍ଥ ରେଫରି ଥିଲେ। ଶିବ ଶଙ୍କର ପଣ୍ଡା ମ୍ୟାଚ୍ କମିଶନର ଥିଲେ। ମ୍ୟାଚ୍ ପ୍ରାରମ୍ଭରେ ଡାକ୍ତର ରଂଜନ କୁମାର ମହାପାତ୍ର ମୁଖ୍ୟ ଅତିଥି ଏବଂ ଡାକ୍ତର ଶିଶିର କୁମାର ସାହୁ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଖେଳାଳିମାନଙ୍କ ସହ କରମର୍ଦ୍ଦନ କରି ଉତ୍ସାହିତ କରିଥିଲେ।

# ପୁଣି ଆଇପିଏଲକୁ ଫେରିବେ ଯୁବରାଜ !




**ନୂଆଦିଲ୍ଲୀ**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ)ରେ ପୁଣି ଥରେ ପ୍ରବେଶ କରିବାକୁ ଯାଉଛନ୍ତି ଭାରତୀୟ ଟିମ୍‌ର ପୂର୍ବତନ କ୍ରିକେଟର ଯୁବରାଜ ସିଂହ। ଟିମ୍ ଇଣ୍ଡିଆର ପୂର୍ବତନ ଅଲରାଉଣ୍ଡର ଯୁବରାଜଙ୍କର ୨୦୦୭ ଟି-୨୦ ବିଶ୍ୱକପ୍ ଏବଂ ୨୦୧୧ ଦିନିକିଆ ବିଶ୍ୱକପ୍‌ରେ ଭାରତର ବିଜୟ ପଛରେ ପ୍ରମୁଖ ଭୂମିକା ରହିଥିଲା। ବର୍ତ୍ତମାନ ସେ ପୁନର୍ବାର ଆଇପିଏଲକୁ ଫେରିବା ସମ୍ଭାବନା ସୃଷ୍ଟି ହୋଇଛି। କିନ୍ତୁ ଏଥର ସେ ବ୍ୟାଟ୍ସମ୍ୟାନ ରୂପେ ନୁହେଁ, ବରଂ ଜଣେ କୋଚ୍ (ପ୍ରଶିକ୍ଷକ) ଭାବେ ପଡ଼ିଆକୁ ଓହ୍ଲାଇବେ। ୨୦୨୫ ଆଇପିଏଲରେ ସେ ଦିଲ୍ଲୀ କ୍ୟାପିଟାଲ୍ସର କୋଚ୍ ଭୂମିକାରେ ଅବତୀର୍ଣ୍ଣ ହୋଇପାରନ୍ତି।

ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଦିଲ୍ଲୀ କ୍ୟାପିଟାଲ୍ସ ଯୁବରାଜଙ୍କ ସହିତ ଆଲୋଚନା ଆରମ୍ଭ କରିଛି। ଗତ ମାସରେ ଦଳ ଏହାର କୋଚ୍ ରିକି ପଣ୍ଟିଂଙ୍କ ସହିତ ସମସ୍ତ ସମ୍ପର୍କ ଛିନ୍ନ କରିଛି। ଏବେ ଦିଲ୍ଲୀ ପାଇଁ କୋଚ୍ ଆବଶ୍ୟକ ଥିବାବେଳେ ଦଳ ଯୁବରାଜଙ୍କ ସହିତ କଥାବାର୍ତ୍ତା ଚଳାଇଛି। ପୂର୍ବରୁ ପଣ୍ଟିଂ ମଧ ସଙ୍କେତ ଦେଇ କହିଥିଲେ ଯେ, ଦିଲ୍ଲୀ କ୍ୟାପିଟାଲ୍ସ ଜଣେ ଭାରତୀୟଙ୍କୁ ମୁଖ୍ୟ କୋଚ୍ କରିବାକୁ ଚାହୁଁଛି। ତେଣୁ ବର୍ତ୍ତମାନ ଯୁବରାଜଙ୍କୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଛି।

ଯୁବରାଜ ୩୦୪ଟି ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଖେଳି ୮୭୦୧ ରନ୍ ସଂଗ୍ରହ କରିଛନ୍ତି। ଏହା ମଧ୍ୟରେ ୧୪ଟି ଶତକ ଏବଂ ୫୨ଟି ଅର୍ଦ୍ଧଶତକୀୟ ଇନିଂସ ରହିଛି। ସେହିପରି ସେ ୪୦ଟି ଟେଷ୍ଟ ମ୍ୟାଚ୍‌ରୁ ୧୯୦୦ ରନ୍ ସଂଗ୍ରହ କରିଥିବା ବେଳେ ୩ଟି ଶତକ ଏବଂ ୧୧ ଅର୍ଦ୍ଧଶତକ ସାମିଲ ଅଛି। ଟି-୨୦ରେ ସେ ୫୮ ମ୍ୟାଚ ଖେଳିଛନ୍ତି, ଯେଉଁଥିରେ ସେ ୧୧୭୭ ରନ୍ ସଂଗ୍ରହ କରିଛନ୍ତି। ଏହାବ୍ୟତୀତ ଅନ୍ତର୍ଜାତୀୟ କ୍ରିକେଟରେ ତାଙ୍କ ନାମରେ ୧୪୮ ଉଇକେଟ୍ ରହିଛି। ଆଇପିଏଲରେ ଯୁବରାଜ ୧୩୨ ମ୍ୟାଚ ଖେଳି ୨୭୫୦ ରନ୍ ସହିତ ୩୬ଟି ଉଇକେଟ ଅକ୍ତିଆର କରିଛନ୍ତି। ସେ ଆଇପିଏଲରେ ମୁମ୍ବାଇ ଇଣ୍ଡିଆନ୍ସ, ପୁଣେ ୱାରିୟର୍ସ, ପଞ୍ଜାବ କିଙ୍ଗ୍‌ସ, ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ, ସନରାଇଜର୍ସ ହାଇଦ୍ରାବାଦ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ଟିମ୍ ତରଫରୁ ଖେଳିଛନ୍ତି।

# ଟ୍ରଲର୍ ପଛରେ ପିଟିହେଲା କାର୍ : ୨ ଗୁରୁତର

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥର ଶଙ୍କରିଡିହ ନିକଟରେ ଭୋର ସମୟରେ ଏକ ଦୁର୍ଘଟଣାରେ ଦୁଇଜଣ ଗୁରୁତର ଭାବେ ଆହତ କଟକ ବଡ଼ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁସାରେ ଭୁବନେଶ୍ୱରରୁ ଏକ କାର୍ ଭଦ୍ରକ ଅଭିମୁଖେ ଯାଉଥିବା ବେଳେ ରାସ୍ତାକଡ଼ରେ ପୂର୍ବରୁ ଛିଡ଼ା ହୋଇଥିବା ଏକ ଟ୍ରଲର ପଛପଟରେ କାର୍‌ଟି ଧକ୍କା ଦେଇଥିଲା। ଫଳରେ କାର୍ ଡ୍ରାଇଭର ଓ ଆରୋହୀ ଜଣଙ୍କ ଟ୍ରଲର ତଳେ ଚାପିହୋଇ ରହିଥିଲେ। କାର୍‌ଟି ଭାଙ୍ଗି ଚୁରମାର ହୋଇଯାଇଛି। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ସାହାଯ୍ୟରେ ସେମାନଙ୍କୁ ଧର୍ମଶାଳା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ପରେ ସେମାନଙ୍କୁ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।

# କ୍ରିକେଟ୍ ପରେ ଏବେ ବ୍ୟାଡ୍‌ମିଣ୍ଟନ କୋର୍ଟରେ ଧୋନି

**କୋଲକାତା**

ଭାରତୀୟ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନି ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥାଇ ପାରନ୍ତି, କିନ୍ତୁ ଖେଳ ପ୍ରତି ତାଙ୍କର ଭଲପାଇବା ହ୍ରାସ ପାଇ ନାହିଁ। ଧୋନି କେବଳ କ୍ରିକେଟ୍ ଖେଳିବାକୁ ପସନ୍ଦ କରନ୍ତି ନାହିଁ, ସେ ଅନ୍ୟ କ୍ରୀଡା ପ୍ରତି ମଧ ରୁଚି ରଖିଥାନ୍ତି। ଧୋନି ତାଙ୍କ ଘର ଝାଡଖଣ୍ଡରେ ଟେନିସ୍ ଖେଳୁଥିବା ଦେଖିବାକୁ ମିଳିଥିଲା ଏବଂ ଆମେରିକାରେ ତାଙ୍କ ସାଙ୍ଗମାନଙ୍କ ସହିତ ଗଲ୍ଫ ମଧ ଖେଳୁଥିଲେ। ତେବେ ବର୍ତ୍ତମାନ ଧୋନି ବ୍ୟାଡ୍‌ମିଣ୍ଟନରେ ମଧ ତାଙ୍କର ଦକ୍ଷତା ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଛି। ଧୋନି ପୁଣି ଥରେ ଦର୍ଶାଇଛନ୍ତି ଯେ ସେ ଜଣେ ଖେଳାଳି ଭାବରେ ଫିଟ୍ ଅଛନ୍ତି ଏବଂ ତାଙ୍କ ଭିତରେ ଅନେକ କ୍ରିକେଟ୍ ପୁଣି ବାକି ଅଛି। ସୋସିଆଲ ମିଡିଆରେ ଏକ ଭିଡ଼ିଓ ଭାଇରାଲ ହେବାରେ ଲାଗିଛି ଯେଉଁଥିରେ ଧୋନି ବ୍ୟାଡମିଣ୍ଟନ କୋର୍ଟରେ ନଜର ଆସିଛନ୍ତି।

# ସରକାରୀ ସହାୟତାରୁ ବଞ୍ଚିତ ଭିନ୍ନକ୍ଷମ ନାବାଳକ



**ରାଇଘର, ନ୍ୟୁଜ୍‌ବ୍ୟୁରୋ**

ରାଇଘର ସଦର ମହକୁମା ଡିଏନକେ ସାହିରେ ଜଣେ ୧୦ ବର୍ଷର ଭିନ୍ନକ୍ଷମ ନାବାଳକଙ୍କୁ ମିଳୁନି କୌଣସି ସରକାରୀ ସହାୟତା। ସୂଚନାନୁଯାୟୀ ରାଇଘର ଡିଏନକେ ସାହିର ଗଣେଶ ଦାସପନକାଙ୍କ ପୁଅ ତୁଳସୀଦାସ ପନକା ଯିଏକି ୯୦% ଭିନ୍ନକ୍ଷମ ନିଜ ବାପା ମା'ଙ୍କ ସହ ରୁହନ୍ତି। ବାପା ଗଣେଶ ଦାସ ପନକା ଯିଏକି ବହୁତ ଗରିବ ମିସ୍ତ୍ରୀ କାମ କରନ୍ତି। ଭିନ୍ନକ୍ଷମ ପ୍ରମାଣ ପତ୍ର ଥାଇ ମଧ ମିଳୁନି ସରକାରୀ ଚାଉଳ, ଭିନ୍ନକ୍ଷମ ପେନସନ ନାବାଳକଙ୍କୁ। ବାରମ୍ବାର ଅନଲାଇନରେ ଆବେଦନ କରିବା ସତ୍ତ୍ୱେ ମିଳିପାରିନି ସରକାରୀ ସହାୟତା। ରାଇଘର ସରପଞ୍ଚ କିମ୍ବା ସ୍ଥାନୀୟ ଅଧିକାରୀଙ୍କ ନଜରରେ ପଡିନି ଏହି ଭିନ୍ନକ୍ଷମ ଦୁଃଖ, ଯଥାଶୀଘ୍ର ପ୍ରଶାସନ ଏହି ଭିନ୍ନକ୍ଷମ ନାବାଳକ ପ୍ରତି ଦୃଷ୍ଟି ଦେଇ ସମସ୍ତ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ପରିବାର ଲୋକେ ନିବେଦନ କରିଛନ୍ତି।

# ଆରମ୍ଭ ହେଲା ରାଜ୍ୟ ଫିଜିଓଥେରାପିଷ୍ଟ ବ୍ୟାଡ୍‌ମିଣ୍ଟନ ଲିଗ୍

**ଭୁବନେଶ୍ୱର**

ସ୍ୱାସ୍ଥ୍ୟ ହିଁ ସମ୍ପଦ, ଆଉ କ୍ରୀଡା ଦ୍ୱାରା ହିଁ ସ୍ୱାସ୍ଥ୍ୟ ଠିକ୍ ରହେ। କିଛି ଏଭଳି ବାର୍ତ୍ତା ନେଇ ଭୁବନେଶ୍ୱରରେ ଆରମ୍ଭ ହୋଇଛି ରାଜ୍ୟ ଫିଜିଓଥେରାପିଷ୍ଟ ବ୍ୟାଡମିଣ୍ଟନ ଲିଗ୍। ଭୁବନେଶ୍ୱରର ପାୱାର ସଟଲର ବ୍ୟାଡ୍‌ମିଣ୍ଟନ ଏକାଡେମୀଠାରେ ଏହି କ୍ରୀଡା ପ୍ରତିଯୋଗିତା ଆରମ୍ଭ ହୋଇଥିବାବେଳେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଆସନ୍ତା ସେପ୍ଟେମ୍ବର ୮ ତାରିଖରେ ବିଶ୍ୱ ଫିଜିଓଥେରାପି ଦିବସ ଭାବେ ପାଳନ ହେବାକୁ ଥିବାବେଳେ ଏହାକୁ ଦୃଷ୍ଟିରେ ରଖି ଫିଜିଓଥେରାପିଷ୍ଟ ବ୍ୟାଡମିଣ୍ଟନ ଲିଗ୍ ଆରମ୍ଭ ହୋଇଛି। ଏହି କ୍ରୀଡା ପ୍ରତିଯୋଗିତାରେ ଶତାଧିକ ଫିଜିଓଥେରାପିଷ୍ଟ ଯୋଗ ଦେଇଥିଲେ।



ଏହି ଅବସରରେ ମେୟର ସୁଲୋଚନା ଦାସ କହିଥିଲେ ଯେ ଆମର ସ୍ୱାସ୍ଥ୍ୟ କ୍ଷେତ୍ରରେ ଫିଜିଓଥେରାପିର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆଉ ଏହାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଥିବା ଫିଜିଓଥେରାପିଷ୍ଟମାନେ ଆବାଳବୃଦ୍ଧବନିତାଙ୍କ ସେବାରେ ନିଜକୁ ନିୟୋଜିତ କରିଥାନ୍ତି। ତେଣୁ ସେହି ଫିଜିଓଥେରାପିଷ୍ଟମାନେ ଫିଟ୍ ରହିଲେ ହିଁ ଅନ୍ୟକୁ ଫିଟ୍ କରିପାରିବେ। ଆଉ ଫିଟ ରହିବା ପାଇଁ ବ୍ୟାଡ୍‌ମିଣ୍ଟନର ବଡ ଭୂମିକା ରହିଛି। ଏହି ବ୍ୟାଡମିଣ୍ଟନ ଲିଗ୍‌କୁ ଡ.ଦୀପକ ସାମନ୍ତରାୟ, ଡ଼.ବିଶ୍ୱଜିତ ସାହୁ, ଡ଼.ସୌମେନ୍ଦ୍ର କୁମାର ପଣ୍ଡା, ଡ଼.ବିଭୁତି ଭୂଷଣ ଜେନା, ଡ.ଚିନ୍ମୟ କୁମାର ପାତ୍ର, ଡ଼.ସାଗର ଦୀକ୍ଷିତ୍ର , ଡ଼.ପି ବାଲା କିଶୋର, ଡ.ତାପସ ମିତ ପ୍ରମୁଖ ଆୟୋଜନ କରିଥିଲେ।

# ରାଜ୍ୟ ସ୍ତରୀୟ ପୁରୁଷ ଓ ମହିଳା କବାଡ଼ି ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ




**ବୁଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ପିପୁଲ୍ସ ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ଶ୍ରୀକର ଭଞ୍ଜ କ୍ରୀଡ଼ା ଓ ସାଂସ୍କୃତିକ ପରିଷଦ ପକ୍ଷରୁ ତୃତୀୟ ଥର ପାଇଁ ଆୟୋଜିତ ରାଜ୍ୟ ସ୍ତରୀୟ ପୁରୁଷ ଓ ମହିଳା କବାଡି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ପରିଷଦର ସଭାପତି ଡଃ. ସୁବାସ ଚନ୍ଦ୍ର ପରିଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ଉକ୍ତ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲା ବେଳେ ଏଥିରେ ମୁଖ୍ୟ ବକ୍ତା ଭାବେ କେ.ପ୍ରିୟଦର୍ଶିନୀ ଆଚାରୀ, ସମ୍ମାନିତ ଅତିଥି ଭାବେ ବୁଗୁଡା ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ବ୍ଲକ୍ ଉପାଧ୍ୟକ୍ଷ ମାନସ ରଞ୍ଜନ ପ୍ରଧାନ , ଯୁବ ସାମାଜିକ କର୍ମୀ ଜଗନ୍ନାଥ ବଡେଇ ପ୍ରମୁଖ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ନିୟମାନୁସାରେ ଶାନ୍ତି ଶୃଙ୍ଖଳାର ସହ ଉତ୍ତମ କ୍ରୀଡା ପ୍ରଦର୍ଶନର ଆଶାବ୍ୟକ୍ତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ପୁରୁଷ ବର୍ଗରେ ୧୬ଟି ଦଳ ଓ ମହିଳା ବର୍ଗରେ ୭ଟି ଦଳ ଅଂଶ ଗ୍ରହଣ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ଟି ପୁରୁଷ ବର୍ଗର ହିଞ୍ଜିଳିକାଟୁ ଓ ବାଲିପଦର ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରେଫେରି ଏମ୍. ଶ୍ରୀନିବାସ ଦୋରା, ଅଂଶୁମାନ ବିଷୋୟୀ, ଭଞ୍ଜ କିଶୋର ଗୌଡ଼ ଓ ହରିହର ବିଶ୍ୱାଳ ମ୍ୟାଚ୍‌ଗୁଡିକୁ ପରିଚାଳନା କରିଥିବା ବେଳେ ରାମେଶ୍ୱର କହଁର ଓ ଲିପୁନା ପ୍ରଧାନ ସ୍କୋରର ଭାବେ ଏବଂ ତନିଷ୍କା ମନସ୍ୱିନୀ ସାହୁ ଓ ଉର୍ମିଳା ସାହୁ ଲାଇନ୍ସ ମ୍ୟାନ୍ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। କ୍ରୀଡ଼ା ଶିକ୍ଷକ କ୍ରିଷ୍ଣାରାଓ ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଦ୍ୱିଦିବସୀୟ ଟୁର୍ଣ୍ଣାମେଣ୍ଟକୁ ପରିଷଦ ସମ୍ପାଦକ ଅନିଲ କୁମାର ପଟ୍ଟନାୟକ ପରିଚାଳନା କରୁଥିବା ବେଳେ ଏଥିରେ ସହସମ୍ପାଦକ ଶୁଭ୍ରାଂଶୁ ଶେଖର ପଟ୍ଟନାୟକଙ୍କ ସମେତ ପ୍ରକାଶ ମହାରଥା, ଜଗନ୍ନାଥ ମହାନ୍ତି, ଅଲେଖ ସେଠୀ ଓ ଦିପକ ସାହୁ ପ୍ରମୁଖ ସକ୍ରିୟ ସହଯୋଗ ଦେଖିବାକୁ ମିଳିଥିଲା। ଏହି ଟୁର୍ଣ୍ଣାମେଣ୍ଟର ମ୍ୟାଚଗୁଡିକୁ ବହୁ ଦର୍ଶକ ମନଭରି ଉପଭୋଗ କରିଥିଲେ।

# ଦୁର୍ଘଟଣାରେ ତହସିଲ କର୍ମଚାରୀ ଗୁରୁତର

**ବୁଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**


ବୁଗୁଡ଼ା ସହର ମୁଖ୍ୟ ସଡ଼କରେ କାର୍ ଓ ବାଇକ୍ ମଧ୍ୟରେ ଧକ୍କା ହେବା ଫଳରେ ବାଇକ୍ ଚାଳକ ଜଣକ ଗୁରୁତର ଅବସ୍ଥାରେ ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି। ଗୁରୁତର ଜଣକ ହେଲେ ସ୍ଥାନୀୟ ତହସିଲ କାର୍ଯ୍ୟାଳୟର କର୍ମଚାରୀ ସୋମନାଥ ସାହୁ (୫୫)। ପ୍ରକାଶ ଯେ, ଶନିବାର ସକାଳେ ସୋମନାଥ ବାଇକ୍ ଯୋଗେ ତାଙ୍କର ଷୋଳମଇଲି ସ୍ଥିତ କ୍ୱାଟରରୁ ବୁଗୁଡ଼ା ବଜାରକୁ ବାଇକ୍ ଯୋଗେ ମୁଖ୍ୟ ସଡକରେ ଆସୁଥିବା ବେଳେ ଶକ୍ତିନଗରଠାରେ ଏକ କାର୍ ସହ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ କାର୍‌ଟି ସେଠାରୁ ଚାଲି ଯାଇଥିବା ବେଳେ ସୋମନାଥ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତାରେ ପଡ଼ିରହିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ସେଠାରୁ ଉଦ୍ଧାର କରି ମେଡିକାଲକୁ ଆଣିଥିଲେ। ଦୁର୍ଘଟଣାରେ ତାଙ୍କର ମୁହଁ ଓ ମୁଣ୍ଡରେ ଆଘାତ ଲାଗିଥିଲା ଏବଂ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା।

## ଆଇନ ମନ୍ତ୍ରୀଙ୍କୁ ବିଧାୟକଙ୍କ ଅନୁରୋଧ

# ହଜାରେ ବର୍ଷର ପୁରୁଣା ଶ୍ରୀଶ୍ରୀବିନୋଦ ବିହାରୀ ମନ୍ଦିରର ସୁରକ୍ଷା କରାଯାଉ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡ଼ିଛି। ଗତ ୧୯ ତାରିଖ କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ୧୮ନଂ ୱାର୍ଡର କାକଟ ମୌଜାରେ ପ୍ରାୟ ୧ ହଜାର ବର୍ଷ ପୁରୁଣା ଶ୍ରୀ ଶ୍ରୀ ବିନୋଦ ବିହାରୀ ମନ୍ଦିର ରେ ବଜ୍ରଘାତ ରେ ଆକସ୍ମିକ ଭାବେ ୨ଟି ସ୍ଥାନରେ କ୍ଷତିଗ୍ରସ୍ତ ହେବା ସହ ଛାତରୁ ପଥର ଖଣ୍ଡମାନ ଖସିଥିବା ଜଣାପଡ଼ିଛି। ଏହି ମନ୍ଦିର କେବଳ କେନ୍ଦ୍ରାପଡ଼ା ଜିଲ୍ଲା ନୁହେଁ ସାରା ଓଡ଼ିଶାର ପ୍ରାଚୀନ ମନ୍ଦିରମାନଙ୍କ ମଧ୍ୟରେ ଅନ୍ୟତମ। ଏହା ୧୨୭୬ ସାଲ ଶ୍ରୀରାମ ଗୋବିନ୍ଦ ଦେବଙ୍କ ରାଜୁତି କାଳରେ ଗୋପାଳ ଦାସ ବାବାଜୀଙ୍କ ଦ୍ୱାରା ଆରମ୍ଭ ହୋଇ ୧୩୧୫ ସାଲ ଜ୍ୟେଷ୍ଠ ମାସ ୨୩ ଗୁରୁବାରରେ ଶ୍ରୀ ଲକ୍ଷ୍ମୀ ନାରାୟଣ ଜଗଦେବଙ୍କ ରାଜୁତି କାଳରେ ଗୋପାଳ ଦାସ ବାବାଜୀଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇ ଥିବାର ପ୍ରମାଣ ଖୋଦିତ ଶିଳାଲେଖାରୁ ଜଣାପଡୁଛି।



ଏହି ପ୍ରାଚୀନ ମନ୍ଦିରରୁ ପଥର ଖସିବା ଘଟଣା ସମଗ୍ର ଜିଲ୍ଲାରେ ଚର୍ଚ୍ଚାର ବିଷୟ ହେବା ସହ ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ଚିନ୍ତାର ବିଷୟ ହୋଇଛି। କେନ୍ଦ୍ରାପଡା ବିଧାୟକ ଭାବେ ମୁଁ ଆପଣଙ୍କୁ ଅନୁରୋଧ କରୁଛି ଯେ, ଆପଣ ଏହାର ରକ୍ଷଣା ବେକ୍ଷଣ ପାଇଁ ତୁରନ୍ତ ପଦକ୍ଷେପ ନେବାର ବ୍ୟବସ୍ଥା କରିବେ ବୋଲି ବିଧାୟକ ଶ୍ରୀ ବେହେରା କହିଛନ୍ତି।


**OFFICE OF THE NOTIFIED AREA COUNCIL, ODAGAON** C-482

At/Po - Odagaon, Dist.- Nayagarh, Pin-752081
Phone: 06753-260062 Email: nacodagaon@gmail.com
Letter No. 1206 Date-23.08.2024

**CORRIGENCUM-1**

In partial modification to this ofice **tender call Notice No.1166 dt.20.08.2024, the following modification are made.**

| Si No | As per DTCN | Modified as |
|---|---|---|
| Si No.07 of **TECHNICAL REQUIREMENTS FOR THE TENDERING SERVICE PROVIDER at page No.09 of DTCN** | Solvency Certificate not less than One Crores from the Revenue Department Govt of Odisha should be in the name of owner or organization. | Solvency Certificate not less than One Crores from the Revenue & Disaster Management Department Govt of Odisha should be in the name of owner or organization. |

All other term and conditions remain unchanged

**Sd/- Executive Officer**
**NAC, Odagaon**

OIPR-13142/11/0004/2425





# ଲକ୍ଷପତି ଦିଦି ମହିଳା ସଶକ୍ତିକରଣ କ୍ଷେତ୍ରରେ କ୍ରାନ୍ତି ଆଣିବାରେ ସହାୟକ ହେବ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଲକ୍ଷପତି ଦିଦି ମହିଳା ସଶକ୍ତିକରଣ କ୍ଷେତ୍ରରେ କ୍ରାନ୍ତି ଆଣିବାରେ ସହାୟକ ହେବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସଶକ୍ତ ନାରୀ, ସମୃଦ୍ଧ ଭାରତ । ଦେଶରେ



ମାତୃଶକ୍ତିଙ୍କ ସାମଗ୍ରିକ ବିକାଶକୁ ପ୍ରାଧାନ୍ୟ ଦେଉଛନ୍ତି କେନ୍ଦ୍ର ସରକାର । ରବିବାର 'ଲକ୍ଷପତି ସମ୍ମିଳନୀ'ରେ ଯୋଗଦାନ କରି ୧୧ ଲକ୍ଷ ନୂଆ ଲକ୍ଷପତି ଦିଦିଙ୍କୁ ପ୍ରମାଣପତ୍ର ପ୍ରଦାନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ଏଥିସହ ମୋଟ ୨୫ ଶହ କୋଟି ଟଙ୍କାର ଅର୍ଥରାଶି ମଧ୍ୟ ମଞ୍ଜୁର କରିଛନ୍ତି କେନ୍ଦ୍ର ସରକାର, ଯଦ୍ୱାରା ଦେଶର ମୋଟ ୪୮ ଲକ୍ଷ ମାତୃଶକ୍ତି ଉପକୃତ ହେବେ । ମୋଟ ୨୬ ଲକ୍ଷ ସ୍ୱୟଂ ସହାୟକ ସଦସ୍ୟାଙ୍କୁ ୫ ହଜାର କୋଟିର ଋଣ ସହାୟତା ମଧ୍ୟ ପ୍ରଦାନ କରାଯାଇଛି । ଏହି ଯୁଗାନ୍ତକାରୀ ପଦକ୍ଷେପ ଦେଶରେ ମହିଳା ସଶକ୍ତିକରଣ କ୍ଷେତ୍ରରେ କ୍ରାନ୍ତି ଆଣିବାରେ ନିଶ୍ଚୟ ସହାୟକ ହେବ ।

# ଆଶୀଷ ସିଂହ ଓ କୁଟେ ହିଁ ନୁହନ୍ତି, ନିର୍ବାଚନ ବେଳେ ବିଜେଡିର ପ୍ରଚାରକ ସାଜିଥିବା ସମସ୍ତ ଅଫିସରଙ୍କ ବିରୁଦ୍ଧରେ ହେବ କାର୍ଯ୍ୟାନୁଷ୍ଠାନ : ଅଶୋକ ମହାନ୍ତି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କେବଳ ଆଶିଷ ସିଂ ଓ ଡ଼ିଏସ୍ କୁଟେ ନୁହଁନ୍ତି ସରକାର ନିଷ୍ପତ୍ତି ନେଇଛନ୍ତି ଅନ୍ୟ ଯେଉଁ ଅଫିସର ମାନେ ନିର୍ବାଚନ ବେଳେ ବିଜେଡି ପ୍ରଚାରକ ସାଜିଥିଲେ ସେମାନଙ୍କ କ୍ଷେତ୍ରରେ ମଧ୍ୟ ତଦନ୍ତ ଚାଲିଛି । ତଥ୍ୟ ସଂଗ୍ରହ ଚାଲିଛି ଖୁବଶୀଘ୍ର ସେମାନଙ୍କ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ । ଏହା କହିଛନ୍ତି ବିଜେପି ବିଧାୟକ ଅଶୋକ ମହାନ୍ତି । ଶ୍ରୀ ମହାନ୍ତି ସାମ୍ବାଦିକ ମାନଙ୍କ ସହ କଥାବାର୍ତ୍ତା ବେଳେ କହିଛନ୍ତି ଯେ, ଆଶିଷ ସିଂ ଓ ଡ଼ିଏସ୍ କୁଟେଙ୍କ ବିରୁଦ୍ଧରେ ସରକାର ବହୁ ଦିନ ତଳୁ ତଦନ୍ତ କରୁଥିଲେ । ତଦନ୍ତରୁ ସତ୍ୟାସତ୍ୟ ସାମ୍ନା କୁ ଆସିବାରେ ଉଭୟଙ୍କୁ କାରଣ ଦର୍ଶାଆ ନୋଟିସ କରିଛନ୍ତି । ଏଇ ଦୁଇ ଜଣ ଅଫିସର ସିଧାସଳଖ ବିଜୁ ଜନତାର ନିର୍ବାଚନ ପରିଚାଳନା କାମ କରୁଥିଲେ । ସରକାରୀ କର୍ମଚାରୀ ହୋଇ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ବୋଲକରା ସାଜିଥିଲେ । ପାଣ୍ଡିଆନଙ୍କ କଥା ରେ ନିର୍ବାଚନ କୁ ପ୍ରଭାବିତ କରି ନିର୍ବାଚନ ରେ କଳଙ୍କ ମୟ ଅଧ୍ୟାୟ ସୃଷ୍ଟି କରିଛନ୍ତି । ଉଭୟଙ୍କ ବିରୁଦ୍ଧରେ ସରକାର ଯେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ତାହା ଯଥାର୍ଥ । ଅନ୍ୟ ଅଫିସରମାନେ ଯେଉଁମାନେ ରାଜନୈତିକ କାର୍ଯ୍ୟରେ ସମ୍ପୃକ୍ତି ହେଉଛନ୍ତି ସେମାନଙ୍କ ଏଇଟା ଗୋଟେ ଚେତାବନୀ । ସେମାନେ ଏଭଳି କାର୍ଯ୍ୟରୁ କ୍ଷାନ୍ତ ରୁହନ୍ତୁ ନଚେତ ସରକାର ଆହୁରି କଠୋର ହେବେ । ସେହିପରି ଆଶିଷ ସିଂ ଓ ଡ଼ିଏସ୍ କୁଟେଙ୍କୁ ଯେଉଁ ଜବାବ ତଲବ କରାଯାଇଛି । ସେହି ଅଭିଯୋଗରେ କେବଳ ରାଜନୈତିକ ଆକ୍ରୋଶ ରହିଛି, ହେଲେ ବାସ୍ତବିକତା ନାହିଁ ବୋଲି କହିଛନ୍ତି ବିଜେଡି ବିଧାୟକ ଗଣେଶ୍ୱର ବେହେରା । ଆଶିଷ ସିଂ ଓ ଡ଼ିଏସ୍ କୁଟେଙ୍କୁ ଜବାବ ତଲବ ପ୍ରସଙ୍ଗରେ ପ୍ରତିକ୍ରିୟା ଦେଇ ଶ୍ରୀ ବେହେରା କହିଛନ୍ତି ଯେ, ମୁଁ ବିଜେଡିରେ ମୋ ପାଇଁ ତ କେହି କାମ କରିନି କି ମୁଁ କାହା ପାଖରେ ରେ ଦ୍ୱାରସ୍ତ ହୋଇନି । ତେଣୁ ଅଭିଯୋଗ ର ଅନୁସନ୍ଧାନ ଜରୁରୀ । ସେମାନେ ବିଜେଡି କୁ ସାହାଯ୍ୟ କରିଥିଲେ ତାହାର ନିର୍ଦ୍ଦିଷ୍ଟ ପ୍ରମାଣ ଅଛି କି ? ଏହି ଅଭିଯୋଗ ରେ କେବଳ ରାଜନୈତିକ ଆକ୍ରୋଶ ରହିଛି ବାସ୍ତବତା ନାହିଁ ।

## ତନଭି ପତ୍ରିଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ


**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ତନଭି ପତ୍ରିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଚୀନରେ ଚମକିଛନ୍ତି ଓଡ଼ିଆ ତନଭି ପତ୍ରି ଓ ଚୀନରେ ଚାଲିଥିବା ଏସୀୟ ବ୍ୟାଡ଼ମିଂଟନ ଚାମ୍ପିଅନସିପରେ ୧୫ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସରେ ଓଡ଼ିଆ ଝିଅ ତନଭି ପତ୍ରି ସ୍ୱର୍ଣ୍ଣ ପଦକ ଜିତିବା ଆମ ଦେଶ ତଥା ରାଜ୍ୟ ପାଇଁ ଏକ ଗର୍ବର ବିଷୟ । ତନଭିଙ୍କୁ ଶୁଭକାମନା ଜଣାଇବା ସହ ମହାପ୍ରଭୁଙ୍କ ନିକଟରେ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି ।

# ଛତିଶଗଡର ସମବାୟ ସମ୍ପ୍ରସାରଣ ସମ୍ପର୍କରେ ସମୀକ୍ଷା କଲେ କେନ୍ଦ୍ର ଗୃହ ମନ୍ତ୍ରୀ

**ନୂଆଦିଲ୍ଲୀ,**

କେନ୍ଦ୍ର ଗୃହମନ୍ତ୍ରୀ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହା ଆଜି ଛତିଶଗଡ଼ର ରାୟପୁରଠାରେ ରାଜ୍ୟରେ ସମବାୟ ସମ୍ପ୍ରସାରଣ ସମ୍ପର୍କିତ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଛନ୍ତି । ଶ୍ରୀ ଅମିତ ଶାହ ନିଜ ନିଜ ଜିଲ୍ଲାରେ ଜଳ କମିଟି ଭାବରେ କାର୍ଯ୍ୟ କରିବା ପାଇଁ ୩୩ ଟି ଜିଲ୍ଲାରେ ପ୍ରାଥମିକ କୃଷି କ୍ରେଡିଟ୍ ସୋସାଇଟି (ପିଏସିଏସ)ର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଶ୍ରୀ ବିଷ୍ଣୁ ଦେଓ ସାଇ, କେନ୍ଦ୍ର ସମବାୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ମୁରଲୀଧର ମୋହୋଲ, ଛତିଶଗଡ଼ର ଉପମୁଖ୍ୟମନ୍ତ୍ରୀ ଶ୍ରୀ ଅରୁଣ ସାଓ ଏବଂ କେନ୍ଦ୍ର ସମବାୟ ମନ୍ତ୍ରଣାଳୟର ସଚିବ ଡ. ଆଶିଷ କୁମାର ଭୂଟାନୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । 'ଏକ ପେଡ଼ ମା କେ ନାମ' ଅଭିଯାନର ଏକ ଅଂଶ ଭାବରେ କେନ୍ଦ୍ର ଗୃହମନ୍ତ୍ରୀ ତଥା ସମବାୟ ମନ୍ତ୍ରୀ 'ପିପଲ ଫର ପିପୁଲ' କାର୍ଯ୍ୟକ୍ରମ ଅଧୀନରେ ବୃକ୍ଷରୋପଣ କରିବା ସହ ଛତିଶଗଡ଼ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଶୁଭାରମ୍ଭ କରିଥିଲେ । ସମବାୟ ସମୀକ୍ଷା ବୈଠକରେ ଉଦବୋଧନ ଦେଇ କେନ୍ଦ୍ର ସମବାୟ ମନ୍ତ୍ରୀ କହିଥିଲେ ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ସହକାର ସେ ସମୃଦ୍ଧି' ସ୍ୱପ୍ନକୁ ସାକାର କରିବା ପାଇଁ ଦେଶର ପ୍ରତ୍ୟେକ ପଂଚାୟତରେ ଏକ ସମବାୟ ସମିତି ଗଠନ କରାଯାଉଛି । ସେ କହିଛନ୍ତି ଯେ ଛତିଶଗଡ଼ ସରକାର ଆଦିବାସୀଙ୍କ ବିକାଶ ଉପରେ ଧ୍ୟାନ ଦେଇ ଏକ ନୂତନ ସାର୍ବଜନୀନ ଦୁଗ୍ଧ ଯୋଜନା ଆଣିବା ଉଚିତ୍ । ସେ କହିଥିଲେ ଯେ ଏହି ଯୋଜନାରେ ପିଏସିଏସ କୁ ଏକ ବହୁମୁଖୀ ୟୁନିଟ୍ ଭଳି କାର୍ଯ୍ୟ କରିବା ପାଇଁ ପରିକଳ୍ପନା କରାଯିବା ଉଚିତ ଯାହା ଦୁଗ୍ଧ ଏବଂ ମତ୍ସ୍ୟ ସମବାୟ ଅନୁଷ୍ଠାନ ଭାବରେ ମଧ୍ୟ କାର୍ଯ୍ୟ



କରିବ । କେନ୍ଦ୍ର ଗୃହମନ୍ତ୍ରୀ ଏବଂ ସମବାୟ ମନ୍ତ୍ରୀ କହିଛନ୍ତି ଯେ ଛତିଶଗଡ଼ର ସମସ୍ତ ୨୦୫୮ ପିଏସିଏସ ମଡେଲ ବାଇ-ଲ କୁ ଗ୍ରହଣ କରିଛନ୍ତି । ଛତିଶଗଡରେ ଶୃଙ୍ଖଳା ଅଂଚଳ ଖୋଜିବା ପାଇଁ ଜାତୀୟ ସମବାୟ ଡାଟାବେସ ବ୍ୟବହାର କରାଯିବା ଉଚିତ ଯାହା ସମବାୟର ସମ୍ପ୍ରସାରଣରେ ସହାୟକ ହେବ ବୋଲି ସେ କହିଛନ୍ତି । କମ୍ପ୍ୟୁଟରୀକରଣ ସହିତ ପ୍ରତ୍ୟେକ ପିଏସିଏସକୁ ଏକ କମନ୍ ସର୍ଭିସ ସେଂଟର (ସିଏସସି) କରାଯିବା ଉଚିତ ଯାହା ଦ୍ୱାରା ପିଏସିଏସ ଦ୍ୱାରା କରାଯାଉଥିବା ବିଭିନ୍ନ କାର୍ଯ୍ୟକଳାପର ସୁଫଳ ଗ୍ରାମୀଣ ଲୋକଙ୍କ ପାଖରେ ପହଂଚିପାରିବ ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଶ୍ରୀ ଅମିତ ଶାହ କହିଛନ୍ତି ଯେ ଇଥାନଲ ଉତ୍ପାଦନ ପାଇଁ ଏନସିସିଏଫ, ନାଫେଡ ଏବଂ ରାଜ୍ୟ ମଧ୍ୟରେ ଏକ ଚୁକ୍ତି ହେବା ଉଚିତ ଯାହା ଦ୍ୱାରା କୃଷକମାନଙ୍କୁ ମକା ଚାଷ ପ୍ରତି ଉତ୍ସାହିତ କରାଯାଇପାରିବ । ମକା ଚାଷରେ ଖର୍ଚ୍ଚ ମଧ୍ୟ କମ୍ ଏବଂ ଚାଷୀଙ୍କ ସମସ୍ତ ମକା କେନ୍ଦ୍ର ସରକାର ସର୍ବନିମ୍ନ ସହାୟକ ମୂଲ୍ୟରେ କିଣିବେ ବୋଲି ସେ କହିଛନ୍ତି । ଶ୍ରୀ ଶାହ କହିଛନ୍ତି ଯେ କୃଷକଙ୍କ କୃଷି ଜାତ ଦ୍ରବ୍ୟ ବିକ୍ରି ପାଇଁ ପିଏସିଏସ ପକ୍ଷରୁ ନାଫେଡ୍ ଏବଂ ଏନସିସିଏଫ ପୋର୍ଟାଲରେ ଶତ ପ୍ରତିଶତ ପଞ୍ଜୀକରଣ କରାଯିବା ଉଚିତ । ପ୍ରତ୍ୟେକ ବଜାରର ପ୍ରତ୍ୟେକ ବ୍ୟବସାୟୀ, ପିଏସିଏସ ଏବଂ ସମବାୟ ସମିତି ପାଇଁ ଜିଲ୍ଲା ସମବାୟ କେନ୍ଦ୍ରୀୟ ବ୍ୟାଙ୍କରେ ଖାତା ଖୋଲିବା ବାଧ୍ୟତାମୂଳକ ହେବା ଆବଶ୍ୟକ ବୋଲି କେନ୍ଦ୍ର ସମବାୟ ମନ୍ତ୍ରୀ କହିଛନ୍ତି । ଛତିଶଗଡ଼ରେ ୪ଟି ସମବାୟ ଚିନି କଳ ଥିବା ବେଳେ ସେଥିମଧ୍ୟରୁ ମାତ୍ର ଗୋଟିଏ ମିଲରେ ଇଥାନଲ ଉତ୍ପାଦନ କାରଖାନା ରହିଛି । ଅବଶିଷ୍ଟ ୩ଟି ସମବାୟ ଚିନି କଳରେ ୬ ମାସ ମଧ୍ୟରେ ମଲ୍ଟି ଫିଡ୍ ଇଥାନଲ ଉତ୍ପାଦନ କାରଖାନା ସ୍ଥାପନ କରାଯାଉ, ଯାହାଦ୍ୱାରା ମକା ଓ ଆଖୁରୁ ଇଥାନଲ ଉତ୍ପାଦନ ହୋଇପାରିବ ବୋଲି ଶ୍ରୀ ଶାହା କହିଛନ୍ତି । ଏଥିପାଇଁ କେନ୍ଦ୍ର ସରକାର ସହାୟତା କରିବେ ବୋଲି ସେ କହିଛନ୍ତି । ଛତିଶଗଡ଼ରେ ମକା ଓ ଡାଲି ଚାଷକୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି ଏବଂ ଏଥିପାଇଁ ରାଜ୍ୟ କୃଷି ବିଭାଗ ପଦକ୍ଷେପ ନେବା ଦରକାର ବୋଲି ସେ କହିଛନ୍ତି । ଶ୍ରୀ ଅମିତ ଶାହ କହିଥିଲେ ଯେ ବର୍ତ୍ତମାନ ଛତିଶଗଡର ୩୩ଟି ଜିଲ୍ଲାରେ ମୋଟ ୬ଟି ଜିଲ୍ଲା ସମବାୟ କେନ୍ଦ୍ରୀୟ ବ୍ୟାଙ୍କ (ଡିସିସିବି) ରହିଛି ଏବଂ ନିକଟ ଭବିଷ୍ୟତରେ ରାଜ୍ୟରେ ପିଏସିଏସ ର ସମ୍ପ୍ରସାରଣକୁ ଦୃଷ୍ଟିରେ ରଖି ଅତି କମରେ ଆହୁରି ୪ଟି ଡିସିସିବି ପ୍ରତିଷ୍ଠା କରାଯିବା ଉଚିତ । ଛତିଶଗଡର ଗ୍ରାମୀଣ ଓ ଆଦିବାସୀ ଲୋକଙ୍କ ଅର୍ଥନୈତିକ ବିକାଶ ପାଇଁ ରାଜ୍ୟ ସରକାରଙ୍କ ପଶୁପାଳନ, କୃଷି, ଆଦିବାସୀ ବ୍ୟାପାର ଓ ସମବାୟ ବିଭାଗ ମିଳିତ ଭାବେ କାର୍ଯ୍ୟ କରିବା ଉଚିତ ବୋଲି ସେ କହିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପୁଣି ଜିଲ୍ଲା ଗସ୍ତରେ...

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର ସମସ୍ତ ବିଭାଗକୁ ସେମାନଙ୍କ କ୍ଷେତ୍ର ସହ ଜଡ଼ିତ ବିଭିନ୍ନ କାର୍ଯ୍ୟକ୍ରମର ବ୍ୟାପକ ଅନୁଧ୍ୟାନ ଓ ରିପୋର୍ଟ ଆଦି ପ୍ରସ୍ତୁତ କରି ସେସବୁକୁ ଯୋଜନା ଓ ସଂଯୋଜନ ବିଭାଗକୁ ପଠାଇବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି । ଆଉ ରାଜ୍ୟ ସରକାର ସ୍ୱତନ୍ତ୍ର ୱେବସାଇଟ କରି ସେହି ସମସ୍ତ ତଥ୍ୟକୁ ସେଥିରେ ଅପଲୋଡ କରାଇବେ, ଯାହାକୁ ନଲେଜ ବ୍ୟାଙ୍କ ଭାବେ ଉପଯୋଗ କରିବାକୁ ଲକ୍ଷ୍ୟ ରଖାଯାଇଛି ।

## ହେଜବୁଲ୍ଲାର ୧୦୦୦ରୁ...

ବାହିନୀ ପକ୍ଷରୁ କୁହାଯାଇଛି । ଏହି ଛୋଟିଆ ଆକ୍ରମଣ ଆଗକୁ ବଡ଼ ଯୁଦ୍ଧର ରୂପ ନେବା ଆଶଙ୍କା ପ୍ରକାଶ ପାଇଛି । ଗତ ମାସରେ ଇରାନରେ ହେଜବୁଲ୍ଲା କମାଣ୍ଡରଙ୍କୁ ହତ୍ୟା କରାଯିବା ପରେ ଇସ୍ରାଏଲ ଏବଂ ଇରାନ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଛି । ଅଗଷ୍ଟ ପ୍ରଥମ ସପ୍ତାହରେ ଇସ୍ରାଏଲ ଉପରେ ଆକ୍ରମଣ କରିବାକୁ ଇରାନ ଏହାର ସେନାକୁ ନିର୍ଦ୍ଦେଶ ଦେଇଥିଲା । ତେବେ ଏହା ମଧ୍ୟରେ ହେଜବୁଲ୍ଲା ପକ୍ଷରୁ ଇସ୍ରାଏଲ ଉପରେ ଆକ୍ରମଣ ଆରମ୍ଭ ହୋଇଯାଇଛି । ସେପଟେ ହମାସ ଆତଙ୍କବାଦୀ ସଂଗଠନ ବି ଇସ୍ରାଏଲକୁ ଟାର୍ଗେଟ କରିଆସୁଛି । ହେଜବୁଲ୍ଲା ଏବଂ ହମାସ ଆତଙ୍କବାଦୀ ସଂଗଠନ ଇରାନ ସମର୍ଥନରେ ପରିଚାଳିତ ହେଉଥିବାରୁ ଇରାନ ଯୁଦ୍ଧକୁ ଓହ୍ଲାଇପାରେ । ଏହା ହେଲେ ଇସ୍ରାଏଲ ସମର୍ଥନରେ ଆମେରିକା ଯୁଦ୍ଧ କ୍ଷେତ୍ରକୁ ଆସିଲେ ପରିସ୍ଥିତି ଭୟାବହ ହେବାର ଆଶଙ୍କା ପ୍ରକାଶ ପାଇଛି ।

## ୧୭ରେ ଓଡ଼ିଶା...

ସରକାରୀ ଚାକିରି କରୁଥିବା ମହିଳା ଏବଂ ଘରୋଇ କ୍ଷେତ୍ରରେ ଚାକିରି କରୁଥିବା ମହିଳା ପାଇବେନି ସୁଭଦ୍ରା ସହାୟତା । କାରଣ ଆୟକର ପ୍ରଦାନ କରୁଥିବା ମହିଳାମାନେ ଏହି ସହାୟତା ପାଇବେ ନାହିଁ ବୋଲି ସରକାର ସୂଚନା ଦେଇଛନ୍ତି । ସେହିପରି ଅନ୍ୟ ସରକାରୀ ଯୋଜନାରେ ସହାୟତା ପାଉଥିଲେ ମଧ୍ୟ ସୁଭଦ୍ରା ସହାୟତା ମିଳିବନି । ଏପରିକି ମାସିକ ୧୫ଶହ ବା ବାର୍ଷିକ ୧୮ ହଜାର ପାଉଥିଲେ ମଧ୍ୟ ସୁଭଦ୍ରା ଯୋଜନାରେ ସହାୟତା ମିଳିବନି । ଏହାର କାର୍ଯ୍ୟକାରିତା ତଦାରଖ କରିବାକୁ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଏକ ସୁଭଦ୍ରା ସମିତି ସୋସାଇଟି ଗଠନ କରାଯିବ ।

## ୟୁକ୍ରେନରୁ ଫେରିବା ...

ନେଇ ଚର୍ଚ୍ଚା ଲାଗି ରହିଛି । ଏଭଳି ପରିସ୍ଥିତିରେ ଭାରତ କେବଳ ବୈଦେଶିକ ମନ୍ତ୍ରୀ ଜୟଶଙ୍କରଙ୍କୁ ପାକିସ୍ତାନରେ ହେବାକୁ ଥିବା ସିଏଚଜି ବୈଠକରେ ଯୋଗଦେବାକୁ ପଠାଇପାରେ । କିନ୍ତୁ ସେ ପାକିସ୍ତାନ ଯିବା ପରିବର୍ତ୍ତେ ଏହାକୁ ଭର୍ଚ୍ଚୁଆଲ ମାଧ୍ୟମରେ ଅଂଶଗ୍ରହଣ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି । କାରଣ ଜମ୍ମୁ-କଶ୍ମୀରରେ କିଛି ସମୟ ଧରି ହୋଇଥିବା ଆତଙ୍କବାଦୀ ଆକ୍ରମଣ ଯୋଗୁ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସମ୍ପର୍କ ପୂର୍ବ ଅପେକ୍ଷା ଅଧିକ ତିକ୍ତ ହୋଇପଡ଼ିଛି ।

## ଭାରତ ୨୦୨୭ରେ...

ମୁଖ୍ୟ ଯାନ ସହ ଯୋଡ଼ାଯିବ । ଏହା ପୃଥିବୀକୁ ଫେରିବାକୁ ଥିବା ଯାନକୁ ନମୁନା ପଠାଇ ଦେବ । ସେହିପରି ୨୦୨୮ରେ ଇଣ୍ଡିଆନ ସ୍ପେସ ଷ୍ଟେସନର ପ୍ରଥମ ମଡ୍ୟୁଲ ଉତ୍କ୍ଷେପଣ କରାଯିବ । ଏଥିରେ କେବଳ ରୋବୋଟ ପଠାଯିବ । ଅଲଗା ଅଲଗା ସମୟରେ ଏହି ଷ୍ଟେସନର ମୋଟ ୫ଟି ମଡ୍ୟୁଲ ମହାକାଶକୁ ପଠାଯିବ ।

## ଚନ୍ଦ୍ରରୁ ହିଲିୟମ...

ପରମାଣୁ ଏବଂ ସୂର୍ଯ୍ୟକିରଣରୁ ଏହାକୁ ପ୍ରସ୍ତୁତ କରାଯିବ । ମହାକାଶରୁ ପୃଥିବୀକୁ ସାମଗ୍ରୀ ପଠାଇବା ପାଇଁ ଉଚ୍ଚ ଚାପ ଏବଂ କମ୍ ମାଧ୍ୟାକର୍ଷଣ ଶକ୍ତିର ବ୍ୟବହାର କରାଯିବ । ଏବେକାର ଖର୍ଚ୍ଚଠୁ ୧୦ ପ୍ରତିଶତ କମ୍‌ରେ ଏହା ଦିନକୁ ଦୁଇ ଥର ପେଲୋଡ ଲଞ୍ଚ କରିପାରିବ । ଏହି ଯୋଜନା ଚୀନ ଏବଂ ରୁଷ୍‌ର ମିଳିତ ମହାକାଶ କାର୍ଯ୍ୟକ୍ରମରେ ସାମିଲ ହୋଇପାରେ ବୋଲି କୁହାଯାଉଛି । ଏହା ଅଧୀନରେ ଦୁଇ ଦେଶ ୨୦୩୫ ସୁଦ୍ଧା ଚନ୍ଦ୍ରର ଦକ୍ଷିଣ ମେରୁରେ ଗବେଷଣା ଷ୍ଟେସନ ନିର୍ମାଣ କରିବାକୁ ପ୍ରସ୍ତାବ ରଖିଥିଲେ ।

### ମଠ ଓ ମହନ୍ତଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବାକୁ ରାଜ୍ୟସରକାରଙ୍କୁ ଅନୁରୋଧ

# ଅସାମାଜିକ ତତ୍ତ୍ୱଙ୍କ କବ୍‌ଜାରେ ପୁରୀର ମଠ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଶ୍ରୀକ୍ଷେତ୍ର ପୁରୀରରେ ଥିବା ଅନେକ ମଠର ସୁରକ୍ଷାକୁ ପ୍ରଶ୍ନବାଚି ସୃଷ୍ଟି ହୋଇଚି । ଏନେଇ ରବିବାର ପୁରୀର ବିଭିନ୍ନ ମଠର ମହନ୍ତ ଓ ମଠାଧିଶମାନେ ରାଜଧାନୀରେ ଏକାଠି ସରକାର ମଠ ଓ ମହନ୍ତଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବାକୁ ରାଜ୍ୟସରକାରଙ୍କୁ ଅନୁରୋଧ କରିଛନ୍ତି ।



ରବିବାର ଉତ୍କଳ ସାମ୍ବାଦିକ ଭବନରେ ଏକ ସାମ୍ବାଦିକ ସମ୍ମିଳନୀ କରି ପାଗ ମଠର ମହନ୍ତ ମଣ୍ଡଳେଶ୍ୱର ରାମକୃଷ୍ଣ ଦାସ କହିଛନ୍ତି ପୁରୀରେ ଥିବା ମଠ ଗୁଡିକୁ ସେଠାରେ ଥିବା ଅସମାଜିକ ତତ୍ତ୍ୱମାନେ ବେଆଇନ ଓ ବଳପୂର୍ବକ ଭାବେ ଦଖଲ କରିବାକୁ ଚେଷ୍ଟା କରୁଛନ୍ତି । ଏହାକୁ ମଠର ମହନ୍ତ କିମ୍ବା ମଠରେ ରହୁଥିବା ସାଧୁସନ୍ଥ ପ୍ରତିବାଦ କରିବାରୁ ତାଙ୍କୁ ହତ୍ୟା ଧମକ ସହ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରାଯାଉଛି । ଯହା ସମଗ୍ର ସନାତନ ପ୍ରେମୀ ଓ ହିନ୍ଦୁ ଧର୍ମାଲମ୍ବୀଙ୍କୁ କୁଠାରଘାତ କରିଛି । ଏ ଘଟଣା ନେଇ ସ୍ଥାନୀୟ ଥାନାରେ ଅଭିଯୋଗକରିବା ସତ୍ତ୍ୱେ ମଧ୍ୟ ଅସାମାଜିକ ତତ୍ତ୍ୱ ଥାନାରେ ଅଖଣ୍ଡ ପ୍ରଭାବ ବିସ୍ତାର କରି ମାମଲାକୁ ଚପାଇ ଦେଉଛନ୍ତି । ଯଦି ପୁରୀ ଭଳି ପବିତ୍ର ସ୍ଥାନରେ ସାଧୁମାନେ ନିଜକୁ ଅସୁରକ୍ଷିତ ମନେ କରିବେ ଏହା ଠାରୁ ବଡ ବିଡମ୍ବନା କିଛି ନହୋଇପାରେ ବୋଲି କହି ମହନ୍ତ ରାମକୃଷ୍ଣ ମହାରାଜ ଗଭୀର କ୍ଷୋଭ ପ୍ରକାଶ କରି କହିଛନ୍ତି । ତେଣୁ ରାଜ୍ୟ ସରକାର ତୁରନ୍ତ ହସ୍ତକ୍ଷେପ କରି ମଠ ଗୁଡିକର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ସର୍କ୍ୟୁଲାର ଜାରି କରନ୍ତୁ ବୋଲି ସେ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ପୁରୀର ଉତ୍ତରପାର୍ଶ୍ୱ ମଠର ସାଧୁ ନାରାୟଣ ରାମାନୁଜ ଦାସ, କଟକୀ ମଠର ମହନ୍ତ ବିଜୟ ରାମାନୁଜ, ରାଧାବଲ୍ଲଭ ମଠର ରାମକୃଷ୍ଣ ଦାସଙ୍କ ବହୁ ମଠର ମହନ୍ତ ଉପସ୍ଥିତ ଥିଲେ ।

# ନୟାଗଡ଼ର ୪ଟି ଜେଲ୍‌ରେ ଚଢ଼ଉ : ବିପୁଳ ନିଶାଦ୍ରବ୍ୟ ଜବତ

**ନୟାଗଡ, ନ୍ୟୁଜ ବ୍ୟୁରୋ**

ଆଜି ସକାଳୁ ସକାଳୁ ନୟାଗଡ଼ ଜିଲ୍ଲା ମୁଖ୍ୟ କାରାଗାର ସହ ୩ ଉପ କାରାଗାରରେ ବଡ଼ ଧରଣର ଚଢ଼ଉ କରାଯାଇଛି । ନିଶା କାରବାର ଅଭିଯୋଗରେ ନୟାଗଡ଼ ଏସପିଙ୍କ ନେତୃତ୍ୱରେ ଏହି ଚଢ଼ଉ କରାଯାଇଛି । ମାଜିଷ୍ଟ୍ରେଟ ସହ ବହୁ ବରିଷ୍ଠ ଅଧିକାରୀ ଏହି ଚଢ଼ଉରେ ସାମିଲ ହୋଇଛନ୍ତି । ଚଢ଼ଉ ବେଳେ ନୟାଗଡ଼ ଜିଲ୍ଲା ମୁଖ୍ୟ କାରାଗାରରୁ ବିପୁଳ ନିଶା ଦ୍ରବ୍ୟ ଜବତ ହୋଇଛି । ଦଶପଲ୍ଲା ଉପ କାରାଗାରରୁ ମଧ୍ୟ ବହୁ ପରିମାଣର ବିପୁଳ ନିଶା ସାମଗ୍ରୀ ଜବତ ହୋଇଛି । ଏଥିରେ ଗୁଟଖା, ଖଇନି, ବିଡି ସହ ବ୍ଲେଡ୍ ରହିଛି । ଜେଲ୍ ଭିତରକୁ କିଭଳି ନିଶା ସାମଗ୍ରୀ ଗଲା କଡ଼ା ସୁରକ୍ଷା ଭିତରେ ଜେଲ୍ ଭିତରକୁ ନିଶାଦ୍ରବ୍ୟ କିଏ ଓ କେମିତି ପଠାଉଛି, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏନେଇ ଖୋଳତାଡ଼ ଆରମ୍ଭ ହୋଇଛି ।

# ବରୀରେ ବିଜେପିକୁ ଝଟ୍‌କା, ବିଜେଡିରେ ସାମିଲ ହେଲେ ବିଜେପି ନେତା

**ଯାଜପୁର, ନ୍ୟୁଜ ବ୍ୟୁରୋ**

ଯାଜପୁର ଜିଲ୍ଲା ବରୀରେ ବିଜେପିକୁ ଝଟକା । ବିଜେପି ଛାଡ଼ି ବିଜେଡିରେ ସାମିଲ ହେଲେ ବରୀ ଅଞ୍ଚଳର ବହୁ ବରିଷ୍ଠ ନେତା । କିଛି ସରପଞ୍ଚ ଓ ସମିତିସଭ୍ୟ ବିଜେପି ଛାଡି ବିଜେଡିରେ ଯୋଗଦେଇଛନ୍ତି । ନବୀନ ପଟ୍ଟନାୟକଙ୍କ ନୀତିଆଦର୍ଶରେ ଅନୁପ୍ରାଣୀତ ହୋଇ ସମସ୍ତେ ବିଜେଡିରେ ମିଶିଥିବା କହିଛନ୍ତି । ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ସମସ୍ତଙ୍କୁ ଦଳକୁ ସ୍ୱାଗତ କରିଛନ୍ତି । ମିଶ୍ରଣ ପର୍ବରେ ବିରୋଧୀ ଦଳ ଉପମୁଖ୍ୟ ସଚେତକ ପ୍ରତାପ ଦେବ ଓ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଉପସ୍ଥିତ ଥିଲେ ।

# ଗ୍ୟାଙ୍ଗଷ୍ଟରର ସୁଶାନ୍ତ ଧଳ ସାମନ୍ତ ସେଲ୍‌ରୁ ସ୍ମାର୍ଟଫୋନ୍ ଓ ନିଶାଦ୍ରବ୍ୟ ଜବତ



**ବଲାଙ୍ଗୀର, ନ୍ୟୁଜ ବ୍ୟୁରୋ**

ବଲାଙ୍ଗୀର ଜେଲରେ ଗ୍ୟାଙ୍ଗଷ୍ଟର ସୁଶାନ୍ତ ଧଳ ସାମନ୍ତ ସେଲ୍‌ରୁ ବାହାରିଲା ସ୍ମାର୍ଟଫୋନ୍ । ବଲାଙ୍ଗୀର ଜେଲରେ ପୁଲିସ ରେଡ୍ କରିଥିବା ବେଳେ ଏହି ମୋବାଇଲ୍ ମିଳିଛି । ଏଥିସହ ସୁଶାନ୍ତ ଧଳ ସାମନ୍ତ ସେଲ୍‌ରୁ ମାଦକ ଦ୍ରବ୍ୟ ସହ ଟ୍ରିମର ଓ ଲାଇଟର ଜବତ କରାଯାଇଛି । ଗତ ୨୩ ତାରିଖରେ ଜେଲରେ ଗ୍ୟାଙ୍ଗୱାର ଚାଲିଥିବା ନେଇ ଖବର ପ୍ରକାଶ ପାଇବା ପରେ ଏସ୍‌ପି ଋଷିକେଶ ଖିଲାରୀଙ୍କ ନେତୃତ୍ୱରେ ଚଢ଼ଉ କରାଯାଇଥିଲା । ଏହି ସମୟରେ ଚିକିତ୍ସା ପାଇଁ ସୁଶାନ୍ତ ଧଳସାମନ୍ତ କଟକ ଯାଇଥିଲା । ଚଢ଼ଉ ବେଳେ ସୁଶାନ୍ତ ଧଳ ସାମନ୍ତ ସେଲ୍‌ରୁ ଲକ୍ ଥିବା ସ୍ମାର୍ଟଫୋନ୍ ସହ ମାଦକ ଦ୍ରବ୍ୟ ସହ ଟ୍ରିମର ଓ ଲାଇଟର ଜବତ କରାଯାଇଥିଲା । ଏଥିସହ ଜେଲର ଅନ୍ୟ ସେଲ୍‌ରୁ ପୁଲିସ ବିଡ଼ି, ସିଗାରେଟ୍, ଦିଆସିଲ୍ ଓ ଅନ୍ୟ ନିଶାଦ୍ରବ୍ୟ ଜବତ କରିଥିଲା । ତେବେ ପ୍ରଶ୍ନ ଉଠୁଛି ମୋବାଇଲ ଫୋନ ଜରିଆରେ ଜେଲ୍ ଭିତରୁ କ୍ରାଇମ ନେଟୱାର୍କ ଚଳାଉଥିଲା କି ସୁଶାନ୍ତ ଧଳସାମନ୍ତ ? ସୁଶାନ୍ତ ପାଖକୁ ମୋବାଇଲ ଆସିଲା କେମିତି ? କିଏ ତାକୁ ଦେଇଥିଲା ମୋବାଇଲ୍ ଫୋନ୍ ? ଜେଲ୍ କର୍ତ୍ତୃପକ୍ଷ ଏନେଇ କେମିତି ଜାଣି ପାରିଲେ ନାହିଁ ? ଏମିତି ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି ଯେ, ସୁଶାନ୍ତ ଧଳ ସାମନ୍ତ ଚିକିତ୍ସା ପାଇଁ କଟକରେ ଅଛି । ସେ ଆସିଲା ପରେ ମୋବାଇଲ ଲକ୍ ଖୋଲାଯିବ ଓ ପରେ ଅଧିକ ତଦନ୍ତ କରାଯିବ ।

# ମହାନଦୀକୁ ଡେଇଁଲେ ହାଇସ୍କୁଲ ଛାତ୍ରୀ

**କଟକ, ନ୍ୟୁଜ ବ୍ୟୁରୋ**

ମହାନଦୀକୁ ଡେଇଁଲେ ହାଇସ୍କୁଲ ଛାତ୍ରୀ । ସମ୍ବଲପୁର ଚାଉରପୁର ବ୍ରିଜ ଉପରେ ସାଇକେଲ ରଖି ମହାନଦୀକୁ ଡେଇଁଲେ । ଘଟଣା ସ୍ଥଳକୁ ଅଗ୍ନିସମ ବିଭାଗ ପହଁଚି ଖୋଜା ଖୋଜି ଚାଲିଛି । ପରିବାର ଲୋକେ ଏ ଖବର ପରେ ଭାଙ୍ଗି ପଡିଛନ୍ତି । ଖୋଜାଖୋଜି ଚାଲିଥିବା ବେଳେ ଝିଅର ବାପା ଅଭିଯୋଗ ଆଣିଛନ୍ତି କି ସ୍କୁଲରେ ତାକୁ କିଏ କିଛି କହିଛି । ଯେଉଁଥିପାଇଁ ମୋ ଝିଅ ଡେଇଁପଡିଛି । ନିଖୋଜ ଯୁବତୀ ମଣ୍ଡଳିଆର ନବମ ଶ୍ରେଣୀ ଛାତ୍ରୀ କାଜଳ ସାହାଣୀ । ସକାଳୁ ଘରୁ ଜଳଖିଆ କରି ସ୍କୁଲ ପାଇଁ ବାହାରିଥିଲେ । ସମ୍ବଲପୁର, ବୁର୍ଲା ଓ ମାନେଶ୍ୱର ଅଗ୍ନିଶମର ୩ ଟିମ୍ ଖୋଜାଖୋଜି ଜାରି ରଖିଛି । ପୂର୍ବରୁ ମଧ୍ୟ ତାଙ୍କର ଗୋଟିଏ ଝିଅ ପାଣିରେ ଭାସି ମୃତ୍ୟୁ ହୋଇଥିଲା ।

### ସନ୍ଦୀପ ଘୋଷଙ୍କ ଘରେ ସିବିଆଇ ରେଡ

# ଦୁର୍ନୀତି ଅଭିଯୋଗରେ ୧୫ ସ୍ଥାନରେ ଚଢଉ

**କୋଲକାତା,**

କୋଲକାତା ଟ୍ରେନି ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଛାନଭିନ ଜାରି ରଖିଛି ସିବିଆଇ । ଖୁବ୍‌ଶୀଘ୍ର ଗିରଫ ହୋଇପାରନ୍ତି ଆରଜି କର ମେଡିକାଲର ପୂର୍ବତନ ଅଧ୍ୟକ୍ଷ ସନ୍ଦୀପ ଘୋଷ । ଶନିବାର ଦୁର୍ନୀତି ଅଭିଯୋଗରେ ସିବିଆଇ ଏକ ମାମଲା ରୁଜୁ କରିଥିବା ବେଳେ ରବିବାର ତାଙ୍କ ଘରେ ଚଢ଼ଉ କରିଛି । ଏଥିସହ କୋଲକାତାରେ ଥିବା ତାଙ୍କ ସମ୍ପର୍କୀୟଙ୍କ ୧୪ଟି ସ୍ଥାନରେ ଚଢଉ ଜାରି ରହିଛି । କଲିକତା ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ପଶ୍ଚିମବଙ୍ଗ ସରକାରଙ୍କ ଦ୍ୱାରା ଗଠିତ ଏସ୍‌ଆଇଟି ସିବିଆଇକୁ ଦୁର୍ନୀତି ମାମଲାରେ ତଦନ୍ତ ଦାୟିତ୍ୱ ସିବିଆଇକୁ ହସ୍ତାନ୍ତର କରିଥିଲା । ଦୁର୍ନୀତି ମାମଲାରେ ସିବିଆଇ ସମସ୍ତ ଦଲିଲକୁ ଶନିବାର ସକାଳେ ରାଜ୍ୟ ସରକାରଙ୍କ ଏସ୍‌ଆଇଟି ପକ୍ଷରୁ ଗ୍ରହଣ କରିଥିଲା । ସନ୍ଦୀପ ଘୋଷ ହସ୍ପିଟାଲରୁ ମୃତଦେହ ଚାଲାଣ କରିବାର ଅଭିଯୋଗ ରହିଛି । ଆରଜି କର ମେଡିକାଲ କଲେଜର ପୂର୍ବତନ ଡେପୁଟି ସୁପରିଟେଣ୍ଡେଣ୍ଟ ଅଖତର ଅଲି ହାଇକୋର୍ଟଙ୍କ ନିକଟରେ ପହଞ୍ଚି ସନ୍ଦୀପ ଘୋଷଙ୍କ ବିରୋଧରେ ହୋଇଥିବା ଦୁର୍ନୀତି ଅଭିଯୋଗର ଯାଞ୍ଚ ଇଡିକୁ ହସ୍ତାନ୍ତର କରିବାକୁ ନିବେଦନ କରିଥିଲେ । ଦୁଷ୍କର୍ମ ଓ ହତ୍ୟା ଅଭିଯୁକ୍ତ ସଞ୍ଜୟ ରୟ ସନ୍ଦୀପ ଘୋଷଙ୍କୁ ସୁରକ୍ଷା ଦେଉଥିଲା । ପୂର୍ବତନ ଅଧ୍ୟକ୍ଷ ବାଂଲାଦେଶକୁ ବାୟୋମେଡିକାଲ ୱେଷ୍ଟ ଚାଲାଣ ଏବଂ ଚିକିତ୍ସା ଉପକରଣ କାରବାରରେ ସାମିଲ ଥିବା କହିଛନ୍ତି ଅଖତର । କୋଲକାତା ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଗିରଫ ଅଭିଯୁକ୍ତ ସଞ୍ଜୟ ରୟ ଓ ସନ୍ଦୀପ ଘୋଷଙ୍କ ପଲିଗ୍ରାଫ ଟେଷ୍ଟ କରାଯାଇଥିଲା । ସଞ୍ଜୟ ରୟର ଜେଲରେ ଏହି ପରୀକ୍ଷା ଦେଇଥିବାବେଳେ ସନ୍ଦୀପ ଘୋଷଙ୍କ କୋଲକାତାରେ ସିବିଆଇ କାର୍ଯ୍ୟାଳୟରେ ହୋଇଥିଲା । ୪ ଜଣ ଟ୍ରେନି ଡାକ୍ତରଙ୍କ ମଧ୍ୟ ପଲିଗ୍ରାଫ ଟେଷ୍ଟ ହୋଇଥିଲା । ଦିଲ୍ଲୀର ସେଣ୍ଟ୍ରାଲ ଫୋରେନସିକ ଟିମ୍ ଏହି ଟେଷ୍ଟ କରିଥିଲେ । ଏସମ୍ପର୍କରେ କୌଣସିବି ତଥ୍ୟ ବର୍ତ୍ତମାନ ସୁଦ୍ଧା ବାହାରକୁ ଆସିନାହିଁ । ସନ୍ଦୀପ ଘୋଷଣାଙ୍କୁ ବର୍ତ୍ତମାନ ସୁଦ୍ଧା ୧୦୦ ଧରି ପଚରାଉଚରା କରିସାରିଛି ସିବିଆଇ । କିନ୍ତୁ ବୟାନରେ ତାଳମେଳ ରହୁନଥିବାରୁ ପଲିଗ୍ରାଫି ପାଇଁ ସିବିଆଇ କୋର୍ଟଙ୍କୁ ଅନୁମତି ମାଗିଥିଲା ।

# ଗଞ୍ଜାମ ଜିଲ୍ଲାରେ ୭୨୦ପିଲାଙ୍କର ନାହିଁ ଆଧାର କାର୍ଡ




**ଗଂଜାମ, ନ୍ୟୁଜ ବ୍ୟୁରୋ**

ଗଂଜାମ ଜିଲାର ପାତ୍ରପୁର ବ୍ଲକର ତୁମ୍ବା, ବୁରାତାଳ ଓ ଆକୁଂଳି ପଂଚାୟତରେ ୦ରୁ୯ବର୍ଷ ପର୍ଯ୍ୟନ୍ତ ୭୨୦ ପିଲାଙ୍କ ଆଧାରକାର୍ଡ ନାହିଁ । ଏନେଇ ତୁମ୍ବା ଉନ୍ନୟନ ଅଧିକାରୀ ଚେତନ ସେଠୀ ସୂଚନା ଦେଇଛନ୍ତି । ଏହି ପିଲାଙ୍କର ଜନ୍ମ ପ୍ରମାଣପତ୍ର ନ ଥିବାରୁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି ବୋଲି ସେ କହିଛନ୍ତି । ଏବେ୭୨୦ ଜଣ ପିଲାଙ୍କ ମଧ୍ୟରୁ ୩୫୦ ଜଣଙ୍କ ଜନ୍ମ ପ୍ରମାଣପତ୍ର କରାଯାଇଛି । ବଳକା ପିଲାଙ୍କର ଜନ୍ମ ପ୍ରମାଣ ପତ୍ର ହୋଇ ପାରିନାହିଁ । ଆଗାମୀ ଦିନରେ ସ୍ୱତନ୍ତ୍ର କ୍ୟାମ୍ପ କରି ସେମାନଙ୍କ ଆଧାର କାର୍ଡ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଡଃ ପ୍ରମୋଦ କୁମାର ପୃଷ୍ଟି ସୂଚନା ଦେଇଛନ୍ତି ।

# ରାଜଧାନୀରେ ୬୦ ଗାଡି ଜବତ କଲା ପୋଲିସ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମଦ୍ୟପାନ କରି ରାଜଧାନୀରେ ଗାଡି ଚଳାଉଥିଲେ ସାବଧାନ । ଅମାନିଆ ଗାଡି ଚାଳକ ଓ ମଦ୍ୟପ ଗାଡି ଚାଳକଙ୍କ ଉପରେ ନଜର ରଖିଛି କମିଶନରେଟ ପୋଲିସ । ସେଫ୍ ସିଟି ଡ୍ରାଇଭ ଜରିଆରେ ରାଜଧାନୀର ୧୧ଟି ସମ୍ବେଦନଶୀଳ ଛକରେ ନାଇଟ୍ ବ୍ଲକିଂ ଓ ଚେକିଂ କରି ୬୦ଟି ଗାଡିକୁ ଜବତ କରିଛି ପୋଲିସ । ପୋଲିସ କମିଶନର ସଞ୍ଜୀବ ପଣ୍ଡାଙ୍କ ନିର୍ଦ୍ଦେଶରେ ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରେ ରେଡ୍ କରାଯାଇଥିଲା । ନାଇଟ୍ ବ୍ଲକିଂ ଚେକିଂରେ ୪ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ ।




ଭୁବନେଶ୍ୱର
୨୬ ଅଗଷ୍ଟ
ସୋମବାର, ୨୦୨୪

RNI Regd. No. : 52640/94
Postal Regd. No. : BN/60/22-24

## ଖୋଲିବ ଗୁପ୍ତ ସୁଡ଼ଙ୍ଗ ରହସ୍ୟ : ରତ୍ନଭଣ୍ଡାର ଯାଞ୍ଚ ପାଇଁ ଏଏସ୍ଆଇକୁ ମିଳିଲା ଅନୁମତି

**ପୁରୀ, ୨୫/୮ ନ୍ୟୁଜ ବ୍ୟୁରୋ**

ରତ୍ନଭଣ୍ଡାର ତଦାରଖ କରିବ ଏଏସ୍ଆଇର ଉଚ୍ଚସ୍ତରୀୟ ଟିମ୍। ରତ୍ନଭଣ୍ଡାର ଯାଞ୍ଚ ପାଇଁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାକୁ ଅନୁମତି ମିଳିଛି। ଖୁବଶୀଘ୍ର ପ୍ରତ୍ନତତ୍ତ୍ୱ ବିଭାଗର ଉଚ୍ଚସ୍ତରୀୟ ଟିମ୍ ଆସିବ। ଏଏସ୍ଆଇ ଟିମ୍‌କୁ ଆସିବା ପାଇଁ ରାଜ୍ୟ ସରକାର ଅନୁରୋଧ କରିଛନ୍ତି। ରତ୍ନଭଣ୍ଡାର ବାବଦରେ ପ୍ରତିକ୍ରିୟା ରଖି ଏକଥା କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ରତ୍ନଭଣ୍ଡାର ଯାଞ୍ଚ ଓ ଗଣତି ମଣତି ହେବ ବୋଲି ସେ କହିଛନ୍ତି। ପୁରୁଣା ତାଲିକା ସହ ବର୍ତ୍ତମାନ ତାଲିକାକୁ ତୁଳନା କରାଯିବ। ଏହାପରେ ସବୁ ଠିକ୍ ଅଛି କି ନାହିଁ ସ୍ପଷ୍ଟ ହେବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଭାରତୀୟ ବୈଷୟିକ ପ୍ରତିଷ୍ଠାନ ଏବଂ କେନ୍ଦ୍ରୀୟ



କୋଠାବାଡ଼ି ଗବେଷଣା ସଂସ୍ଥା (ସିବିଆରଆଇ) ସହଯୋଗରେ କାର୍ଯ୍ୟ ଆରମ୍ଭ ହେବ। ଭିତର ଏବଂ ବାହାର ରତ୍ନଭଣ୍ଡାରର ଯାଞ୍ଚ ବେଳେ ଅତ୍ୟାଧୁନିକ ବୈଷୟିକ ଜ୍ଞାନ କୌଶଳର ଉପଯୋଗ କରାଯିବ। ଏହାଛଡ଼ା ଭିତର ରତ୍ନଭଣ୍ଡାର ଭିତରେ ଆଉ କୌଣସି ଗୁପ୍ତ କୋଠରି କିମ୍ବା ସୁଡ଼ଙ୍ଗ ରହିଛି କି ନାହିଁ ସେ ସମ୍ପର୍କରେ ଯାଞ୍ଚ କରାଯିବ। ରତ୍ନଭଣ୍ଡାରର ଆବଶ୍ୟକ ମରାମତି ଓ ସଂରକ୍ଷଣ କରାଯିବ । ଦୁଇଟି ପର୍ଯ୍ୟାୟରେ ଶ୍ରୀମନ୍ଦିର ବାହାର ଓ ଭିତର ରତ୍ନଭଣ୍ଡାରରୁ ମହାପ୍ରଭୁଙ୍କର ରତ୍ନ ଅଳଙ୍କାରକୁ ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌କୁ ସ୍ଥାନାନ୍ତର କରାଯାଇଥିବା ବେଳେ ଏହାପରେ ଖାଲି ସିନ୍ଦୁକ ଓ ଆଲମିରାକୁ ବି କରାଯାଇଛି ସ୍ଥାନାନ୍ତର। ଭିତର ଓ ବାହାର ରତ୍ନଭଣ୍ଡାର ଏବେ ସଂପୂର୍ଣ୍ଣ ଖାଲି ହୋଇଛି। ଏଏସ୍ଆଇ ଆବଶ୍ୟକ ସ୍କାନିଂ କରି କିଛି ଜିନିଷ ଥିଲେ ସନ୍ଧାନ କରିବେ। ରତ୍ନଭଣ୍ଡାର ଭିତରେ ଆଉ କୌଣସି ଗୁପ୍ତ କୋଠରି ରହିଛି କି ନାହିଁ ଜିପିଆରଏସ୍ ସର୍ବେକ୍ଷଣ ଦ୍ୱାରା ସ୍ପଷ୍ଟ ହୋଇଯିବ। ମରାମତି ପୂର୍ବରୁ ରତ୍ନଭଣ୍ଡାରର ବିସ୍ତୃତ ସର୍ବେକ୍ଷଣ କରାଯିବ। ଆବଶ୍ୟକ ସ୍କାନିଂ ପରେ ଏଏସ୍ଆଇ ମରାମତି କାର୍ଯ୍ୟ କରିବ।

## ସଡ଼କ ଦୁର୍ଘଟଣା ହ୍ରାସ କରିବା ଉପରେ ପ୍ରାଥମିକତା ଦିଆଯାଉଛି : ପରିବହନ ମନ୍ତ୍ରୀ

**ବ୍ରହ୍ମପୁର /ଭୁବନେଶ୍ୱର, ୨୫/୦୮ ନ୍ୟୁଜ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରରେ ଥିବା ସରକାରୀ ଯାନଚାଳନା ପ୍ରଶିକ୍ଷଣ କେନ୍ଦ୍ର ପ୍ରଥମ ବର୍ଷ ପୂରା କରିଛି । ଏହି ଅବସରରେ ପାଲୁର ହିଲ୍ସ ସ୍ଥିତ ତାଲିମ ପ୍ରତିଷ୍ଠାନରେ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗ ଦେଇଥିଲେ । ମନ୍ତ୍ରୀ ଶ୍ରୀ ଜେନା କହିଥିଲେ ଯେ ସଡ଼କ ଦୁର୍ଘଟଣା ହ୍ରାସ କରିବା ଉପରେ ବିଭାଗ ପ୍ରାଥମିକତା ଦେଉଛି । ଏ ଦିଗରେ ସୁବାହକ ପ୍ରଶିକ୍ଷଣ ମହତ୍ୱ ପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ସରକାର ଓ ଘରୋଇ ସହଭାଗିତାରେ ରାଜ୍ୟର ଚାରିଟି ସ୍ଥାନରେ ବିନା ମୂଲ୍ୟରେ ଯାନଚାଳକମାନଙ୍କୁ ପ୍ରଶିକ୍ଷିତ କରାଯାଉଛି । ପୂର୍ବରୁ ଯାଜପୁର ଜିଲ୍ଲା ଛତିଆରେ ପ୍ରଶିକ୍ଷଣ କେନ୍ଦ୍ର ଥିବାବେଳେ ପରବର୍ତ୍ତୀ ସମୟରେ ଗଞ୍ଜାମ ଜିଲ୍ଲାର ପାଲୁର, ସୁନ୍ଦରଗଡ଼ ଜିଲ୍ଲାର ବଣାଇ ଏବଂ କେନ୍ଦୁଝରରେ ଏଭଳି ତାଲିମ କେନ୍ଦ୍ର ପ୍ରତିଷ୍ଠା ହୋଇଛି । ଏହା ବ୍ୟତୀତ ଭୁବନେଶ୍ୱରରେ ରାଜ୍ୟ ସରକାରଙ୍କ ଡ୍ରାଇଭିଂ ଟ୍ରେନିଂ ସ୍କୁଲ ରହିଛି । ସଡ଼କ ସୁରକ୍ଷା ଦିଗରେ ପଦକ୍ଷେପ ସ୍ୱରୂପ ଆଗକୁ ସରକାରୀସ୍ତରରେ ଏଭଳି ପ୍ରତିଷ୍ଠାନ ସଂଖ୍ୟା ବୃଦ୍ଧି କରାଯିବ ବୋଲି ମନ୍ତ୍ରୀ କହିଥିଲେ । ପାଲୁର ପ୍ରତିଷ୍ଠାନ କେନ୍ଦ୍ରଟି ସଫଳତାର ସହ ପ୍ରଥମ ବର୍ଷ ପୂରା କରିଥିବାରୁ ସମସ୍ତ କର୍ମକର୍ତ୍ତା ଓ ଅନ୍ତେବାସୀଙ୍କୁ ମନ୍ତ୍ରୀ ଶ୍ରୀ ଜେନା ଅଭିନନ୍ଦନ ଜଣାଇଛନ୍ତି। ଏହି ଯୋଜନାର ଅଧିକରୁ ଅଧିକ ପ୍ରଚାର ପ୍ରସାର କରି ଅନେକ ଚାଳକଙ୍କୁ ପ୍ରଶିକ୍ଷଣ ପ୍ରକ୍ରିୟାରେ ଯୋଡିବାକୁ ସେ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ପରିବହନ କମିଶନର ଦୀପ୍ତିରଞ୍ଜନ ପାତ୍ର, ଯୁଗ୍ମ ପରିବହନ କମିଶନର ପ୍ରଦୀପ କୁମାର ମହାନ୍ତି, ବିକାଶ ଚୌଧୁରୀ, ପରିବହନ ବିଭାଗର ସ୍ୱତନ୍ତ୍ର ଅଧିକାରୀ ଭ୍ରମର ମହାପାତ୍ର, ଗଞ୍ଜାମ ଆରଟିଓ, ଚାରିଟି ପ୍ରଶିକ୍ଷଣ କେନ୍ଦ୍ରର ପ୍ରିନ୍ସପାଲ, ପ୍ରଶିକ୍ଷଣ ଦେଉଥିବା ଅଶୋକ ଲେଲାଣ୍ଡ କମ୍ପାନୀର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ସୂଚନଯୋଗ୍ୟ ଯେ ଏହି ୪ଟି ତାଲିମ କେନ୍ଦ୍ରରୁ ଅଦ୍ୟାବଧି ବିନା ମୂଲ୍ୟରେ ୫ ହଜାରରୁ ଅଧିକ ନୂତନ ଚାଳକ ଓ ୨୨ ହଜାରରୁ ଅଧିକ ଚାଳକ ରିଫ୍ରେଶର କୋର୍ସ କରିସାରିଲେଣି । କେବଳ ପୁରୁଷ ନୁହେଁ, ମହିଳାମାନେ ମଧ୍ୟ ଏହି ତାଲିମ ନେବାରେ ଆଗ୍ରହ ପ୍ରକାଶ କରିଛନ୍ତି । ଏଥିରୁ ଅନେକ ରାଜ୍ୟ ଓ ଦେଶର ପ୍ରତିଷ୍ଠିତ କମ୍ପାନୀରେ ନିଯୁକ୍ତି ପାଇଛନ୍ତି । ଏପରିକି ୩୦ ଜଣ ଦକ୍ଷ ଚାଳକ ଉତ୍ତମ ସୁବିଧା ସୁଯୋଗରେ ଜାପାନ ଦେଶରେ ଚାକିରି କରିବାକୁ ଚୟନ ହୋଇଛନ୍ତି । କାର୍ଯ୍ୟକ୍ରମର ସ୍ମୃତି ସ୍ୱରୂପ ମନ୍ତ୍ରୀ ଶ୍ରୀ ଜେନା ବୃକ୍ଷରୋପଣ କରିଥିଲେ। ଅନ୍ତେବାସୀ ଓ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।




## ୧୧ ଲକ୍ଷ ନୂଆ 'ଲକ୍ଷପତି ଦିଦି'ଙ୍କୁ ପ୍ରମାଣପତ୍ର ବାଣ୍ଟିଲେ ମୋଦି



**ନୂଆଦିଲ୍ଲୀ, ୨୫/୮**

ଲକ୍ଷପତି ଦିଦିଙ୍କୁ ସମ୍ମାନ । ସୁସ୍ଥ ସମାଜ ଗଠନ ପାଇଁ ସଶକ୍ତ ମୂଳଦୁଆ ପକାଇ ଉଦାହରଣ ସାଜିଥିବା ଓଡ଼ିଶାର ୯୭ ହଜାର ଲକ୍ଷପତି ଦିଦିଙ୍କ ସମେତ ମୋଟ ୧୧ ଲକ୍ଷ ଲକ୍ଷପତି ଦିଦିଙ୍କୁ ପ୍ରମାଣପତ୍ର ପ୍ରଦାନ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକ ପାଇଁ ୨ ହଜାର ୫ ଶହ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଛନ୍ତି ଶ୍ରୀ ମୋଦି । ମହାରାଷ୍ଟ୍ର ଜଲଗାଁଓରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମାତୃଶକ୍ତିକୁ ସଶକ୍ତ ଓ ସ୍ୱାବଲମ୍ବୀ କରିବାକୁ ଏହି ବଡ଼ ଘୋଷଣା କରିଛନ୍ତି ପ୍ରଧାନମନ୍ତ୍ରୀ । ଏହି ଯୋଜନାରେ ଦେଶର ୪ ଲକ୍ଷ ୩ ହଜାର ଏସ୍ଏଚଜିର ୪୮ ଲକ୍ଷ ସଦସ୍ୟା ଉପକୃତ ହେବେ । ଲକ୍ଷପତି ଦିଦି ଯୋଜନାରେ ୨ ଲକ୍ଷ ୩୫ ହଜାର ଏସ୍ଏଚଜିର ୨୫ ଲକ୍ଷ ୮ ହଜାର ସଦସ୍ୟାଙ୍କ ସହାୟତା ପାଇଁ ୫ ହଜାର କୋଟି ଟଙ୍କାର ବ୍ୟାଙ୍କ ଋଣ ବ୍ୟବସ୍ଥା କରିଛନ୍ତି ସରକାର । ଏନଡିଏ ସରକାରର ତୃତୀୟ ପାଳିରେ ଏହି ୧୧ ଲକ୍ଷ ମହିଳା ଲକ୍ଷପତି ଦିଦି ହୋଇଛନ୍ତି । ଦେଶବ୍ୟାପୀ ମହିଳାଙ୍କୁ ସ୍ୱାବଲମ୍ବୀ ହେବାକୁ ଆହ୍ୱାନ ଦେଇଛନ୍ତି ପ୍ରଧାନମନ୍ତ୍ରୀ। ଜଲଗାଁଓରେ ଆୟୋଜିତ ମୁଖ୍ୟ କାର୍ଯ୍ୟକ୍ରମ ସହ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ୩୦ ହଜାର ସ୍ଥାନରୁ ମହିଳାମାନେ ଭର୍ଚ୍ୟୁଆଲ ମୋଡରେ ଯୋଡ଼ି ହୋଇଥିଲେ । 'ଲକ୍ଷପତି ଦିଦି' ଯୋଜନା ଆରମ୍ଭ ହେବା ପରଠାରୁ ଏଯାଏ ଦେଶରେ ୧ କୋଟି ମହିଳା 'ଲକ୍ଷପତି ଦିଦି' ହୋଇସାରିଛନ୍ତି ।

### ପୁରୀରେ ସ୍ୱସ୍ତି ପ୍ରିମିୟମ୍ 'ବିଚ୍ ରିସର୍ଟ୍ସ'ର ଉଦ୍‌ଘାଟନ କଲେ କେନ୍ଦ୍ରମନ୍ତ୍ରୀ

## ଖୁବ୍ ଶୀଘ୍ର 'କୋଷ୍ଟାଲ ହାଇୱେ' କାମ ଆରମ୍ଭ ହେବ

**ପୁରୀ, ୨୫/୮ ନ୍ୟୁଜ ବ୍ୟୁରୋ**

ଅପାର ସମ୍ଭାବନାର ରାଜ୍ୟ ଓଡ଼ିଶାରେ ଆତିଥେୟତା ଶିଳ୍ପ, ଅନୁକୂଳ ବ୍ୟବସାୟିକ ଓ ସାମାଜିକ ବାତାବରଣକୁ ବଢ଼ାଇବା ପାଇଁ ପାରଦର୍ଶୀତାର ସହ ୱେଲଥ୍ କ୍ରିଏସନ ନ କଲେ ସମାଜରେ ନୂଆ ନିଯୁକ୍ତି ସୃଷ୍ଟି ହେବ ନାହିଁ ବୋଲି ରବିବାର ପୁରୀ ଠାରେ ସ୍ୱସ୍ତି ପ୍ରିମିୟମ୍ ବିଚ୍ ରିସର୍ଟ୍ସର ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେ କହିଛନ୍ତି ଯେ, ଓଡ଼ିଶାରେ ପର୍ଯ୍ୟଟନର ଅପାର ସମ୍ଭାବନା ଅଛି । ମାତ୍ର ବ୍ୟବସାୟିକ ବାତାବରଣ ଏବଂ ସଠିକ୍ ରଣନୈତିକ ଯୋଜନା ନଥିବାରୁ ଆମେ ଓଡ଼ିଶାକୁ ରାଜସ୍ଥାନ ଭଳି ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରିପାରୁନାହୁଁ । ଆମକୁ ଯୋଜନାଭିତ୍ତିକ ଭାବରେ ବ୍ୟବସାୟର ଏକ ପରିସଂସ୍ଥାନ ତିଆରି କରିବା ପାଇଁ ହେବ । ହୋଟେଲ୍ ସ୍ୱସ୍ତି ହେଉ କିମ୍ବା ମୟୂରଭଞ୍ଜ ଜିଲ୍ଲାର ବାରିପଦାରେ ଥିବା ବେଲଗାଡିଆ ପ୍ୟାଲେସ ହେଉ, ଏ ସବୁକୁ ଦେଖିଲେ ଓଡ଼ିଆ ଲୋକମାନେ



ପର୍ଯ୍ୟଟନଭିତ୍ତିକ ଶିଳ୍ପକୁ ପ୍ରୋତ୍ସାହନ ଦେବାର ବଡ ଯୋଜନା ତିଆରି କରିପାରିବେ ବୋଲି ମନରେ ଆକାଂକ୍ଷା ଜାତ ହୋଇଥାଏ । ସେହିପରି ଯେଉଁ ଅଞ୍ଚଳ ସ୍ୱଚ୍ଛ ହେବ ନାହିଁ ସେଠାରେ ଯେତେ ଭିତ୍ତିଭୂମି ତିଆରି କଲେ ମଧ୍ୟ କାମରେ ଆସିବ ନାହିଁ । ପର୍ଯ୍ୟଟନ ଭିତ୍ତିଭୂମି ସୃଷ୍ଟି ପାଇଁ ସ୍ୱଚ୍ଛତାକୁ ଗୁରୁତ୍ୱ ଦେବା ଜରୁରୀ । କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ଚଳିତ ବଜେଟରେ ଓଡ଼ିଶାର ପର୍ଯ୍ୟଟନ ଶିଳ୍ପକୁ ମଜଭୂତ୍ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । 'ପୂର୍ବୋଦୟ' କଳ୍ପନାରେ ଓଡ଼ିଶାର ବିକାଶ ସହ ବହୁ ପ୍ରତୀକ୍ଷିତ 'କୋଷ୍ଟାଲ ହାଇୱେ'ର କାମ ଖୁବ୍ ଶୀଘ୍ର ଆରମ୍ଭ କରିବା ନେଇ ମୋଦି ସରକାର ଯୋଜନା କରୁଛନ୍ତି । କୋଷ୍ଟାଲ ହାଇୱେ ନୂଆ ଓଡ଼ିଶାର ଜୀବନରେଖା ହେବ । ବର୍ତ୍ତମାନ ସମୟରେ ଆମକୁ ରାଜପଥ, ଜଳପଥ, ବନ୍ଦର, ବିମାନବନ୍ଦର ଭିତ୍ତିଭୂମିକୁ ବଢାଇ ନିଯୁକ୍ତି ଓ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ କରିବାକୁ ହେବ । ଆତିଥେୟତା ଏବଂ ସେବା ଶିଳ୍ପ ମାଧ୍ୟମରେ ପର୍ଯ୍ୟଟନ ଶିଳ୍ପକୁ ତ୍ୱରାନ୍ୱିତ କରିବାକୁ ହେବ। ଓଡ଼ିଶାରେ ଆତିଥେୟତା ଶିଳ୍ପକୁ ବଢାଇବା ପାଇଁ ବିଜେପି ସରକାର ପ୍ରାଥମିକତା ଦେଉଛି। ଆତିଥେୟତା ଶିଳ୍ପ ରୋଜଗାର ସୃଷ୍ଟି କରିବାର ବଡ ମାଧ୍ୟମ । ରାଜ୍ୟର ଭୌଗୋଳିକ ସ୍ଥିତିର ସୁଯୋଗକୁ ବ୍ୟବହାର କରି ଯେପରି ଆମେ ସମସ୍ତେ ନୂଆ ଓଡ଼ିଶା ଗଠନରେ ସାମୂହିକ ଦାୟିତ୍ୱ ନେବା, ତାହା ଆମର ସଂକଳ୍ପ ହେଉ । ସ୍ୱସ୍ତି ପ୍ରିମିୟମ୍ ବିଚ୍ ରିସର୍ଟ୍ସର ଉଦ୍‌ଘାଟନ ଅବସରରେ ସ୍ୱସ୍ତି ଗ୍ରୁପକୁ ଅଭିନନ୍ଦନ ଜଣାଇବା ସହ ଓଡ଼ିଶାର କଳା ଏବଂ ଐତିହ୍ୟର ଛାପ ଥିବା ଏହି ହୋଟେଲ୍ ପୁରୀର ଆତିଥେୟତା ଓ ସେବା ଶିଳ୍ପ କ୍ଷେତ୍ରରେ ନୂଆ ପରିଚୟ ତିଆରି କରିବ ବୋଲି ଶ୍ରୀ ପ୍ରଧାନ କହିଥିଲେ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଓ କେଭି ସିଂହଦେଓ, ରାଜ୍ୟ ଆଇନ, ପୂର୍ତ୍ତ, ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସାଂସଦ ସମ୍ବିତ୍ ପାତ୍ର ଏବଂ ପୁରୀ, ବ୍ରହ୍ମଗିରି ଓ ଏକାମ୍ର ଭୁବନେଶ୍ୱର ବିଧାୟକ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

### ଶଙ୍ଖ ଭବନରେ ବିଜେଡ଼ିର ନବ ନିର୍ବାଚିତ ବିଧାୟକଙ୍କ ପ୍ରଶିକ୍ଷଣ ଶିବିର

## ଓଡ଼ିଶା ଓ ଓଡ଼ିଶାବାସୀଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ଲଢେଇ ଜାରି ରଖିବାକୁ ନବୀନଙ୍କ ଆହ୍ୱାନ

**ଭୁବନେଶ୍ୱର ୨୫/୮ ନ୍ୟୁଜ ବ୍ୟୁରୋ**

ଶଙ୍ଖ ଭବନରେ ରବିବାର ଅନୁଷ୍ଠିତ ହୋଇଛି ବିଜେଡିର ନବନିର୍ବାଚିତ ବିଧାୟକମାନଙ୍କ ପାଇଁ ଦିନିକିଆ ପ୍ରଶିକ୍ଷଣ ଶିବିର। ନବ ନିର୍ବାଚିତ ବିଧାୟକଙ୍କ ସହ ବିଜେଡିର ସମସ୍ତ ବିଧାୟକ, ପୂର୍ବତନ ବିଧାୟକ, ସାଂସଦମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପୂର୍ବାହ୍ନରେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଓଡ଼ିଶା ତଥା ଓଡ଼ିଶାବାସୀଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଲଢେଇ ଜାରି ରଖିବାକୁ ଦଳର ବିଧାୟକମାନଙ୍କୁ ଆହ୍ୱାନ ଜଣାଇଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ଗଣତନ୍ତ୍ରରେ ସରକାରଙ୍କ ଯେତିକି ଦାୟିତ୍ୱ ରହିଛି ବିରୋଧୀ ଦଳର ତା'ଠାରୁ ଅଧିକ ଦାୟିତ୍ୱ ରହିଛି। ବିରୋଧୀ ଦଳ ହିଁ ଗଣତନ୍ତ୍ରର ଶ୍ରେଷ୍ଠ ସୁରକ୍ଷାକାରୀ ବୋଲି ଶ୍ରୀ ପଟ୍ଟନାୟକ ମତ ଦେଇ ଲୋକଙ୍କ ସ୍ୱାର୍ଥ ଜଡିତ ବିଷୟକୁ ପ୍ରାଥମିକତା ଦେଇ ବିଧାନସଭାରେ ଉଠାଇବାକୁ ବିଧାୟକମାନଙ୍କୁ ସେ ପରାମର୍ଶ ଦେଇଥିଲେ। ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଆମର ନୂଆ ବିଧାୟକମାନଙ୍କୁ ବିଧାନସଭାର ନୀତି ନିୟମ ଏବଂ କାର୍ଯ୍ୟ ପରିଚାଳନା ବିଷୟରେ ସମ୍ୟକ ଜ୍ଞାନ ଦେବା ଏ ତାଲିମ ଶିବିରର ମୁଖ୍ୟ ଉଦ୍ଦେଶ୍ୟ। କେବଳ ଗୃହ ପରିଚାଳନା ନୁହେଁ ସରକାରଙ୍କୁ ଉତ୍ତରଦାୟୀ କରିବାରେ ମଧ୍ୟ ଗୃହର ନୀତି ନିୟମ ହେଉଛି ଅସ୍ତ୍ର। ତେଣୁ ବିଧାୟକ ଭାବରେ ନିଜ ଦାୟିତ୍ୱକୁ ନିର୍ବାହ କରିବା ପାଇଁ ଗୃହର ନୀତି ନିୟମ ସହ ବିଭିନ୍ନ ସଂସଦୀୟ ପରମ୍ପରା ଆଦି ଉପରେ ବିଶେଷ ଧ୍ୟାନ ଦେବା ଉପରେ ଶ୍ରୀ ପଟ୍ଟନାୟକ ଗୁରୁତ୍ୱ ଆରୋପ କରିଥିଲେ। ମୁଲତବି ପ୍ରସ୍ତାବ, ଦୃଷ୍ଟିଆକର୍ଷଣକାରୀ ପ୍ରସ୍ତାବ, ପ୍ରଶ୍ନୋତ୍ତର,ଶୂନ୍ୟକାଳ ଆଦି ଜରିଆରେ ସରକାରଙ୍କୁ ଉତ୍ତରଦାୟୀ କରିବା ସହ ବିଭିନ୍ନ କମିଟି କାର୍ଯ୍ୟରେ ମଧ୍ୟ ସକ୍ରିୟ ଭାବରେ ଅଂଶଗ୍ରହଣ କରିବା ଉପରେ ଶ୍ରୀ ପଟ୍ଟନାୟକ ଗୁରୁତ୍ୱ ଆରୋପ କରିଥିଲେ। ଏହା ସହିତ ନୂଆ ବିଧାୟକମାନଙ୍କୁ ମାର୍ଗ ଦର୍ଶନ ଦେବା ପାଇଁ ଶ୍ରୀ ପଟ୍ଟନାୟକ ବରିଷ୍ଠ ବିଧାୟକମାନଙ୍କୁ ପରାମର୍ଶ ଦେଇଥିଲେ। ସଂସଦୀୟ ଶାସନ ବ୍ୟବସ୍ଥା ସମ୍ପର୍କରେ ଆମ ସମ୍ବିଧାନର ଜନକ ଡ଼କ୍ଟର ବି.ଆର ଆମ୍ବେଦକରଙ୍କ ମତ ଉଦ୍ଧୃତ କରି ବିରୋଧୀ ଦଳ ନେତା କହିଥିଲେ ଯେ ସଂସଦୀୟ ଶାସନ ବ୍ୟବସ୍ଥା ଉତ୍ତରଦାୟୀ ହୋଇଥିବାରୁ ରାଷ୍ଟ୍ରପତି ଶାସନ ବ୍ୟବସ୍ଥା ଠାରୁ ଏହା ଉତ୍ତମ। ବିଧାନସଭା ଦ୍ୱାରା ଆୟୋଜିତ ତାଲିମ ଶିବିର ଆୟୋଜନରେ ରାଜନୈତିକ ଅଭିସନ୍ଧି ଥିଲା। ତା'ସହିତ ସେ କାର୍ଯ୍ୟକ୍ରମରେ ଆମ ମୁଖ୍ୟମନ୍ତ୍ରୀଙ୍କ ସମ୍ମାନ ଓ ମର୍ଯ୍ୟାଦା ନିଜ ରାଜ୍ୟରେ କ୍ଷୁର୍ଣ୍ଣ ହୋଇଥିବା ଅନୁଭବ କରି ବିଜେଡି ସେ କାର୍ଯ୍ୟକ୍ରମରୁ ଦୂରେଇ ରହିଥିଲା ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ୫୧ ବିଧାୟକଙ୍କୁ ନେଇ ବିଜେଡି ଆଜି ଏକ ଶକ୍ତିଶାଳୀ ବିରୋଧୀ ଦଳ ଭାବରେ କାର୍ଯ୍ୟ କରୁଛି, ତେଣୁ ସରକାରଙ୍କୁ ଉତ୍ତରଦାୟୀ କରିବା ପାଇଁ କୌଣସି ସୁଯୋଗ ଆମେ ହାତଛଡା ନ କରିବାକୁ ଶ୍ରୀ ପଟ୍ଟନାୟକ ଆହ୍ୱାନ ଜଣାଇଥିଲେ। ରାଜ୍ୟ ସ୍ତରୀୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ, ଉପମୁଖ୍ୟ ସଚେତକ ପ୍ରତାପ ଦେବ ପ୍ରମୁଖ ଶିବିରର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ବିଜୁ ବାବୁ ଓ ଡ଼କ୍ଟର ବି.ଆର ଆମ୍ବେଦକରଙ୍କ ଫଟୋ ଚିତ୍ରରେ ଶ୍ରୀ ପଟ୍ଟନାୟକ ମାଲ୍ୟାର୍ପଣ କରିଥିଲେ।








## ବୈଜ୍ଞାନିକ ସନ୍ଦୀପ ମିଶ୍ରଙ୍କ ସନ୍ଦେହଜନକ ମୃତ୍ୟୁ : ଘରୁ ମିଳିଲା ମୃତଦେହ

**ଭୁବନେଶ୍ୱର, ୨୫/୮ ନ୍ୟୁଜ ବ୍ୟୁରୋ**

ଜୀବବିଜ୍ଞାନ ସଂସ୍ଥାନ (ଆଇଏଲ୍ଏସ୍) ବୈଜ୍ଞାନିକ ସନ୍ଦୀପ ମିଶ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଭୁବନେଶ୍ୱର ସ୍ଥିତ ସତ୍ୟନଗର ଘରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି । କେଉଁ କାରଣରୁ ସନ୍ଦୀପ ମିଶ୍ରଙ୍କ ମୃତ୍ୟୁ ହେଲା ତାହା ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପୋଲିସ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି । ଅନ୍ୟପଟେ ମୃତ୍ୟୁର କାରଣ ହୃଦଘାତ ହୋଇଥିବା ସନ୍ଦୀପଙ୍କ ଶାଳୀ କହିଛନ୍ତି । ସ୍ତନ କର୍କଟ ରୋଗ ଚିକିତ୍ସା କ୍ଷେତ୍ରରେ ବୈଜ୍ଞାନିକ ସନ୍ଦୀପ ମିଶ୍ରଙ୍କ ଉଲ୍ଲେଖନୀୟ ଭୂମିକା ରହିଥିଲା । ମୃତ ସନ୍ଦୀପଙ୍କ ଶାଳୀ ରାଜଲକ୍ଷ୍ମୀ ମଜୁମଦାର ପ୍ରତିକ୍ରିୟା ରଖି କହିଛନ୍ତି ଯେ, 'ଦିନକ ପୂର୍ବରୁ ସେ ଚିକେନ ଖାଇବା ପରେ ଅସୁସ୍ଥତା ଅନୁଭବ କରିଥିଲେ । ଶନିବାର ସକାଳ ୫ଟା ସମୟରେ ସେ ହସ୍ପିଟାଲକୁ ଯାଇଥିଲେ । ଇସିଜି କରିଥିଲେ, ବ୍ଲଡ଼ ଟେଷ୍ଟ କରିଥିଲେ। ଦିନ ତମାମ ମେଡ଼ିକାଲରେ ଟ୍ରିଟମେଣ୍ଟ ହୋଇ ସନ୍ଧ୍ୟାରେ ଫେରିଥିଲେ । ରାତି ପ୍ରାୟ ୧୦ଟା ୩୦ରେ ନିଃଶ୍ୱାସ ପ୍ରଶ୍ୱାସ ନେବାରେ ସମସ୍ୟା ହେବାରୁ ତାଙ୍କୁ ୬ନମ୍ବର ମେଡିକାଲ ନିଆଯାଇଥିଲା । ଚିକିତ୍ସିତ ହେଉଥିବା ସମୟରେ ଶନିବାର ରାତି ୧ଟା ୩୦ରେ ହାର୍ଟଚୋକ ହୋଇ ମୃତ୍ୟୁ ହୋଇଛି ।'' ଅନ୍ୟପଟେ ସେ ଅସୁସ୍ଥ ଥିବା କିମ୍ବା ଚିକିତ୍ସିତ ହୋଇ ଫେରିଥିବା କଥା ପୋଲିସ ପକ୍ଷରୁ କୁହାଯାଇନି । ପୋଲିସ କୌଣସି କାରଣକୁ ସାମ୍ନାକୁ ନଆଣି ତଦନ୍ତ ଆରମ୍ଭ କରିଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିପାରେ ।



## ଯୁବକଙ୍କୁ ଖଣ୍ଡାରେ ହାଣି ହତ୍ୟା: ମୁକୁନ୍ଦ ପ୍ରସାଦରେ ପୋଡାଜଳା, ୭ ପ୍ଲାଟୁନ ଫୋର୍ସ ମୁତୟନ

**ଖୋର୍ଦ୍ଧା, ୨୫/୮ ନ୍ୟୁଜ ବ୍ୟୁରୋ**

ଦିନ ଦ୍ୱିପ୍ରହରରେ ଖୋର୍ଦ୍ଧା ମୁକୁନ୍ଦପ୍ରସାଦରେ ହତ୍ୟାକାଣ୍ଡ ଘଟିଛି। ଦିନ ଦ୍ୱିପ୍ରହରରେ ଯୁବକଙ୍କୁ ଖଣ୍ଡାରେ ହାଣି ହତ୍ୟା କରିଛନ୍ତି ଦୁର୍ବୃତ୍ତ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ହତ୍ୟାକାଣ୍ଡ ଘଟିଥିବା ଜଣାପଡିଛି। ସଂଘବଦ୍ଧ ଭାବେ ଗୋଡାଇ ଗୋଡାଇ ଆକ୍ରମଣ କରି ହତ୍ୟା କରିଛନ୍ତି ଦୁର୍ବୃତ୍ତ। ମୃତକ ମୁକୁନ୍ଦପ୍ରସାଦର ଶେଖ୍ ସାଜିଦ ବୋଲି ଜଣାପଡ଼ିଛି। ଖୋର୍ଦ୍ଧା ହସ୍ପିଟାଲରେ ରହିଛି ଶେଖ ସାଜିଦଙ୍କ ମୃତଦେହ। ଦୁଇ ଗୋଷ୍ଠୀ ଭିତରେ ପୂର୍ବରୁ ରହିଥିଲା ତିକ୍ତତା। ଏହାକୁ ନେଇ ରବିବାର ଗ୍ୟାରେଜ ଭିତରେ ପଶି ଦୁର୍ବୃତ୍ତମାନେ ଶେଖ୍ ସାଜିଦକୁ ହାଣିଛନ୍ତି। ଗତ କିଛି ଦିନ ତଳେ ମୁକୁନ୍ଦପ୍ରସାଦରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ରବିବାର ଦିନ ଘଟିଥିବା ଏହି ହତ୍ୟାକାଣ୍ଡ ପଛରେ ପୂର୍ବର ଗୋଷ୍ଠୀ ସଂଘର୍ଷ କାରଣ ବୋଲି କୁହାଯାଉଛି। ଏହି ହତ୍ୟାକାଣ୍ଡ ପରେ ଖୋର୍ଦ୍ଧା ପରିସ୍ଥିତି ଅଣାୟତ ହୋଇପଡିଛି। ମୃତକଙ୍କ ପକ୍ଷ ଗୋଷ୍ଠୀ ପାଲଟା ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଥିବା ଖବର ମିଳିଛି। ଟାୟାର ଜାଳି ଏହି ଗୋଷ୍ଠୀ ବିଭିନ୍ନ ସ୍ଥାନରେ ରାସ୍ତା ରୋକ କରିଛି। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ପକ୍ଷରୁ ୭ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛି । ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ସଶସ୍ତ୍ର ପୋଲିସ ମୁତୟନ ହୋଇଛନ୍ତି।

## ଦୁଇ ଝିଅଙ୍କ ତଣ୍ଟି କାଟି ଦେଲା ସାବତ ବାପା

**ବେଙ୍ଗାଲୁର, ୨୫/୮**

ଘର ଭିତରେ ଜଘନ୍ୟକାଣ୍ଡ ଘଟାଇଛି ଜଣେ ସାବତ ବାପା। ସେ ତା'ର ୨ ଝିଅଙ୍କ ତଣ୍ଟି କାଟି ହତ୍ୟା କରିଛି। ଦୁଇ ଝିଅଙ୍କୁ ହତ୍ୟା କରିବା ପରେ ସାବତ ବାପା ମୋହନ ଫେରାର ହୋଇଯାଇଛି । ବେଙ୍ଗାଲୁରୁ ପୁଲିସ୍ ଘର ଭିତରୁ ୧୪ ବର୍ଷୀୟ ସୃଷ୍ଟି ଓ ୧୬ ବର୍ଷୀୟ ସୋନିଙ୍କ ରକ୍ତାକ୍ତ ମୃତଦେହଙ୍କୁ ଉଦ୍ଧାର କରିଛି ।

ଦୁଇ ଭଉଣୀଙ୍କ ମା' ଅନୀତା ୩ ବର୍ଷ ତଳେ ମୋହନଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ହେଲେ ଅନୀତା ଓ ମୋହନଙ୍କ ମଧ୍ୟରେ ବିଭିନ୍ନ କାରଣରୁ ନିୟମିତ ଝଗଡ଼ା ହେଉଥିଲା। ମୋହନ ଜଣେ କ୍ରୋଧ ପ୍ରବୃତିର ବ୍ୟକ୍ତି। ସେ ଛୋଟ ଛୋଟ କଥାରେ ରାଗି ଯାଆନ୍ତି। ଉତ୍ତର ପୂର୍ବ ଡିସିପି ସଜୀତ ଭିଜେ କହିଛନ୍ତି ଯେ ସିସିଟିଭି ଫୁଟେଜରୁ ସ୍ପଷ୍ଟ ହୋଇଛି ଯେ ମୋହନ ଏକମାତ୍ର ବ୍ୟକ୍ତି ଭାବେ ଘର ଭିତରକୁ ଯାଉଛି ଓ ଘର ଭିତରୁ ବାହାରୁଛି। ତେଣୁ ସେ ହିଁ ମୁଖ୍ୟ ଅଭିଯୁକ୍ତ। ଅନୀତା ଅଭିଯୋଗ କରିଛନ୍ତି ଯେ, ଦୁଇ ଝିଅ ସେମାନଙ୍କ ସ୍କୁଲର ପୁଅମାନଙ୍କ ସହ କଥା ହେଉଥିବାରୁ ମୋହନ ଏହାକୁ ଘୋର ବିରୋଧ କରୁଥିଲେ। ସେମାନେ ସ୍କୁଲରେ ପୁଅମାନଙ୍କ ପାଖରେ ବସନ୍ତୁ ବୋଲି ମଧ୍ୟ ମୋହନ ଚାହୁଁ ନଥିଲେ। ଏହାକୁ ନେଇ ସେ ସବୁବେଳେ ଝିଅମାନଙ୍କୁ ବିଭିନ୍ନ ପ୍ରକାରର କଥା କହୁଥିଲେ ବୋଲି ଅନୀତା କହିଛନ୍ତି। ସେ ଆହୁରି କହିଛନ୍ତି ଯେ, "ମୁଁ ଘର ଭିତରେ ପ୍ରବେଶ କରିବା ବେଳକୁ ପୂରା ରକ୍ତର ସୁଅ ଛୁଟିଥିଲା। ମୋ ଦୁଇ ଝିଅ ତଳେ ପଡ଼ି ରହିଥିଲେ। ସେମାନଙ୍କ ତଣ୍ଟି କଟା ଯାଇଥିଲା। ମୋହନ ସବୁବେଳେ ଦୁଇ ପିଲାଙ୍କ ଉପରେ ରାଗୁ ଥିଲେ। ଘଟଣା ପରେ ଫେରାର ହୋଇଯାଇଥିବା ମୋହନଙ୍କୁ ଧରିବା ପାଇଁ ପୁଲିସ ଉଦ୍ୟମ ଜାରି ରଖିଛି।



## ରାଜ୍ୟରେ ୨୪ ଶହ ଉପରେ ଡେଙ୍ଗୁ ରୋଗୀ : ଭୁବନେଶ୍ୱର ଓ ସୁନ୍ଦରଗଡ ପାଲଟିଛି ହଟ୍‌ସ୍ପଟ

**ଭୁବନେଶ୍ୱର, ୨୫/୮ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ୨୪ ଶହ ଟପିଛି ଡେଙ୍ଗୁ ମାମଲା । ବିଶେଷକରି ସୁନ୍ଦରଗଡ ଓ ଭୁବନେଶ୍ୱର ଡେଙ୍ଗୁ ହଟ୍‌ସ୍ପଟ ପାଲଟିଛି । ସୁନ୍ଦରଗଡ ଜିଲ୍ଲାରେ ସବୁଠୁ ଅଧିକ ୭୨୭ ଜଣ ଡେଙ୍ଗୁ ରୋଗୀ ରହିଛନ୍ତି । ଏହାପଛକୁ ଭୁବନେଶ୍ୱର, କଟକ ଓ ବଲାଙ୍ଗୀରରେ ଅଧିକ ମାମଲା ରହିଛି। ତେବେ ରାଜ୍ୟରେ ଗତବର୍ଷ ଅପେକ୍ଷା ଏ ବର୍ଷ ରୋଗୀଙ୍କ ସଂଖ୍ୟା କମ୍ ରହିଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ମୋଟ ୨,୪୭୧ଟି ମାମଲା ରହିଥିବା ସୂଚନା ଦେଇଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର। ସେଥିମଧ୍ୟରୁ ଖୋର୍ଦ୍ଧା ଜିଲ୍ଲାରେ ୫୯୫ ରୋଗୀ ରହିଥିବାବେଳେ କଟକ, ବଲାଙ୍ଗୀର ଓ ବାଲେଶ୍ୱର ଜିଲ୍ଲାରେ ରୋଗୀ ସଂଖ୍ୟା ଶହେ ଉପରେ ରହିଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ଥିତି ଉପରେ ନଜର ରଖାଯାଇଛି । ଏନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର କହିଛନ୍ତି ଯେ, 'ଡେଙ୍ଗୁ ଆକ୍ରାନ୍ତ ଲୋକମାନେ ଘର ଭିତରେ ରହୁଛନ୍ତି । ଡାକ୍ତରଙ୍କ ପରାମର୍ଶ ନେଉନାହାନ୍ତି । ଘର ଚାରିପଟରେ ସଫାସୁତୁରା ରଖୁନାହାନ୍ତି କିମ୍ବା ପାଣି ଜମିଥିବା ସ୍ଥାନ ମଧ୍ୟ ପରିଷ୍କାର କରୁନାହାନ୍ତି । ଏମିତିରେ ଡେଙ୍ଗୁ ବ୍ୟାପିବାର ସମ୍ଭାବନା ଅଧିକ ରହିଥାଏ । ତେଣୁ ଡେଙ୍ଗୁକୁ ପ୍ରତିହତ କରିବା ପାଇଁ ହେଲେ ଲୋକମାନଙ୍କ ସହଯୋଗ ନିହାତି ଆବଶ୍ୟକ ।'' ବର୍ଷା ଦିନରେ ଡେଙ୍ଗୁ, ମ୍ୟାଲେରିଆ ସହ ଭାଇରାଲ ଜ୍ୱର ଅଧିକ ମାତ୍ରାରେ ଦେଖିବାକୁ ମିଳିଥାଏ । ଚଳିତ ବର୍ଷ ବି ଡେଙ୍ଗୁ, ମ୍ୟାଲେରିଆ ଓ ଭାଇରାଲ ଜ୍ୱରର ପ୍ରାଦୁର୍ଭାବ ଦେଖିବାକୁ ମିଳିଛି, ଯାହାକୁ ନେଇ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ । ସେ କହିଛନ୍ତି, ଯଦି ଜ୍ୱର ହେଉଛି ତେବେ ସଙ୍ଗେ ସଙ୍ଗେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ଏବଂ ରକ୍ତ ପରୀକ୍ଷା କରନ୍ତୁ । ଏହି ବର୍ଷା ଋତୁରେ ଛୋଟ ପିଲାଙ୍କୁ ଅଧିକ ଥଣ୍ଡା ଜ୍ୱର ହୋଇଥାଏ। ପ୍ରତ୍ୟେକ ରୋଗ ପାଇଁ ପ୍ରତିରୋଧକ ବ୍ୟବସ୍ଥା କରାଯାଇଛି। ଯେଉଁମାନଙ୍କୁ ଥଣ୍ଡା ଜ୍ୱର ହେଉଛି ସେମାନେ ସବୁ ସମୟରେ ମାସ୍କ ପିନ୍ଧିବା ଆବଶ୍ୟକ । ଏପରିକି ଯେଉଁମାନେ ରୋଗୀର ସଂସ୍ପର୍ଶରେ ଆସୁଛନ୍ତି ସେମାନେ ବି ମାସ୍କ ବ୍ୟବହାର କରନ୍ତୁ । ଏହାସହ ଭଲ ଭାବରେ ହାତ ଧୋଇବେ, ଯେମିତି କୋରୋନା ସମୟରେ ସଚେତନ ରହୁଥିଲେ ସେହିଭଳି ରହିବା ଆବଶ୍ୟକ ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ । ଡେଙ୍ଗୁ ପାଇଁ ମଧ୍ୟ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ । ଘର ଚାରିପାଖରେ ପାଣି ଜମିବାକୁ ଦିଅନ୍ତୁ ନାହିଁ । ସବୁବେଳେ ଫୁଲ ସାର୍ଟ ପିନ୍ଧିବାକୁ ଚେଷ୍ଟା କରନ୍ତୁ । ଯେମିତି ଦିନରେ କୌଣସି ମଶା ନ କାମୁଡ଼ନ୍ତି, ସେଥିପ୍ରତି ସଚେତନ ଦରକାର । ଯଦି ଜ୍ୱର, ଦେହ ହାତ ଘୋଳାବିନ୍ଧା ଏବଂ ବାନ୍ତି ହେଉଛି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଇ ରକ୍ତ ପରୀକ୍ଷା ଓ ଚିକିତ୍ସା କରିବା ଆବଶ୍ୟକ। ଦୁଇରୁ ତିନି ଦିନ ମଧ୍ୟରେ ଜ୍ୱର ଭଲ ନହେଲେ ରକ୍ତ ପରୀକ୍ଷା କରିବାକୁ ପରାମର୍ଶ ଦିଆଯାଇଛି ।



